

‘ଫୌଜି’ରେ ଅଭିଷେକ

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-91 •WEDNESDAY •24 SEPTEMBER 2025 •PAGE-12 •₹ 6.00 | JEYPORE | •ବର୍ଷ-୪୩ •ସଂଖ୍ୟା-୯୧ •ବୁଧବାର •୨୪ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା / ଗୃହରେ ବିରୋଧ, ବାହାରେ ବିକ୍ଷୋଭ

## ବିଧାନସଭା ଅଚଳ

■ **ଭୁବନେଶ୍ୱର, ୨୩।୯ (ସମିସ):** କ୍ରମାଗତ ଚତୁର୍ଥ ଦିନ ପାଇଁ ଅଚଳ ହୋଇଛି ବିଧାନସଭା। ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଜନ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇଥିବାରୁ ଏହାର ପ୍ରତିବାଦରେ ବିଜେଡି ସଦସ୍ୟ ମଙ୍ଗଳବାର ପ୍ରବଳ ହଟ୍ଟଗୋଳ କରିଛନ୍ତି। ପ୍ଲାକାର୍ଡ ଓ ପୋଷ୍ଟର ପ୍ରଦର୍ଶନ ସହ ରାଜ୍ୟ ସରକାର ରାଜ୍ୟର ପଞ୍ଚାୟତିରାଜ ବ୍ୟବସ୍ଥାର ତଣ୍ଟି ଚିପିଥିବା ସ୍ଲୋଗାନ ଦେଇ ଗୃହ କମ୍ପାଇଛନ୍ତି। ସେହିପରି କଂଗ୍ରେସ ବିଧାୟକମାନେ ମଧ୍ୟ ନିଜ ନିଜ ଆସନରେ ଛିଡ଼ା ହୋଇ ପ୍ରତିବାଦ କରିଛନ୍ତି। ପ୍ରଥମାର୍ଦ୍ଧ ମାତ୍ର ୨୦ ମିନିଟ ଚାଲିଥିବା ବେଳେ ଅପରାହ୍ନରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଦିନତମାମ ଉଭୟ ବିରୋଧୀ ଗୃହକାର୍ଯ୍ୟରେ ଭାଗ ନେଇ ନ ଥିବା ବେଳେ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଧେୟକ ବିନା ଆଲୋଚନାରେ ଗୃହୀତ ହୋଇଛି।



### ବିନା ବିରୋଧୀରେ ବିଶ୍ୱବିଦ୍ୟାଳୟ ବିଧେୟକ ଗୃହୀତ

ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡିର ବିଧାୟକମା ।।ନେ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ରାଜ୍ୟ ସରକାର ହତ୍ୟା କରୁଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥାକୁ କୁଠାରଘାତ ଚଳିବ ନାହିଁ, ବିଜେପି ସରକାର ହାଏ ହାଏ ନାରାରେ ଗୃହ କମ୍ପାଇଥିଲେ ବିଜେଡି ସଦସ୍ୟ। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ଗୃହ ଅଚଳାବସ୍ଥା ପାଇଁ ବିଜେଡି-ବିଜେପିକୁ ଦାୟୀ କରିଥିଲେ। ବିରୋଧୀଙ୍କ ପ୍ରବଳ ହୋ ହଲ୍ଲା ମଧ୍ୟରେ ତିନୋଟି ତାରକା ପ୍ରଶ୍ନର ଆଲୋଚନା ମଧ୍ୟ ହୋଇଥିଲା। ପ୍ରଶ୍ନକାଳରେ ଗୃହ ମାତ୍ର ୨୦ ମିନିଟ ଚାଲିବା ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ସମାନ ପ୍ରସଙ୍ଗକୁ ନେଇ ବିଧାନସଭାରେ ନାରାବାଜି କରିଥିଲା। ଅପରପକ୍ଷେ ▶ପୃଷ୍ଠା-୧୦

## ସରକାରଙ୍କ ବିରୋଧରେ ପୁଣି ଅନାସ୍ଥା | ଖାରଜ କଲେ ବାଚସ୍ପତି, କଂଗ୍ରେସର ତୀବ୍ର ପ୍ରତିବାଦ

■ **ଭୁବନେଶ୍ୱର, ୨୩।୯ (ସମିସ):** ସୋମବାର କଂଗ୍ରେସର ଅନାସ୍ଥା ନୋଟିସ୍ ବାଚସ୍ପତି ଅଗ୍ରାହ୍ୟ ହେବା ପରେ ମଙ୍ଗଳବାର ପୁଣି ସରକାରଙ୍କ ବିରୋଧରେ ଅନାସ୍ଥା ଆଣିଛି କଂଗ୍ରେସ। ଦଳ ପକ୍ଷରୁ ଏହି ନୋଟିସ ବାଚସ୍ପତିଙ୍କୁ ପ୍ରଦାନ କରାଯାଇଛି। ମାତ୍ର ୬ ମାସ ମଧ୍ୟ ଗୋଟିଏ ରାଜନୈତିକ ଦଳ ଦୁଇଥର ଅନାସ୍ଥା ଆଣିପାରିବ ନାହିଁ ବୋଲି ଦର୍ଶାଇ ବାଚସ୍ପତି ଏହାକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଏହାର ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗରେ ହୋ ହାଲ୍ଲା କରିବା ସହ କକ୍ଷତ୍ୟାଗ କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ତରଫରୁ ବିଧାନସଭା ସଚିବଙ୍କ ଜରିଆରେ ସରକାରଙ୍କ ବିରୋଧରେ ଅନାସ୍ଥା ନୋଟିସ୍ ସେ ପାଇଥିବା ଅପରାହ୍ନ ଅଧିବେଶନରେ ବାଚସ୍ପତି ଗୃହରେ ସୂଚନା ଦେଇଥିଲେ। ଗତ ୧୮ ତାରିଖରେ କଂଗ୍ରେସ ଦଳ ଅନାସ୍ଥା ନୋଟିସ୍ ଆଣିଥିଲା ଓ ଏହା ଅଗ୍ରାହ୍ୟ ହୋଇଥିଲା। ତେଣୁ ଆସନ୍ତା ୬ ମାସ ମଧ୍ୟରେ ଦଳ ପକ୍ଷରୁ ଆଉ ଅନାସ୍ଥା ଆଗତ ହୋଇ ପାରିବ ନାହିଁ ବୋଲି ବାଚସ୍ପତି ଉଲ୍ଲେଖ କରି ଏହି ନୋଟିସକୁ ଅଗ୍ରାହ୍ୟ କରି ଦେଇଥିଲେ।

ଅନ୍ୟପଟେ କଂଗ୍ରେସ ସଦସ୍ୟମାନେ ଗୃହରେ ନାରୀ ସୁରକ୍ଷା, ସାର, ମହିଳା ହିଂସା ଓ ଛାତ୍ର ସଂସଦ ଆଦି ବିଷୟରେ ବିସ୍ତୃତ ଆଲୋଚନା ପାଇଁ ଦାବି କରିଥିଲେ। ଏହି ଦାବିରେ ▶ପୃଷ୍ଠା-୧୦



## ଗାନ୍ଧୀମାର୍ଗରେ ଗର୍ଜିଲା ବିଜେଡି

### ବିଧାନସଭା ଘେରିଲେ ହଜାର ହଜାର କର୍ମୀ

■ **ଭୁବନେଶ୍ୱର, ୨୩।୯ (ସମିସ):** ସମ୍ବିଧାନରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କର ସର୍ବାଧିକ କ୍ଷମତା ରହିଛି। ମାତ୍ର ରାଜ୍ୟରେ ବିଜେପି ସରକାର ଗଣତନ୍ତ୍ରର ତଣ୍ଟି ଚିପି ହତ୍ୟା କରିଛି। ଉଦ୍ଦେଶ୍ୟମୂଳକ ଭାବେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଜନ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇ ବାବୁମାନଙ୍କୁ ବଳିୟାନ କରାଯାଇଛି। ଏହାର ପ୍ରତିବାଦରେ ଲୋୟର ପିଏମ୍‌ଜିରେ ବିଜେଡି ଦେଇଛି ରଣହୁଙ୍କାର। ହଜାର ହଜାର ଦଳୀୟ କର୍ମୀ ବିଧାନସଭା ଘେରାଉ କରି ସରକାରଙ୍କ ବିରୋଧରେ ଗର୍ଜନ କରିଛନ୍ତି। ରାଜ୍ୟ ସରକାରଙ୍କ ଏପରି ଗଣତାନ୍ତ୍ରିକ ନିଷ୍ପତ୍ତି କୌଣସି ମତେ ଗ୍ରହଣୀୟ ନୁହେଁ ଓ ଏହା ବିରୋଧରେ ବିଜେଡି ନିଜର ପ୍ରତିବାଦ ଜାରି ରଖିବ ବୋଲି ବିଜେଡି ନେତାମାନେ ଘୋଷଣା କରିଛନ୍ତି। ଦଳ ପକ୍ଷରୁ ଆୟୋଜିତ ପ୍ରତିବାଦ ସଭାରେ ଦଳର ବରିଷ୍ଠ ନେତାମାନେ ୧୫ ମାସରେ ରାଜ୍ୟ ବିଜେପି ସରକାରର ବିଫଳତାକୁ ଗୋଟିଗୋଟି ଲୋକଙ୍କ ସାମ୍ନାରେ ▶ପୃଷ୍ଠା-୧୦




## ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା କରୁଛନ୍ତି ସରକାର

# ରାଜଧାନୀରେ ରଣହୁଙ୍କାର





















ନୂଆଦିଲ୍ଲୀର ବିଜ୍ଞାନ ଭବନରେ ମଙ୍ଗଳବାର ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଦାଦା ସାହେବ ଫାଲକେ ସମ୍ମାନ ଗ୍ରହଣ କରୁଛନ୍ତି ମୋହନଲାଲ। ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି ଶାହରୁଖ ଖାନ, ରାଣୀ ମୁଖାର୍ଜୀ ଓ ବିକ୍ରାନ୍ତ ମେସି।

## ୨୩ ମାସ ପରେ ଜେଲ୍‌ରୁ ମୁକୁଳିଲେ ଆଜମ ଖାନ୍

ରାମପୁର, ୨୩।୯ (ଏଜେନ୍ସି): ଉତ୍ତରପ୍ରଦେଶ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସମାଜବାଦୀ ପାର୍ଟି ନେତା ଆଜମ ଖାନ୍ ୨୩ ମାସ ପରେ ମଙ୍ଗଳବାର ଦ୍ୱିପ୍ରହରରେ ସୀତାପୁର ଜେଲ୍‌ରୁ ଛାଡ଼ ପାଇଛନ୍ତି। ୫ ଦିନ ପୂର୍ବରୁ ଆହ୍ଲାବାଦ ହାଇକୋର୍ଟ ତାଙ୍କୁ ଜାମିନ ଦେଇଥିଲେ। ତାଙ୍କ ବିରୋଧରେ ଅନ୍ତିମ ମାମଲାରେ ହିଁ ଜାମିନ ମିଳିଥିଲା। ଜାମିନ ମିଳିବା ପରେ ହିଁ ପୁଲିସ ତାଙ୍କ ନାମରେ କେତୋଟି ମାମଲାରେ ନୂଆ ଧାରା ଯୋଡିଛି। କିନ୍ତୁ ଗତ ୨୦ ତାରିଖରେ ରାମପୁର କୋର୍ଟ ଏହି ଧାରାଗୁଡିକୁ ଖାରଜ କରିଥିଲେ। ଫଳରେ ଜେଲ୍‌ରୁ ସେ ମୁକ୍ତ ହେବାର ରାସ୍ତା ସଫା ହୋଇଥିଲା। ଆଜମଙ୍କ ବିରୋଧରେ ୧୦୪ଟି ମାମଲା ରୁଜୁ ହୋଇଛି। ସେ କାର୍ ଆଗ ସିଟ୍‌ରେ ବସି ଜେଲ ବାହାରକୁ ଆସିଥିଲେ। ଦୁଇ ପୁଅ ଆଦିବ ଓ ଅବଦୁଲ୍ଲା ତାଙ୍କୁ ନେବାକୁ ଆସିଥିଲେ। ୧୦୦ଟି ଗାଡ଼ି ସହ ଆଜମଙ୍କୁ ନେଇ ଦୁଇ ପୁଅ ରାମପୁର ଯାତ୍ରା କରିଥିଲେ। ତାଙ୍କୁ ସକାଳ ୯ଟାରେ ଜେଲ୍‌ରୁ ଛଡ଼ା ଯାଇଥାନ୍ତା। କିନ୍ତୁ ଗୋଟିଏ ମାମଲାରେ ତାଙ୍କୁ ୬ ହଜାର ଟଙ୍କା ଜରିମାନା ଦେବାର ଥିଲା। ୧୦ଟାରେ କୋର୍ଟ ଖୋଲିବା ପରେ ଜରିମାନା ଦିଆଯାଇଥିଲା। ଫଳରେ ସେ ୧୨.୩୦ରେ ଜେଲ୍‌ରୁ ଛାଡ଼ ପାଇଥିଲେ। ଦୁଇ ପୁଅଙ୍କ ସମେତ ୪୦୦ କାର୍ଯ୍ୟକର୍ତ୍ତା ତାଙ୍କୁ ନେବାକୁ ଜେଲ୍ ନିକଟରେ ପହଞ୍ଚିଥିଲେ।

## କାର୍- ଟ୍ୟାଙ୍କର ଧକ୍କା; ୫ ଜିଅନ୍ତା ଜଳିଗଲେ

ଅଲିଗଡ଼, ୨୩।୯ (ଏଜେନ୍ସି): ଉତ୍ତରପ୍ରଦେଶର ଅଲିଗଡ଼ର ଜାତୀୟ ରାଜପଥରେ ମଙ୍ଗଳବାର ସକାଳେ ୫ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪ ଜଣ ସାଙ୍ଗଙ୍କ ସମେତ ୫ ଜଣ ଜିଅନ୍ତା ଜଳିଯାଇ ପ୍ରାଣ ହରାଇଛନ୍ତି। ଅକରାବାଦ ଥାନା ଅଞ୍ଚଳରେ ଏକ କାର୍ ଓ ଟ୍ୟାଙ୍କର ମଧ୍ୟରେ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ଘଣ୍ଟାପ୍ରତି ୧୦୦ କିମି ବେଗରେ ଯାଉଥିବା ଏକ ସିଏନ୍‌ଜି କାରର ଟାୟାର ଅଚାନକ ଫାଟି ଯାଇଥିଲା। ଫଳରେ ନିୟନ୍ତ୍ରଣ ହରାଇ ଏହି କାର ଡିଭାଇଡରରେ ବାଡେଇ ହୋଇ ଦ୍ୱିତୀୟ ସଡ଼କରେ ଯାଉଥିବା ଏକ ଟ୍ୟାଙ୍କରକୁ ଧକ୍କା ଦେଇଥିଲା ଓ ଏକ ବଡ଼ ବିସ୍ଫୋରଣ ହୋଇଥିଲା। ଫଳରେ ଦୁଇଟି ଗାଡ଼ି ନିଆଁରେ ଜଳି ଯାଇଥିଲା। କାର୍‌ରେ ୫ ଜଣ ଲୋକ ବସିଥିଲେ। କାର୍‌ରେ ବସିଥିବା ୪ ଲୋକ ଓ କ୍ୟାଣ୍ଟର ଡ୍ରାଇଭର ଜିଆନ୍ତା ଜଳିଯାଇଥିଲେ। ତେବେ କାର ଚଳାଉଥିବା ଯୁବକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ପାଇ ପୁଲିସ ଓ ଦମକଳ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲେ। ୨୦-୨୫ ମିନିଟ୍‌ରେ ନିଆଁ ଲିଭାଯାଇଥିଲା। ଏହା ପରେ ପୁଲିସ ଶବ ବଦଳରେ କେବଳ କଙ୍କାଳ ଦେଖିବାକୁ ପାଇଥିଲା। ମୃତକଙ୍କ ମଧ୍ୟରେ ଦୁଇଜଣ ସମ୍ପର୍କୀୟ ଭାଇଥିଲେ।

## ୩ ମହଲା କୋଠା ଭୁଶୁଡି: ୩ ମୃତ, ୧୨ ଆହତ

ଇନ୍ଦୋର, ୨୩।୯ (ଏଜେନ୍ସି): ମଧ୍ୟପ୍ରଦେଶର ଇନ୍ଦୋର ସହରରେ ସୋମବାର ରାତି ୯ଟାରେ ଏକ ୩ ମହଲା କୋଠା ଭୁଶୁଡି ପଡ଼ିଛି। ଏଥିରେ ଜଣେ ଯୁବତୀଙ୍କ ସମେତ ଦୁଇଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ୧୨ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏମାନଙ୍କ ମଧ୍ୟରେ ଜଣେ ୩ ମାସର ଶିଶୁ ରହିଛି। ଏହି କୋଠାରେ ୪ଟି ପରିବାର ରହୁଥିଲେ। କିନ୍ତୁ ଘଟଣା ସମୟରେ ୯ ଜଣ ସେମାନଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। କିନ୍ତୁ ଏବେ ମଧ୍ୟ ତଳେ ୧୪ ଜଣ ଲୋକ ଦବି ରହିଛନ୍ତି ବୋଲି ଆଶଙ୍କା କରାଯାଉଛି। ଏହି କୋଠା ପାଖାପାଖି ୧୦ରୁ ୧୫ ବର୍ଷ ପୁରୁଣା ବୋଲି କୁହାଯାଇଛି। ବର୍ଷା କାରଣରୁ ଏହି କୋଠାରେ ଫାଟ ସୃଷ୍ଟି ହୋଇଥିଲା ଓ ପୁଣି ତଳେ ପାଣି ପଶିଯାଇଥିବାରୁ ଏହି ଦୁର୍ଘଟଣା ଘଟିଛି ବୋଲି ଅନୁମାନ କରାଯାଉଛି।

# ଭୀଷଣ ବର୍ଷାରେ କୋଲକାତା ଠପ୍

## ବିଦ୍ୟୁତ୍ ଆଘାତରେ ୧୦ ମୃତ, ୧୦୦ ବିମାନ ବାତିଲ

ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): କୋଲକାତା ଏବଂ ଏହାର ଆଖପାଖ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ମୂଶଳଧାରାରେ ବର୍ଷା ଯୋଗୁଁ ସାଧାରଣ ଜୀବନଯାତ୍ରା ଅଚଳ ହୋଇପଡ଼ିଛି। ରାସ୍ତା ଉପରେ ତିନି ଫୁଟ ଉଚ୍ଚ ପାଣି ଚାଲିଛି। ଗତ ୩୯ ବର୍ଷରେ ଏଭଳି ବର୍ଷା ହୋଇନଥିବା କୁହାଯାଉଛି। ବର୍ଷା ଯୋଗୁଁ ଶିକ୍ଷାନୁଷ୍ଠାନକୁ ବନ୍ଦ କରି ଦିଆଯାଇଛି। ପ୍ରବଳ ବର୍ଷା ସହିତ ବିମାନବନ୍ଦରରେ ପାଣି ପଶିବା ଯୋଗୁଁ ଅତିକମରେ ଶହେରୁ ଅଧିକ ବିମାନ ସେବାକୁ ବାତିଲ କରାଯାଇଛି। ପ୍ରବଳ ବର୍ଷା ଓ ବିଦ୍ୟୁତ ଆଘାତରେ ୧୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି।

### ରାସ୍ତା ଉପରେ ୩ ଫୁଟ୍ ଉଚ୍ଚର ପାଣି

### ରେଲୱେ ଟ୍ରାକ୍ ବୁଡ଼ିଲା, ସ୍କୁଲ ବନ୍ଦ

କୋଲକାତାରେ ଗତ ୨୪ ଘଣ୍ଟା ମଧ୍ୟରେ ୨୫୧.୪ ମିମି ବର୍ଷା ହୋଇଛି। ଗତ ୩୯ ବର୍ଷରେ ଏତେ ପରିମାଣର ବର୍ଷା କେବେ ହୋଇନଥିଲା। ୧୯୮୬ରେ ୨୫୯.୫ ମିମି ବର୍ଷା ହୋଇଥିଲା, ଯାହାକି ଏବେ ବି ରେକର୍ଡ ହୋଇ ରହିଛି। ତେବେ ୧୯୭୮ରେ ସର୍ବାଧିକ ୩୬୯.୬ ମିମି ବର୍ଷା ହୋଇଥିଲା। ଏବେ ସହରର ବିଭିନ୍ନ ରାସ୍ତା ଉପରେ ୨ରୁ ୩ ଫୁଟ୍ ପର୍ଯ୍ୟନ୍ତ ପାଣି ଚାଲିଛି। ଗମନାଗମନ ଓ ପରିବହନ ଏକ ପ୍ରକାର ଠପ୍ ହୋଇଛି। ଏହା ବ୍ୟତୀତ ଟ୍ରେନ୍, ମେଟ୍ରୋ ଓ ବିମାନ ସେବା ମଧ୍ୟ ପ୍ରଭାବିତ ହୋଇଛି। ସାମାଜିକ ଗଣମାଧ୍ୟମରେ କୋଲକାତାର ଭିଡିଓ ସାମ୍ନାକୁ ଆସିଛି। ଏଥିରେ ସଡ଼କରେ ଥିବା ଗାଡ଼ିଗୁଡିକ ଅଧା ବୁଡିଯାଇଥିବା ଦେଖାଯାଇଛି।

ସହରର ଅନେକ ରେସିଡେନସିଆଲ କମ୍ପ୍ଲେକ୍ସରେ ପାଣି ପଶିଯାଇଛି। ସହିଦ ଖୁଦୀରାମ ଓ ମୈଦାନ ମେଟ୍ରୋ ଷ୍ଟେସନକୁ ମେଟ୍ରୋ ସେବା ବନ୍ଦ କରିଦିଆଯାଇଛି। ହାଓଡା ଓ ସିଆଲଦା ଡିଭିଜନରେ ରେଲୱେ ଲାଇନ ଉପରେ ପାଣି ଜମି ରହିଛି। ଏଥିପାଇଁ ହଜାରଦୁଆରି ଏକ୍ସପ୍ରେସ୍ ଓ ସିଆଲଦା ଜଙ୍ଗିପୁର ଏକ୍ସପ୍ରେସ ଟ୍ରେନ୍‌କୁ ବାତିଲ କରାଯାଇଛି। ଚିତପୁର ୟାର୍ଡରେ ପାଣି ପଶିଯିବାରୁ ସର୍କୁଲାର ରେଲୱେ ଲାଇନ୍‌ରେ ଟ୍ରେନ୍ ଯିବା ଆସିବା ବନ୍ଦ ରହିଛି। ବର୍ଷା କାଣରରୁ ଦୁର୍ଗା ପୂଜା ପ୍ରସ୍ତୁତିରେ ବାଧା ସୃଷ୍ଟି ହୋଇଛି। କେତେଟି ସ୍ଥାନରେ ଦୁର୍ଗା ପେଣ୍ଡାଲ ବୁଡିଯିବାସହଖରାପହୋଇଯାଇଛି।କୋଲକାତା।।ରେସ୍କୁଲକୁ ଛୁଟି କରିଦିଆଯାଇଛି।। କୋଲକାତା ବିମାନ ବନ୍ଦରରେ ଅନେକ ବିମାନ ଘଣ୍ଟା ଘଣ୍ଟା ବିଳମ୍ବରେ ଟେକ୍‌ଅପ୍ କରିଛି। ବିମାନ ବନ୍ଦରର ଚିତ୍ର ତଥା ଭିଡିଓ ସାମ୍ନାକୁ ଆସିଛି।



ପୂର୍ବରୁ ଏଭଳି ବର୍ଷା କେବେ ଦେଖି ନଥିଲି ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ହାଓଡା ଷ୍ଟେସନ ଓ ସିଆଲଦା ୟାର୍ଡ ଜଳମଗ୍ନ ହୋଇଛି। କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟରେ ଶିକ୍ଷା ଜନିତ ଗତିବିଧିକୁ ବନ୍ଦ କରିଦିଆଯାଇଛି। ପିୟରଲେସ ହସ୍ପିଟାଲରେ ବିଳମ୍ବିତ ରାତିରେ ବର୍ଷା ପାଣି ପଶିଯାଇଛି। ପଶ୍ଚିମବଙ୍ଗରେ ବୁଧବାର ପର୍ଯ୍ୟନ୍ତ ୫ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି। ପୂର୍ବରୁ ଲୋକେ କେବେ ଏଭଳି ବର୍ଷା ଦେଖିବାକୁ ପାଇ ନଥିଲେ ବୋଲି କୋଲକାତା ମେୟର ଫିରହାସ ହାକିମ୍ କହିଛନ୍ତି। ଦେଶର ବିଭିନ୍ନ ସ୍ଥାନରେ ମଧ୍ୟ ବର୍ଷା ଦେଖିବାକୁ ମିଳିଛି। ପଞ୍ଜାବରେ ମୌସୁମୀର ବିଦାୟ ଜାରି ରହିଛି। ଅଧା ରାଜ୍ୟରୁ ମୌସୁମୀ ବିଦାୟ ନେଇ ସାରିଲାଣି। ହିମାଚଳରେ ଖରା ଦେଖିବାକୁ ମିଳିଥିଲେ ମଧ୍ୟ ଆଗାମୀ ଦୁଇଦିନରେ ପ୍ରବଳ ବର୍ଷା ହେବା ବୋଲି ସତର୍କତା ଜାରି କରାଯାଇଛି।

## ହନୁମାନଙ୍କୁ ନେଇ ଟ୍ରମ୍ପ ସହଯୋଗୀଙ୍କ ବିବାଦୀୟ ବୟାନ, ଆମେରିକାରେ ବିରୋଧ



ଟେକ୍ସାସ୍, ୨୩।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ନେତା ଆଲେକଜାଣ୍ଡର ଡନ୍‌କାନ ଭଗବାନ ହନୁମାନଙ୍କ ପ୍ରତିମା ଉପରେ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସେ ହନୁମାନଙ୍କୁ ମିଥ୍ୟା ଭଗବାନ ଓ ତାଙ୍କ ପ୍ରତିମାକୁ ମିଛ ବୋଲି କହିଛନ୍ତି। ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ଆମେ ଟେକ୍ସାସରେ ଏକ ମିଥ୍ୟା ଭଗବାନଙ୍କ ମିଛ ପ୍ରତିମାକୁ କାହିଁକି ସ୍ଥାପନ କରିବୁ? ଆମ ଦେଶ ଏକ ଖ୍ରୀଷ୍ଟିଆନ ଦେଶ ହୋଇଥିବାରୁ ଏହାର ଆବଶ୍ୟକତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଡନକାନଙ୍କ ଏହି ମନ୍ତବ୍ୟ ଆମେରିକାରେ ବଡ଼ ବିବାଦ ସୃଷ୍ଟି କରିଛି। ହିନ୍ଦୁ ଆମେରିକାନ ଫାଉଣ୍ଡେସନ (ଏଚ୍‌ଏଏଫ୍) ତରଫରୁ ଡନକାନଙ୍କ ମନ୍ତବ୍ୟକୁ କଡ଼ା ବିରୋଧ କରାଯାଇଛି। ଆହୁରି କେତୋଟି ସଂଗଠନ ଏହାକୁ ଧାର୍ମିକ ଆସ୍ଥା ଉପରେ ଆକ୍ରମଣ ବୋଲି କହିଛନ୍ତି ଓ ତାଙ୍କୁ କ୍ଷମା ମାଗିବାକୁ କହିଛନ୍ତି। ଆମେରିକାର ନାଗରିକମାନେ ମଧ୍ୟ ଏହାକୁ କଡ଼ା ବିରୋଧ କରି ନିନ୍ଦା କରିଛନ୍ତି। କିନ୍ତୁ ଡନ୍‌କାନଙ୍କ ତରଫରୁ ଆନୁଷ୍ଠାନିକ ଭାବେ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ଡନକାନ ୧୩ ବର୍ଷ ପୁଲିସ ବିଭାଗରେ କାର୍ଯ୍ୟ କରିଛନ୍ତି ଓ ସେ ଟେକ୍ସାସରୁ ୨୦୨୬ରେ ଆମେରିକା ସିନେଟ ପାଇଁ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି।

ଉଲ୍ଲେଖଥାଉ କି, ଆମେରିକାର ଟେକ୍ସାସ ରାଜ୍ୟରେ ସୁଗର ଲ୍ୟାଣ୍ଡରେ ଥିବା ଅଷ୍ଟଲକ୍ଷ୍ମୀ ମନ୍ଦିରରେ ଭଗବାନ ହନୁମାନଙ୍କର ଏକ ୯୦ ଫୁଟ ଉଚ୍ଚର ମୂର୍ତ୍ତି ସ୍ଥାପନ କରାଯାଇଛି। ଏହାକୁ 'ଷ୍ଟାଚ୍ୟୁ ଅଫ୍ ୟୁନିୟନ' ବୋଲି କୁହାଯାଉଛି। ଏହା ବିଦେଶରେ ଥିବା ସବୁଠାରୁ ଉଚ୍ଚ ହନୁମାନ ପ୍ରତିମା। ପଦ୍ମଫୁଲ ଉପରେ ସ୍ଥାପିତ ଏହି ପ୍ରତିମାର ଓଜନ ୯୦ ଟନ ଓ ୫ଟି ଧାତୁକୁ ମିଶାଇ ଏହାର ନିର୍ମାଣ ହୋଇଛି। ହନୁମାନ ଅଭୟ ମୁଦ୍ରାରେ ରହି ଗୋଟିଏ ହାତ ଆଗକୁ ରଖିବା ସହ ଅନ୍ୟ ହାତରେ ଗଦା ଧରିଛନ୍ତି। ଷ୍ଟାଚ୍ୟୁ ଅଫ ଲିବର୍ଟି (୧୫୧ ଫୁଟ) ଓ ପେଗାସସ ଆଣ୍ଡ ଡ୍ରାଗନ (୧୧୦ ଫୁଟ) ପରେ ଏହି ହନୁମାନ ପ୍ରତିମା ଆମେରିକାର ତୃତୀୟ ଉଚ୍ଚତମ ମୂର୍ତ୍ତୀ ଭାବେ ପରିଗଣିତ ହେଉଛି। ଏହି ମୂର୍ତ୍ତିର ସ୍ଥାପନ ପାଇଁ ଅଗଷ୍ଟ ୧୫ ଓ ୧୮ରେ ୩ ଦିନଧରି ପ୍ରାଣ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ହଜାର ହଜାର ଲୋକ ସାମିଲ ହୋଇଥିଲେ।

## ମୁଁ ଯୁଦ୍ଧ ବନ୍ଦ କରିଛି; ଜାତିସଂଘ ଫେଲ୍ ମାରିଛି: ଟ୍ରମ୍ପ




ୱାସିଂଟନ, ୨୩।୯ (ଏଜେନ୍ସି): ମୁଁ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବାର ୭ ମାସ ମଧ୍ୟରେ ୭ଟି ବଡ଼ ବଡ଼ ଯୁଦ୍ଧ ବନ୍ଦ କରିଛି। ଏଥିରେ ଭାରତ-ପାକିସ୍ତାନ ଯୁଦ୍ଧ ରହିଛି। ମୋ ଭଳି ଏମିତି ଉଦ୍ୟମ ବିଶ୍ୱର କୌଣସି ନେତା କରି ନାହାନ୍ତି। ତେଣୁ ମୋତେ ନୋବେଲ ଶାନ୍ତି ପୁରସ୍କାର ମିଳିବା ଉଚିତ। ଆଜି ଜାତିସଂଘର ମହାସଭାରେ ଉଦବୋଧନ ଦେଇ ଏହା କହିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ। ଜାତିସଂଘର ତୀବ୍ର ସମାଲୋଚନା କରି ସେ କହିଲେ ଯେ ସଂଗଠନ ସବୁ କ୍ଷେତ୍ରରେ ବିଫଳ ରହିଛି। ଯେଉଁ କାମ ଜାତିସଂଘ କରିବା କଥା, ତାହା ମୁଁ କରୁଛି। ଖାଲି ଫମ୍ପା ଶବ୍ଦରେ କାମ ହୁଏନି।

ଭାରତ- ପାକିସ୍ତାନ ଯୁଦ୍ଧକୁ ସେ ରୋକିଥିଲେ ବୋଲି ପୁଣି ଥରେ ଦୋହରାଇ ଟ୍ରମ୍ପ କହିଲେ, ମୋଟ ଉପରେ ୭ଟି ଯୁଦ୍ଧକୁ ରୋକିବାରେ ସଫଳ ହୋଇଛନ୍ତି। ଅନ୍ୟ ଯୁଦ୍ଧଗୁଡ଼ିକ ହେଲା କାମ୍ବୋଡିଆ-ଥାଇଲାଣ୍ଡ, କୋସୋଭୋ- ସର୍ବିଆ, କଙ୍ଗୋ-ରୁୱାଣ୍ଡା, ଇସ୍ରାଏଲ- ଇରାନ, ମିଶର- ଇଥିଓପିଆ, ଆର୍ମେନିଆ- ଆଜରବୈଜାନ। ରୁଷ-ୟୁକ୍ରେନ ଯୁଦ୍ଧ ପାଇଁ ପୁଣିଥରେ ଭାରତ ଓ ଚୀନକୁ ଦୋଷ ଦେଇ ଟ୍ରମ୍ପ କହିଲେ ଯେ ଏମାନେ ରୁଷ ଠାରୁ ତେଲ କିଣି ଯୁଦ୍ଧ ପାଇଁ ପାଣ୍ଠି ଯୋଗାଉଛନ୍ତି। ଏହାସହିତ ସେ ଅନେକ ୟୁରୋପୀୟ ଦେଶ ଓ ନୋଟା ରାଷ୍ଟ୍ରଙ୍କୁ ମଧ୍ୟ ସମାଲୋଚନା କରି କହିଲେ ଯେ ଏମାନେ ମଧ୍ୟ ରୁଷ ଠାରୁ ତେଲ କିଣୁଛନ୍ତି। ତାଙ୍କର ଇମିଗ୍ରେସନ ନୀତି ସଂପର୍କରେ ଟ୍ରମ୍ପ କହିଲେ ଯେ ଅବୈଧ ଭାବେ ଆମେରିକାରେ ପ୍ରବେଶ କଲେ ପରିଣତି ଭୟଙ୍କର ହେବ। ଏବେ ଆମେରିକାରେ ସ୍ୱର୍ଣ୍ଣିମ ଯୁଗ ଚାଲିଛି ବୋଲି ସେ କହିଥିଲେ। ଭାଷଣ ଆରମ୍ଭରେ ତାଙ୍କ ଟେଲିପ୍ରିଣ୍ଟର କାର୍ଯ୍ୟ କରିବା ବନ୍ଦ କରିଥିଲା। ତେଣୁ ମୁଁ ହୃଦୟରୁ କହୁଛି ବୋଲି ସେ କହିଥିଲେ।

## ୯ ଟି ଦେଶକୁ ଭିସା ଦେବନାହିଁ ୟୁଏଇ

ଆବୁଧାବି, ୨୩।୯ (ଏଜେନ୍ସି): ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଭିସା ପ୍ରଦାନ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛି। ଭାରତର ଦୁଇ ପଡୋଶୀ ଦେଶ ବାଂଲାଦେଶ, ଆଫଗାନିସ୍ତାନ ସମେତ ୯ଟି ଦେଶକୁ ପର୍ଯ୍ୟଟନ ଓ ୱାର୍କ ଭିସା ପ୍ରଦାନକୁ ୟୁଏଇ ଅସ୍ଥାୟୀ ଭାବେ ପ୍ରତିବନ୍ଧ ଲଗାଇଛି। ଏହି ଦେଶଗୁଡିକ ହେଲା ଆଫଗାନିସ୍ତାନ, ବାଂଲାଦେଶ, ଲିବ୍ୟା, ୟେମେନ, ସୋମାଲିଆ, ଲେବାନନ, କାମେରୁନ, ସୁଦାନ ଓ ୟୁଗାଣ୍ଡା। ଏବେ ଏହି ୯ଟି ଦେଶର ନାଗରିକ ୟୁଏଇ ଭିସା ପାଇଁ ଆବେଦନ କରିପାରିବେ ନାହିଁ। କିନ୍ତୁ ଏହି ଦେଶଗୁଡିକର ନାଗରିକଙ୍କ ପାଖରେ ଯଦି ବୈଧ ଭିସା ଥିବ ତେବେ ସେମାନେ ୟୁଏଇ ଯାତ୍ରା କରିବାରେ କୌଣସି ଅସୁବିଧା ନାହିଁ ବୋଲି କୁହାଯାଇଛି। ଯେଉଁମାନେ ଆଇନ୍ ଅନୁସାରେ ପୂର୍ବରୁ ଦେଶରେ ରହିଛନ୍ତି ସେମୋନ ପୂର୍ବପରି କାର୍ଯ୍ୟ ଜାରି ରଖିପାରିବେ। ତେବେ କେଉଁ କାରଣରୁ ଏହି ଭିସା ପ୍ରତିବନ୍ଧକ ଲାଗୁ କରାଯାଇଛି ସେ ନେଇ ୟୁଏଇ ତରଫରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। କିନ୍ତୁ ରାଷ୍ଟ୍ରୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଅନୁମାନ କରାଯାଉଛି।

## ବିମାନର ଲ୍ୟାଣ୍ଡିଂ ଗିୟରରେ ଲୁଚି ଦିଲ୍ଲୀ ଆସିଲେ ଆଫଗାନ ବାଳକ



କାବୁଲ/ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ଆଫଗାନିସ୍ତାନର ଜଣେ ୧୩ ବର୍ଷୀୟ ବାଳକ ଅଜବ କାଣ୍ଡ ଘଟାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ସେ ଏକ ବିମାନର ଲ୍ୟାଣ୍ଡିଂ ଗିୟରରେ ଲୁଚି ଭାରତ ଆସିବାରେ ସଫଳ ହୋଇଛନ୍ତି। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ସେପ୍ଟେମ୍ବର ୨୧ ଅର୍ଥାତ ରବିବାର ଏହି ଘଟଣା ଘଟିଛି। କାବୁଲର ହାମିଦ କରଯାୟୀ ବିମାନ ବନ୍ଦରରେ ଭାରତୀୟ ସମୟ ସକାଳ ୮.୪୬ରେ କେଏଏମ୍ ଏୟାରଲାଇନ୍ସର ଫ୍ଲାଇଟ୍ ଆରକ୍ୟୁ-୪୪୦୧ ଟେକ୍‌ଅଫ୍ କରିଥିଲା ଓ ୧୦.୨୦ରେ ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୩ ନଂ ଟର୍ମିନାଲରେ ଅବତରଣ କରିଥିଲା।

କିନ୍ତୁ ବିମାନ ପାଖରେ ଜଣେ ବାଳକକୁ ବୁଲୁଥିବାର ଏୟାରଲାଇନ୍ କର୍ମଚାରୀ ଦେଖିବାକୁ ପାଇଥିଲେ। ତୁରନ୍ତ ଏ ନେଇ ଅଧିକାରୀମାନଙ୍କୁ ସୂଚନା ଦିଆଯାଇଥିଲା। ଏହାପରେ ସିଆଇଏସ୍‌ଏଫ୍ ଏହି ବାଳକକୁ ନେଇ ପୁଲିସକୁ ହସ୍ତାନ୍ତର କରିଥିଲେ। ବିମାନର ଲାଣ୍ଡିଂ ଗିୟରରେ ରହି ଆସିଲେ କିପରି ଲାଗୁଛି ତାହା ସେ ଦେଖିବାକୁ ଚାହୁଁଥିଲେ ବୋଲି ବାଳକ ଜଣକ ପୁଲିସକୁ କହିଥିଲା। ତେଣୁ ଜିଜ୍ଞାସା ପାଇଁ ସେ ଏପରି କରିଛନ୍ତି ବୋଲି ପୁଲିସ ହୃଦୟଙ୍ଗମ କରିଥିଲା। ଏହି ବାଳକ ଆଫଗାନିସ୍ତାନର କୁନ୍ଦୁଜ ସହରରେ ନିଜ ପରିବାର ସହ ରୁହନ୍ତି। ସୋମବାର କାବୁଲ ବିମାନ ବନ୍ଦରରେ ଏହି ବାଳକ କୌଣସି ପ୍ରକାର ପଶିଆସି ବିମାନ ପଛ ଭାଗରେ ଥିବା ଲ୍ୟାଣ୍ଡିଂ ଗିୟର କମ୍ପାର୍ଟମେଣ୍ଟରେ ପଶିବାକୁ ସକ୍ଷମ ହୋଇଥିଲେ। ବିମାନର ପୂରା ଯାଞ୍ଚ କରିବା ପରେ ସେହି ଦିନ ଏହି ବାଳକକୁ ସେହି ବିମାନରେ ଆଫଗାନିସ୍ତାନ ପଠାଇ ଦିଆଯାଇଥିଲା। କିନ୍ତୁ ସେ କିପରି ବଞ୍ଚି ରହିଲେ ସେ ନେଇ ବିଭିନ୍ନ ଏଜେନ୍ସି ଚକିତ ହୋଇଛନ୍ତି। ବିମାନର ଚକ ପାଖରେ ଲୁଚି କରି ଆସିବା ନିହାତି ବିପଜ୍ଜନକ ବୋଲି ପ୍ରତିରକ୍ଷା ବିଶେଷଜ୍ଞ କୁହନ୍ତି। ପୁଣି ୩୦ ହଜାର ଫୁଟ ଉଚ୍ଚରେ -୪୦ରୁ ୬୦ ଡିଗ୍ରୀ ତାପମାତ୍ରାରେ ଓ ଅମ୍ଳଯାନ ଅଭାବରେ ଏହି ବାଳକ କିଭଳି ବଞ୍ଚି ରହିଲା ତାହା ସମସ୍ତଙ୍କୁ ଚକିତ କରିଛି। ଉଲ୍ଲେଖଥାଉ କି, ୪ ବର୍ଷ ତଳେ ତାଲିବାନ ଯେତେବେଳେ ଆଫଗାନିସ୍ତାନ ଶାସନ ହାତକୁ ନେଇଥିଲା, ସେତେବେଳେ କେତେ ଲୋକ ଦେଶ ଛାଡ଼ିବା ପାଇଁ ବିମାନ ବନ୍ଦରରେ ପଶି ବିମାନର ଚକରେ ଓହଳି ଦେଶ ବାହରକୁ ଯିବା ପାଇଁ ପ୍ରୟାସ କରିଥିଲେ।

## ଅବୈଧ ସମ୍ପର୍କ ଅପରାଧ ନୁହେଁ, କିନ୍ତୁ ପରିଣତି ଭୟଙ୍କର: ହାଇକୋର୍ଟ

ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ବିବାହତ୍ତୋର ତଥା ଅବୈଧ ସମ୍ପର୍କ ବା ବ୍ୟଭିଚାର ନେଇ ଦିଲ୍ଲୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବ୍ୟଭିଚାର କୌଣସି ଅପରାଧ ନୁ।।ହେଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ତେବେ ଏହି ସମ୍ପର୍କ ବୈବାହିକ ଜୀବନକୁ ନଷ୍ଟ କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ। ଏହାର ପରିଣତି ମଧ୍ୟ ଭୟଙ୍କର। ଏହା ଦ୍ୱାରା ବିବାହ ବିଚ୍ଛେଦ ଓ ଅନ୍ୟ ଅପରାଧ ଭଳି ଚରମ ନିଷ୍ପତ୍ତି ନିଆଯିବାର ଅବକାଶ ସୃଷ୍ଟି କରିଥାଏ ବୋଲି କୋର୍ଟ କହିଛନ୍ତି। ପତି ଓ ପତ୍ନୀଙ୍କ ବୈବାହିକ ସମ୍ପର୍କରେ ବିଶ୍ୱାସ ହିଁ ମୂଳଦୁଆ ଭଳି କାମ କରିଥାଏ। ଯଦି ବିଶ୍ୱାସ ଭାଙ୍ଗିଯାଏ ତେବେ ବିବାହ ଭାଙ୍ଗି ଯାଇଥାଏ। ଜଷ୍ଟିସ ପୁରୁଷେନ୍ଦ୍ର କୌରଙ୍କ ଖଣ୍ଡପୀଠ କହିଛନ୍ତି ଯେ ଯଦି କୌଣସି ତୃତୀୟ ପକ୍ଷ ବା ବ୍ୟକ୍ତିଙ୍କ ଲାଗି ପତି- ପତ୍ନୀଙ୍କ ସମ୍ପର୍କରେ ପ୍ରଭାବିତ ହୁଏ, ତେବେ ପ୍ରଭାବିତ ପକ୍ଷ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିପାରିବେ ଅବଶ୍ୟ ପୂର୍ବରୁ ସୁପ୍ରିମକୋର୍ଟ ଏ ନେଇ ତାଙ୍କ ରାୟ ୨୦୧୮ରେ ଦେଇସାରିଛନ୍ତି। ଅବୈଧ ସମ୍ପର୍କକୁ ଅପରାଧ କହିବା ଅଣସାମ୍ବିଧାନିକ ବୋଲି କୋର୍ଟ ସେତେବେଳେ କହିଥିଲେ।





**ସାର ଅଭାବ ଓ କଳାବଜାର**

# କିଷାନ କଂଗ୍ରେସ ଘେରିଲା ବିଧାନସଭା

ଭୁବନେଶ୍ୱର,୨୩।୯ (ସମିସ): ସାରା ରାଜ୍ୟରେ ସାର ଅଭାବ ଓ କଳାବଜାରୀ ପାଇଁ ଚାଷୀମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଚାଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି ହେବା ସହିତ ସାର ଅଭାବ ଯୋଗୁଁ ଚାଷୀ ହତାଶ ଓ ଆତଙ୍କିତ ହୋଇ ପଡ଼ିଛନ୍ତି। ସରକାରଙ୍କ ସାର ବିତରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ଫେଲ। ଚାଷୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ ସରକାର ଚାଷୀଙ୍କ ସମସ୍ୟା ପ୍ରତି ମୋଟେ କର୍ଣ୍ଣପାତ କରୁ ନାହାନ୍ତି। ରାଜ୍ୟରେ ସାର ଅଭାବ, କଳାବଜାରୀ ଓ ସରକାରଙ୍କ ଅପାରଗତା ଆଦିକୁ ପ୍ରସଙ୍ଗ କରି ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଏକ ବିରାଟ ରାଲି ଏବଂ ବିଧାନସଭା ଘେରାଉ କରାଯାଇଛି। ଶହ ଶହ କଂଗ୍ରେସ କର୍ମୀ ସମାବେଶରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।




କିଷାନ କଂଗ୍ରେସ ଅଭିଯୋଗ ଅନୁସାରେ ରାଜ୍ୟରେ ବିଶେଷତଃ ୟୁରିଆ ସାରର ଘୋର ଅଭାବ ଏବଂ କଳାବଜାରୀ ଦେଖାଯାଇଛି। ସମବାୟ ସଂସ୍ଥା ଓ ମାର୍କଫେଡ୍‌ରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଏଇ ସଂସ୍ଥା ଦ୍ୱୟ ଓ ସରକାରଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ଚାଲିଛି। ସରକାର କହୁଛନ୍ତି ଲକ୍ଷ ଲକ୍ଷ ଟଙ୍କାର ସାର ଗଚ୍ଛିତ ଅଛି; କିନ୍ତୁ ଏପଟେ ଚାଷୀଙ୍କୁ ସାର ନ ମିଳିବା ଆଶ୍ଚର୍ଯ୍ୟ କରୁଛି। ସାର ପାଇଁ ଚାଷୀ ଦିନ ଦିନ ରାତିରାତି ଅଧିଆ ପଡୁଛି। ରୁଆ ବେଉଷଣ ସମୟରେ ଏବଂ ଯେତେବେଳେ ଯେଉଁ ସାର ଆବଶ୍ୟକ ସେଇ ସମୟରେ ଚାଷୀଙ୍କୁ ସାର ନ ମିଳବା ଅତ୍ୟନ୍ତ ଦୁଃଖଦାୟକ ବୋଲି କିଷାନ କଂଗ୍ରେସ କହିଛି। ତେଣୁ କିଷାନ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି, ସରକାର ତୁରନ୍ତ ଆଧାର ଏବଂ ଜମି ପରିମାଣ ଅନୁଯାୟୀ ଚାଷୀ ଓ ଭାଗଚାଷୀଙ୍କୁ ସାର ବଣ୍ଟନ କରନ୍ତୁ। ଥୋଡ଼ ଧରିବା ସମୟରେ ଯେଉଁ ସାରର ଆବଶ୍ୟକତା ଅଛି ତାହା ସରକାର ତୁରନ୍ତ ପ୍ରଦାନ କରନ୍ତୁ ବୋଲି ଦଳ ଦାବି କରିଛି। ଯଦି ସରକାର ଚାଷୀଙ୍କ ନାଯ୍ୟ ଦାବି ପୂରଣ କରିବେନି ତେବେ ଆନ୍ଦୋଳନ ଗ୍ରାମାଭିମୁଖୀ ହେବ ଓ କ୍ଷତିଗ୍ରସ୍ତ ଚାଷୀଙ୍କ ନେତୃତ୍ୱ କିଷାନ କଂଗ୍ରେସ ନେଇ ଗାଁ ଗଣ୍ଡାରେ ବ୍ୟାପକ ଆନ୍ଦୋଳନ କରିବ ବୋଲି କିଷାନ କଂଗ୍ରେସ ଚେତାବନୀ ଦେଇଛି।

ବିଧାନସଭା ଘେରାଉ ପାଇଁ କିଷାନ କଂଗ୍ରେସ ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିବା ସମୟରେ କିଷାନ କଂଗ୍ରେସ ସଭାପତି ଅଭୟ ସାହୁ, ଉପସଭାପତି ଅରୁଣ ଜେନା, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟଙ୍କ ସମେତ ପ୍ରମୁଖ ନେତାମାନଙ୍କୁ ଗିରଫ ପୁଲିସ ଗିରଫ କରିଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ବିଧାୟକ ସୁରେଶ ରାଉତରାୟ ଏବଂ କିଷାନ କଂଗ୍ରେସ କେନ୍ଦ୍ରୀୟ ସଂଯୋଜକ ଅମୀୟ ପଟ୍ଟନାୟକଙ୍କ ସହିତ ରାଜ୍ୟର ସମସ୍ତ ସ୍ଥାନରୁ ଆସିଥିବା କିଷାନ କଂଗ୍ରେସର ବରିଷ୍ଠ ନେତାମାନେ ଅଂଶଗ୍ରହଣ କରିଥିଲେ।

**ସରକାରୀ ସ୍କୁଲରେ ଅବସରପ୍ରାପ୍ତ ଅତିଥି ଶିକ୍ଷକ ନିଯୁକ୍ତିକୁ ଚାଲେଞ୍ଜ**

# ରାଜ୍ୟ ସରକାରଙ୍କୁ ଜବାବ ତଲବ

କଟକ, ୨୩।୯(ସମିସ): ସରକାରୀ ସ୍କୁଲଗୁଡ଼ିକରେ ବେକାର ଯୁବକ ଯୁବତୀଙ୍କୁ ଶିକ୍ଷକ ନିଯୁକ୍ତି କରିବା ବଦଳରେ ରାଜ୍ୟ ସରକାର ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରିବା ପାଇଁ ଗ୍ରହଣ କରିଥିବା ନିଷ୍ପତ୍ତିକୁ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ହାଇକୋର୍ଟ ଏହି ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିବା ସହ ଜବାବ ତଲବ କରିଛନ୍ତି। ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ କେତେ ଶିକ୍ଷକ ପଦବି ଖାଲିପଡ଼ିଛି, ସେ ସଂପର୍କରେ ସତ୍ୟପାଠ ଜରିଆରେ ତଥ୍ୟ ଦାଖଲ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅର୍ପିତା ପ୍ରିୟଦର୍ଶିନୀ ଓ ଅନ୍ୟ ତିନି ଜଣଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଶିକ୍ଷାନୁଷ୍ଠାନଗୁଡ଼ିକରେ ଖାଲି ପଡ଼ିଥିବା ପଦବିଗୁଡ଼ିକ ପୂରଣ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି, ସେନେଇ ଅବଗତ କରିବାକୁ ହାଇକୋର୍ଟ କହିଛନ୍ତି। ଅକ୍ଟୋବର ୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ରାଜ୍ୟର ବିଭିନ୍ନ ସରକାରୀ, ଅନୁଦାନପ୍ରାପ୍ତ, ବ୍ଲକ ଗ୍ରାଣ୍ଟ ହାଇସ୍କୁଲ ଓ ସଂସ୍କୃତ ଟୋଲଗୁଡ଼ିକରେ ୬୩୮୭ ଅତିଥି ଶିକ୍ଷକଙ୍କ ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେବା ପାଇଁ ୨୦୨୫ ଅଗଷ୍ଟ ୧ରେ ଗଣଶିକ୍ଷା ବିଭାଗ ଚିଠିରେ କୁହାଯାଇଥିଲା। ନିୟମିତ ଶିକ୍ଷକ ନିଯୁକ୍ତ ନ କରି ଏପରି ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯିବା ଦ୍ୱାରା ବେକାର ଯୁବକ/ଯୁବତୀ ନିରାଶ ହେବେ ବୋଲି ଦର୍ଶାଇ ଏହି ମାମଲା ହାଇକୋର୍ଟରେ ଦାୟର ହୋଇଛି। ଏପରି ସରକାରୀ ନିଷ୍ପତ୍ତି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

**ସାର ଯୋଗାଣରେ ଅବ୍ୟବସ୍ଥାକୁ ନେଇ ଚାଷୀ ଅସନ୍ତୋଷ**

# ସମିତିରେ ଧସେଇ ପଶି ବସ୍ତାବସ୍ତା ସାର ବୋହିଲେ



ସାନଖେମୁଣ୍ଡି,୨୩।୯(ସମିସ): ସମବାୟ କେନ୍ଦ୍ରରେ ଧସେଇ ପଶିବା ସହ ପୁଲିସ ଉପସ୍ଥିତିରେ ବସ୍ତା ବସ୍ତା ସାର ବୋହିନେଲେ ଚାଷୀ। ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ମୌଳାଭଞ୍ଜା ସେବା ସମବାୟ ସମିତିରେ ଆଜି ଏପରି ଦୃଶ୍ୟ ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ସାରା ରାଜ୍ୟରେ ୟୁରିଆର ଘୋର୍ ଅଭାବ ଦେଖା ଦେଇଥିବା ବେଳେ ପ୍ରତିଦିନ ବିଭିନ୍ନ ସ୍ଥାନରୁ ଚାଷୀ ଅସନ୍ତୋଷର ଚିତ୍ର ସାମ୍ନାକୁ ଆସୁଛି। ଏଥିରୁ ଗଞ୍ଜାମ ଜିଲ୍ଲା ମଧ୍ୟ ବାଦ୍ ପଡ଼ିନାହିଁ। ସାନଖେମୁଣ୍ଡି ବ୍ଲକ୍ ମୌଳାଭଞ୍ଜା ସେବା ସମବାୟ ସମିତିରେ ଚାଷୀଙ୍କୁ ସାର ମିଳୁନଥିବାରୁ କିଛି ଦିନ ତଳେ ଚାଷୀଙ୍କ ମଧ୍ୟରେ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଥିଲା। ଉତ୍ୟକ୍ତ ଚାଷୀ ଗଞ୍ଜାମ-ଗଜପତି ଜାତୀୟ ରାଜପଥକୁ ଅବରୋଧ

**ପୁଲିସ, ସଂପାଦକ ଜଳକା**

କରିଥିଲେ। ସେତେବେଳେ ପୁଲିସ ସେମାନଙ୍କୁ ବୁଝାସୁଝା କରି ହଟାଇ ଦେଇଥିଲା। ପରେ ପୁଣି ଚାଷୀମାନେ ସେବା ସମବାୟ ସମିତି ଅଫିସ୍ ଆଗରେ ପ୍ରତିବାଦ କରିଥିଲେ। ତଥାପି ସେମାନଙ୍କୁ ସାର ମିଳିନଥିଲା। ତେବେ ଆଜି ପୁଣି ଚାଷୀମାନେ ଏକାଠି ହୋଇ ସମିତି ଅଫିସ୍ ଆଗରେ ହୋହଲ୍ଲା କରିଥିଲେ। ସମିତିରେ ସାର ଥାଇ ମଧ୍ୟ ଚାଷୀଙ୍କୁ ଦିଆଯାଉନାହିଁ ବୋଲି ଅଭିଯୋଗ କରିଥିଲେ। ଏପରିକି, ସମବାୟ ସମ୍ପାଦକ ଓ ସଭାପତି ସାରଗୁଡ଼ିକୁ କଳାବାଜରରେ ବିକ୍ରି କରୁଛନ୍ତି ଏବଂ ବିଳମ୍ବିତ ରାତିରେ ନିଜର ଲୋକଙ୍କୁ ଡକାଇ ସାର ଦେଉଛନ୍ତି ବୋଲି ସାଂଘାତିକ ଅଭିଯୋଗ କରିଥିଲେ। ପରେ ସେମାନେ ସମବାୟ କେନ୍ଦ୍ରରେ ଧସେଇ ପଶି ପୁଲିସ ଉପସ୍ଥିତିରେ ବସ୍ତା ବସ୍ତା ସାର ବୋହି ନେଇଥିଲେ। ସମିତି ସମ୍ପାଦକ ଓ ପୁଲିସ ସବୁ ଦେଖିଥିଲେ ହେଁ ଚାଷୀଙ୍କୁ ଅଟକାଇପାରି ନଥିଲେ।

**୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହ**

# 'ପୁଷ୍କରା' ଶ୍ରେଷ୍ଠ ଫିଚର୍ ଫିଲ୍ମ

## 'ସି ଆଣ୍ଡ ସେଭେନ୍ ଭିଲେଜେସ୍' ଓ 'ମୋ ବୋଉ ମୋ ଗାଁ' ପୁରସ୍କୃତ





ଭୁବନେଶ୍ୱର, ୨୩।୯ (ସମିସ): ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଚଳଚ୍ଚିତ୍ର 'ପୁଷ୍କରା'କୁ ଶ୍ରେଷ୍ଠ ଫିଚର୍ ଚଳଚ୍ଚିତ୍ର ପୁରସ୍କାର ମିଳିଥିବା ବେଳେ ହିମାଂଶୁ ଶେଖର ଖଟୁଆଙ୍କ ନିର୍ଦ୍ଦେଶିତ ପ୍ରାମାଣିକ ଚଳଚ୍ଚିତ୍ର 'ସି ଆଣ୍ଡ ସେଭେନ୍ ଭିଲେଜେସ୍'କୁ ଅଣଫିଚର୍ ଚଳଚ୍ଚିତ୍ର ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ସୁବାସ ସାହୁଙ୍କ ନିର୍ଦ୍ଦେଶିତ ଇତିହାସ ଆଧାରିତ ଚଳଚ୍ଚିତ୍ର 'ମୋ ବୋଉ ମୋ ଗାଁ'କୁ ମଧ୍ୟ ରାଷ୍ଟ୍ରପତି ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି।

ତରଙ୍ଗ ସିନେ ପ୍ରଡକସନ୍ସ ନିବେଦିତ ତଥା ଶୁଭ୍ରାଂଶୁ ଦାଶଙ୍କ ନିର୍ଦ୍ଦେଶିତ 'ପୁଷ୍କରା'ରେ ମୁଖ୍ୟ ଚରିତ୍ରରେ ସବ୍ୟସାଚୀ ମିଶ୍ରଙ୍କ ନିଚ୍ଛକ ଅଭିନୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ସେହିପରି ଚଳଚ୍ଚିତ୍ରରେ ଓଲିଉଡ୍ ନାୟିକା ସୁପ୍ରିୟାଙ୍କ ଦମଦାର ଅଭିନୟ ମଧ୍ୟ ବେଶ୍ ପ୍ରଶଂସା ସାଉଁଟିଛି। ଅନ୍ୟମାନଙ୍କ ମଧ୍ୟରେ ଚୌଧୁରୀ ବିକାଶ ଦାସ, ଅଶ୍ରୁମୋଚନ ମହାନ୍ତି ମଧ୍ୟ ଅଭିନୟ କରିଛନ୍ତି। ପ୍ରଖ୍ୟାତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଉପନ୍ୟାସ 'ନାଦବିନ୍ଦୁ' ଉପରେ ଆଧାରିତ। ସିନେମାରେ ପୁରୀର ଜାଗାଘର, ସାହିଯାତ ଓ ଡଙ୍ଗାଭସା ଭଳି ମୌଳିକ ପରମ୍ପରାକୁ ନିଖୁଣ ଶୈଳୀରେ ଉପସ୍ଥାପନ କରାଯାଇଛି।

ସେହିପରି କାଦମ୍ବିନୀ ମିଡିଆ ପ୍ରଯୋଜିତ 'ସି ଆଣ୍ଡ ସେଭେନ୍ ଭିଲେଜେସ୍' ପ୍ରାମାଣିକ ଚଳଚ୍ଚିତ୍ର ଜଳବାୟୁ ପରିବର୍ତ୍ତନ ଓ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ତହସିଲ ଅନ୍ତର୍ଗତ ସାତଭାୟା ଉପରେ ପର୍ଯ୍ୟବସିତ। ପୂର୍ବରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ଲାଭ କରିଥିବା ଏହି ଚଳଚ୍ଚିତ୍ରଟି ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ହିମାଂଶୁ ଖଟୁଆଙ୍କ ଗବେଷଣା ଉପରେ ଆଧାରିତ। ଏଥିରେ ସାତଭାୟା ଗାଁର ବାସିନ୍ଦାଙ୍କ ଜୀବନ ଓ ସଂଘର୍ଷ ଚିତ୍ରିତ ହୋଇଥିଲା। ଏହାର ପ୍ରଯୋଜନା କରିଥିଲେ ଇତି ସାମନ୍ତ।

**■ ଦଳ ବିରୋଧୀ କାର୍ଯ୍ୟ ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ**

# ଶ୍ରୀମୟୀ ମିଶ୍ରଙ୍କ ସହ ୨ ନେତା ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର, ୨୩।୯ (ସମିସ): ଦଳବିରୋଧୀ କାର୍ଯ୍ୟରେ ସଂପୃକ୍ତି ପାଇଁ ମଙ୍ଗଳବାର ବିଜେଡି ୨ଜଣ ନେତା ଏବଂ ଜଣେ ନେତ୍ରୀଙ୍କୁ ଦଳରୁ ନିଲମ୍ବନ କରିଛି। ସେମାନେ ହେଲେ, ବିଜେଡି ସାଧାରଣ ସମ୍ପାଦକ (ମହିଳା ବ୍ୟାପାର) ଶ୍ରୀମୟୀ ମିଶ୍ର, ମୟୂରଭଞ୍ଜ କପ୍ତିପଦା ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସାଏ ଓ ମୟୂରଭଞ୍ଜର ପୂର୍ବତନ ଜିଲ୍ଲା ସମ୍ପାଦକ ପ୍ରବୀର ଚନ୍ଦ୍ର ସାଏ। ଉପରୋକ୍ତ ୩ ନେତାଙ୍କୁ ଦଳ ପକ୍ଷରୁ ନିଲମ୍ବନ ନେଇ ଦଳ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ହସ୍ପିଟାଲରୁ ଡିସ୍‌ଚାର୍ଜ ହେଲେ ବୁଦ୍ଧାଦିତ୍ୟ

ଭୁବନେଶ୍ୱର,୨୩।୯ (ସମିସ): ଗୁରୁତର ଅସୁସ୍ଥ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଓଲିଉଡ୍ ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି ଆଜି ଡିସ୍‌ଚାର୍ଜ ହୋଇ ଘରକୁ ଫେରିଛନ୍ତି। ତାଙ୍କ ଫୁସଫୁସ୍‌ରେ ସଂକ୍ରମଣ ଥିବାରୁ ଘରେ ରହି ନିୟମିତ ଔଷଧ ନେବା ସହ ଆରାମ କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ସୂଚନାନୁସାରେ, ପାଖାପାଖି ୮ଦିନ ତଳେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ବୁଦ୍ଧାଦିତ୍ୟ। ଫୁସଫୁସ୍ ସଂକ୍ରମଣ ଜନିତ ରୋଗରେ ସେ ପୀଡ଼ିତ ଥିଲେ।

# ରତ୍ନଭଣ୍ଡାରକୁ ଫେରିଲା ମହାପ୍ରଭୁଙ୍କ ଅଳଙ୍କାର

ପୁରୀ,୨୩।୯ (ସମିସ): ରତ୍ନଭଣ୍ଡାରକୁ ଫେରିଛି ମହାପ୍ରଭୁଙ୍କ ରତ୍ନାଳଙ୍କାର। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଆଜି ସକାଳ ୧୦ଟା ୫୫ରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ମହାପ୍ରଭୁଙ୍କ ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀ ସ୍ଥାନାନ୍ତର କରାଯାଇଛି। ଏହି ସ୍ଥାନାନ୍ତର ପ୍ରକ୍ରିୟା ଅପରାହ୍ଣ ୨ଟା ୫୫ ପର୍ଯ୍ୟନ୍ତ, ୪ ଘଣ୍ଟା ଧରି ଚାଲିଥିଲା।

ରତ୍ନଭଣ୍ଡାର କମିଟି ଓ ଉଚ୍ଚସ୍ତରୀୟ କମିଟିର ୧୧ଜଣିଆ ସଦସ୍ୟ ପାରମ୍ପରିକ ପୋଷାକ ପରିଧାନ କରି ଶ୍ରୀମନ୍ଦିର ଜଗମୋହନକୁ ପ୍ରବେଶ କରିଥିଲେ। ଏହି କମିଟିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସ୍‌ପି, ଏଏସ୍‌ଆଇ ଅଧିକାରୀ, ରତ୍ନଭଣ୍ଡାର ସବ୍ କମିଟି ସଦସ୍ୟ, ଦେଉଳ କରଣ, ତଢ଼ଉ କରଣ, ଭଣ୍ଡାର ମେକାପ, ରତ୍ନଭଣ୍ଡାର ତଦାରଖ କମିଟିର ଦୁଇଜଣ ସଦସ୍ୟ ଜଷ୍ଟିସ୍ ବିଶ୍ୱନାଥ ରଥ ଓ ମଧୁସୂଦନ ସିଂହାରୀ, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ପ୍ରମୁଖ ରହିଥିଲେ। ଏତଦ୍‌ବ୍ୟତୀତ ଗଜପତି ମହାରାଜାଙ୍କ ପ୍ରତିନିଧିଙ୍କ ସମେତ ଶ୍ରୀମନ୍ଦିର ନୀତି ଓ ଉନ୍ନୟନ ପ୍ରଶାସକ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସାମିଲ ଥିଲେ। ସମସ୍ତେ ମହାପ୍ରଭୁ ଏବଂ ପାର୍ଶ୍ୱଦେବୀଙ୍କ ଦର୍ଶନ ସହ ଆଶୀର୍ବାଦ ନେଇଥିଲେ। ପୂର୍ବାହ୍ନ ୧୦ଟା ୫୫ରେ ଆରମ୍ଭ ହୋଇଥିଲା ସ୍ଥାନାନ୍ତର ପ୍ରକ୍ରିୟା। ଟ୍ରେଜେରୀରୁ ଆସିଥିବା ଚାବିରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଅସ୍ଥାୟୀ ଭିତର ଭଣ୍ଡାର ବା ଷ୍ଟ୍ରଙ୍ଗ୍‌ରୁମ୍ ଖଟଶେଯ ଘର ଖୋଲାଯାଇଥିଲା। ସେଠାରୁ ସମସ୍ତ ସାମଗ୍ରୀ ସ୍ଥାୟୀ ଭିତର ଭଣ୍ଡାରକୁ ନିଆଯାଇଥିଲା। ସମସ୍ତ ଅଳଙ୍କାର ଓ ସାମଗ୍ରୀ ଯିବା ପରେ ବ୍ୟବସ୍ଥା ଅନୁସାରେ ମୂଳ ଭିତର ରତ୍ନଭଣ୍ଡାରରେ ୨ଟି ତାଲା ପକାଇ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସିଲ୍ କରାଯାଇଥିଲା। ଏହାର ଚାବି ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଟ୍ରେଜେରୀରେ ଜମା ଦିଆଯାଇଛି।



■ ୪ ଘଣ୍ଟାରେ ଶେଷ ହେଲା ସ୍ଥାନାନ୍ତର ପ୍ରକ୍ରିୟା
■ ଟ୍ରେଜେରୀରେ ରହିଲା ଭିତର ଭଣ୍ଡାରର ଚାବି
■ ରାଜ୍ୟ ସରକାରଙ୍କ ଅନୁମୋଦନରେ ଗଣତିମଣତି ହେବ

ପରେ ଟାଙ୍ଗଡ଼ା ଘର ଅସ୍ଥାୟୀ ବାହାର ଭଣ୍ଡାର ବା ଷ୍ଟ୍ରଙ୍ଗ୍‌ରୁମ୍ ଖୋଲା ଯାଇଥିଲା। ଗଜପତି ମହାରାଜାଙ୍କ ଚାବି, ଶ୍ରୀମନ୍ଦିର ପ୍ରଶାସନ ଏବଂ ଭଣ୍ଡାର ମେକାପଙ୍କ ତିନି ଗୋଟି ଚାବି ଆସି ଏହା ଖୋଲାଯାଇଥିଲା। ସେଠାରୁ ସମସ୍ତ ସାମଗ୍ରୀ ନୂଆ ରୂପ ପାଇଥିବା ମୂଳ ବାହାର ଭଣ୍ଡାରକୁ ନିଆଯାଇଥିଲା। ସବୁ ସାମଗ୍ରୀ ସ୍ଥାନାନ୍ତର ହେବା ପରେ ମୂଳ ବାହାର ଭଣ୍ଡାରକୁ ତିନିଟିଯାକ ତାଲା ପକାଇ ବନ୍ଦ କରାଯାଇଥିଲା। ଉଭୟ ଭଣ୍ଡାର ସାମଗ୍ରୀ ସ୍ଥାନାନ୍ତର ପ୍ରକ୍ରିୟା ଭିଡିଓଗ୍ରାଫି କରାଯାଇଥିଲା। କାର୍ଯ୍ୟ ସମାପନ ପରେ ସମସ୍ତ ସଦସ୍ୟ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସୁରକ୍ଷା ଯାଞ୍ଚ ପରେ ସମସ୍ତ ସଦସ୍ୟ ଜଗମୋହନରୁ ପ୍ରସ୍ଥାନ କରିଥିଲେ। ଏଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସକାଳ ୮ଟାଠାରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯାଇଥିଲା।

ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ରଥ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦରୁ ପ୍ରାୟ ୧୫ ମାସର ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ସୁରୁଖୁରୁରେ ଶେଷ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ୬ଟି ଟ୍ରଙ୍କ୍ ଓ ୬ଟି ଆଲମିରା ସ୍ଥାନାନ୍ତର କରାଯାଇଛି। ରତ୍ନ ଅଳଙ୍କାର ଗଣତିମଣତି ପ୍ରକ୍ରିୟା ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ଅନୁମୋଦନ ଏବଂ ନିର୍ଦ୍ଦେଶ ଅନୁସାରେ ହିଁ ହେବ।

**ହାଇକୋର୍ଟରେ ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣା**

# ସମସ୍ତ ଅଭିଯୁକ୍ତଙ୍କ ଏକତ୍ର ଜାମିନ ଶୁଣାଣି ୨୫ରେ

କଟକ, ୨୩।୯(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତମାନଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି ଆସନ୍ତା ୨୫ତାରିଖରେ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ କେସ୍ ଡାଏରି ଦାଖଲ କରିବା ସହ ତଦନ୍ତର ସାନି ସ୍ଥିତି ନେଇ ଅବଗତ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ହୋଇ ଜେଲରେ ଥିବା ଜୟନ୍ତ କୁମାର ରାଉତଙ୍କ ଜାମିନ ଆବେଦନର ଶୁଣାଣି ସେପ୍ଟେମ୍ବର ୨୫କୁ ପୂର୍ବରୁ ଧାର୍ଯ୍ୟ ହୋଇଥିବା ନେଇ ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ବୋର୍ଡର ପୂର୍ବତନ ଉପ-ସଭାପତି ଡକ୍ଟର ନୀହାର ରଞ୍ଜନ ମହାନ୍ତିଙ୍କ ସହ ଅନ୍ୟ ଅଭିଯୁକ୍ତ ଜିତନ ମହାରଣା, ବିଜୟ କୁମାର ମିଶ୍ର, ରାମଜୀ ପ୍ରସାଦ ଗୁପ୍ତା, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ଖମାରୀ, ସନାତନ ବିଶୋୟୀଙ୍କ ସହ ଜୟନ୍ତ ରାଉତଙ୍କ ନିୟମିତ ଜାମିନ ଆବେଦନଗୁଡ଼ିକର ଏକତ୍ର ଶୁଣାଣି ହେବ।

ଉଲ୍ଲେଖଯୋଗ୍ୟ, ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପୂର୍ବତନ ଉପ-ସଭାପତି ଶ୍ରୀ ମହାନ୍ତିଙ୍କ ସହିତ ବୋର୍ଡର ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଓ ଅନ୍ୟମାନଙ୍କୁ ଗିରଫ କରିଥିଲା। କଟକ ଅତିରିକ୍ତ ଦୌରାଜଜ୍ ଅଦାଲତରେ ଜାମିନ ଖାରଜ ହେବା ପରେ ଶ୍ରୀ ମହାନ୍ତି ଓ ଅନ୍ୟ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

**କୁର୍ଦ୍ଧାଙ୍ଗ ଛାତ୍ରୀ ନିର୍ଯାତନା ମାମଲା**

# ଆତ୍ମସମର୍ପଣ ପରେ ଜେଲ୍ ଗଲେ ଅଧ୍ୟକ୍ଷ

ଜଗତସିଂହପୁର/ରଘୁନାଥପୁର, ୨୩।୯(ସମିସ): କୁର୍ଦ୍ଧାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଆଜି ଜଗତସିଂହପୁର ସ୍ୱତନ୍ତ୍ର ପକ୍‌ସୋ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। କଲେଜର ଜଣେ ନାବାଳିକା ଛାତ୍ରୀଙ୍କୁ ଅଧ୍ୟାପକ ଶାଶ୍ୱତ ମହାନ୍ତି ଯୌନ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଥିଲା। ତଦନ୍ତ ପରେ ଉକ୍ତ ଅଧ୍ୟାପକ ଓ କଲେଜ ଅଧ୍ୟକ୍ଷଙ୍କୁ ନିଲମ୍ବିତ କରାଯାଇଥିଲା। ପରେ ଥାନାରେ ମଧ୍ୟ ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ତେବେ ଆଗୁଆ ଜାମିନ ପାଇଁ ସେମାନେ ହାଇକୋର୍ଟରେ ଆବେଦନ କରିଥିଲେ। ଗତ ଅଗଷ୍ଟ ୧୯ ତାରିଖରେ ହାଇକୋର୍ଟ ଦୁହିଁଙ୍କୁ ତଳକୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏକ ମାସରୁ ଅଧିକ ସମୟଧରି ଫେରାର୍ ରହିବା ପରେ ଆଜି ଅଧ୍ୟକ୍ଷ ଶ୍ରୀ ସାହୁ ପକ୍‌ସୋ କୋର୍ଟରେ ହାଜର ହୋଇଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ସରକାରୀ ଓକିଲ ଶିବପ୍ରସାଦ ମାଝୀ ସୂଚନା ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ଶାଶ୍ୱତ ମହାନ୍ତି ଏବେ ମଧ୍ୟ ଫେରାର୍ ଅଛନ୍ତି।

## ବାଦଲ ଫଟା ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ

# ବର୍ଷା ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ପ୍ରସ୍ତୁତି ବୈଠକ

କୋରାପୁଟ,୨୩।୯ (ସମିସ):

ଲଘୁଚାପ ଯୋଗୁଁ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ଲାଗି ରହିଛି। ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ୫୬୨.୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। କୋରାପୁଟ ବ୍ଲକରେ ୯୧.୪ ମିଲିମିଟର ବର୍ଷା ରେକଡର୍ ହୋଇଥିବା ବେଳେ ଲମତାପୁଟ ବ୍ଲକ୍‌ରେ ୮୦.୦, ପଟାଙ୍ଗିରେ ୧୬.୨, ବନ୍ଧୁଗାଁ ୧୨.୦, ନନ୍ଦପୁର ୧୦୧.୦, ଦଶମନ୍ତପୁର ୩୧.୦, ନାରାୟଣପାଟଣା ୪.୪, ଲକ୍ଷ୍ମୀପୁର ୮.୦, ସେମିଳିଗୁଡା ୪୯.୩, ଜୟପୁର ୬୭.୦, କୋଟପାଡ଼ ୪୨.୦, କୁନ୍ଦୁରା ୧୦.୪, ବୋରିଗୁମ୍ମା ୩୯.୨, ବୈପାରିଗୁଡା ବ୍ଲକ୍‌ରେ ୧୧.୦ ମିଲିମିଟର ବର୍ଷା ରେକଡର୍ ହୋଇଥିବା ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଅପରାହ୍ନରେ ବାଦଲ ଫଟା ବର୍ଷା ଯୋଗୁଁ ବଙ୍ଗଳାଗୁଡା ନିକଟ ଚବେରୀ ନଦୀ ଅସ୍ଥାୟୀ ପୋଲ ଉପରେ ୫ ଫୁଟ ଉଚ୍ଚରେ ପାଣି ଯାଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅସଂଖ୍ୟ ଯାନବାହାନ ଦୁଇ ପାଶ୍ୱର୍ରେ ଅଟକି ରହିଥଲା। କୋରାପୁଟ ସଦର ପୋଲିସ ଓ କାକିରିଗୁମ୍ମା ପୋଲିସ ରାତି ୧୧ଟା ପର୍ଯ୍ୟନ୍ତ ଜଗି ରହିଥିଲେ। କୋରାପୁଟ ସହରରେ ବିଭିନ୍ନ ଗଳି କନ୍ଦିରେ ଆଣ୍ଠୁଏ ପାଣି ଯୋଗୁଁ ଘର ଭିତରେ ପସିଥିଲା ବର୍ଷା ପାଣି। କୋରାପୁଟ ସହରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଏକ ପ୍ରକାର ଅସ୍ତବ୍ୟସ୍ତ ହୋଇ ପଡିଥିଲା।। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆଜି କୋରାପୁଟ ଜିଲ୍ଲାରେ ଆଗାମୀ ପ୍ରବଳ ବର୍ଷା ସମ୍ଭାବନାର ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକର ତହସିଲଦାର ଓ ବିଡ଼ିଓ ମାନଙ୍କୁ ସଜାଗ ରହିବା ପାଇଁ କୁହାଯାଇଥିବା ବେଳେ ଭୁସ୍ଖଳନ ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯେକୌଣସି ପରିସ୍ଥିତି ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ପ୍ରବଳ ବର୍ଷା ସମ୍ଭାବନା ଥିବା ଯୋଗୁଁ ପାହାଡ଼ିଆ ଅଞ୍ଚଳରେ ମଧ୍ୟ ପ୍ରଶାସନିକ ପ୍ରସ୍ତୁତି ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ପାହାଡିଆ ପାଖ ଅଞ୍ଚଳରେ କଚ୍ଚା ଘରେ ରହୁଥିବା ଲୋକମାନେ ପାଖରେ ଥିବା ଆଶ୍ରୟସ୍ଥଳୀରେ ରହିବା ପାଇଁ ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯିବ। ଯେ କୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ୨୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀ ମାନଙ୍କ ଛୁଟି ବାତିଲ କରାଯାଇଛି। କେହି ହେଡ୍‌କ୍ୱାର୍ଟର ଛାଡି ଯାଇ ପାରିବେ ନାହିଁ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।



## ବର୍ଷାରେ ବହୁ ଅଞ୍ଚଳ ଜଳବନ୍ଦୀ

ଉମରକୋଟ,୨୩।୯ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ହେବାର ଦୃଶ୍ୟ ସାମନାକୁ ଆସିଛି। ତଳିଆ ଅଞ୍ଚଳରେ ଘର ଭିତରେ ପାଣି ପଶିଯାଇଥିବା ବେଳେ ଏହାସହ କିଛି ଗାଡ଼ି ପାର୍କିଂ ସ୍ଥାନରେ ପାଣି ପଶି ପାଣି ମଧ୍ୟରେ ଗାଡ଼ି ଅଧା ବୁଡ଼ିଯାଇଛି। ଉମରକୋଟ ସହରରେ ଗତକାଲି ରାତିଠାରୁ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି। ପ୍ରବଳ ବର୍ଷା ଯୋଗୁ ବିଶେଷ କରି ଶିବାଜୀ ନଗର, ଗୁଲିପାଟଣାର ଅକ୍ସଫୋର୍ଡ କଲୋନୀ, ଡିଏନକେରେ ଥିବା ତଳିଆ ଅଞ୍ଚଳରେ ଥିବା ଘର ଭିତରେ ପାଣି ପଶିବା ଦୃଶ୍ୟ ନଜରକୁ ଆସିଛି। ଲୋକମାନଙ୍କର ଘର ଭିତରେ ପାଣି ପଶିବା ଯୋଗୁ ମୂଲ୍ୟବାନ ଆସବାସ ପତ୍ର ନଷ୍ଟ ହେବା ସହ କିଛି ଦୋକାନ ଘରେ ମଧ୍ୟ ପାଣି ପଶିଛି। ଡିଏନକେ ଅଞ୍ଚଳର କିଛି ବ୍ୟକ୍ତିଙ୍କ ଘରେ ପାଣି ପଶିଯିବା ଯୋଗୁଁ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ସେମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିଛନ୍ତି। ଏହି ପାଣି ପୋଶିବା ଘଟଣା ଉମରକୋଟ ସହରରେ ଚଳିତ ବର୍ଷ ଦ୍ୱିତୀୟ ଥର ହୋଇଛି। ଡ୍ରେନେଜ ବ୍ୟବସ୍ଥାକୁ ଉମରକୋଟ ସହର ବାସିନ୍ଦା ଦାୟୀ କରିଛନ୍ତି, ଜନପ୍ରତିନିଧି ମାନେ ଦୃଷ୍ଟି ନଦେବା ଓ ପୌରପରିଷ ପ୍ରଶାସନ ସଠିକ ସମୟରେ ନାଳ ଗୁଡ଼ିକ ସଫା ନ କରୁଥିବା ଯୋଗୁଁ ବର୍ଷା ଜଳ ନିଷ୍କାସିତ ନ ହୋଇପାରି ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏଣୁ ଉମରକୋଟ ବାସିନ୍ଦା ତୁରନ୍ତ ଉମରକୋଟ ଅଞ୍ଚଳର ଥିବା ଡ୍ରେନେଜଗୁଡ଼ିକର ସୁବ୍ୟବସ୍ଥା ଓ ଆବର୍ଜନା ସଫା କରିବା ପାଇଁ ଦାବି କରିଛନ୍ତି।।



● ତେଲନଦୀରେ ହଠାତ୍ ଆସିଲା ବନ୍ୟା

## ନଦୀ ମଧ୍ୟରେ ଫସିଗଲେ ଗାଈଗୋରୁ



ଚନ୍ଦାହାଣ୍ଡି,୨୩।୯ (ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ବେହେରାମୁଣ୍ଡା ପଞ୍ଚାୟତ ଅଧୀନ ବୋବରିଆ ଗ୍ରାମ ନିକଟରେ ପ୍ରବାହିତ ତେଲନଦୀ ଏନାସର ଯିବାଘାଟ ଠାରେ ସୀମାନ୍ତ ଛତିଶଗଡ ରାଜ୍ୟର ମଟିଆ ଏବଂ ବାବୁରିଆ ଗ୍ରାମର ଶତାଧିକ ଗାଈ ଗୋରୁ ଏବଂ ଛେଳି ମେଣ୍ଢା ତେଲ ନଦୀ ମଝିରେ ଆଜି ଫସି ରହିଥିଲେ। ନଦୀ ଟାପୁର ଘାସ ପଡିଆକୁ ମଟିଆ ଗ୍ରାମର ଜୟଲାଲ ନାଗେଶ ଏବଂ ବାବୁରିଆର କିଛି ଚରାଳି ଚରେଇବା ପାଇଁ ନେଇଥିଲେ। ଗାଇ ଗୋରୁ ଛେଳି ମେଣ୍ଢା ଚରାଉଥିବା ସମୟରେ ହଠାତ୍ ତେଲନଦୀରେ ୫/୭ଫୁଟ ଉଚ୍ଚର ପାଣି ମାଡି ଆସିବାରୁ ଗାଈଚାରାଳିଙ୍କ ସମେତ ଗାଈଗୋରୁ ବନ୍ୟା ପାଣିରେ ଫସି ରହିଥିଲେ। ବାବୁରିଆ ଗ୍ରାମର କିଛି ଦେଖଣାହାରୀଙ୍କ ସୂଚନା ପରେ ଚନ୍ଦାହାଣ୍ଡି ଅଗ୍ନିଶମ ବାହିନୀର ଏଏସଓ ନାରାୟଣ ସାହୁଙ୍କ ନେତୃତ୍ୱରେ ସମସ୍ତ ଅଗ୍ନିଶମ ବାହିନୀ କର୍ମଚାରୀ ମାନେ ପହଞ୍ଚି ସୁରକ୍ଷିତ ଭାବରେ ଗାଇ ଚାରାଳି ଜୟଲାଲଙ୍କ ସମେତ ସମସ୍ତ ଗାଈଗୋରୁ ଛେଳି ମେଣ୍ଢାଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ଏଥିପାଇଁ ଛତିଶଗଡ ରାଜ୍ୟ ମଟିଆ ଗ୍ରାମବାସୀଙ୍କ ସମେତ ଅଞ୍ଚଳବାସୀ ଅଗ୍ନିଶମ ବାହିନୀକୁ ଧନ୍ୟବାଦ ଦେଇଛନ୍ତି।

## ବିଭିନ୍ନ ସଂଘର ପୁନର୍ଗଠନକୁ ବିରୋଧ

ବୈପାରିଗୁଡ଼ା,୨୩।୯ (ସମିସ): ବୈପାରିଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସ୍ଥାନୀୟ ବିଡିଓ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛି ମହାଲକ୍ଷ୍ମୀ ମହାସଂଘ । ଏହି ଦାବିପତ୍ର ବିଡ଼ିଓଙ୍କ ଅନୁପସ୍ଥିତରେ ଏବିଡ଼ିଓ ନିବେଦିତା ଦଣ୍ଡସେନାଙ୍କୁ ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଚଳିତ ବର୍ଷ ଜାନୁଆରୀ ୨୨ ତାରିଖରେ ଚିଠି ନମ୍ବର ୩୫୬/ଏମ୍‌ଏସ୍ ରେ ମିଶନ ଶକ୍ତି ବିଭାଗ ତରଫରୁ ସମସ୍ତ ୩୦ଟି ଜିଲ୍ଲାର ଏସଏଚଜି, ସିଏଲଏଫ, ଏଏଲଏଫ, ବିଏଲଏଫ ଏବଂ ଡିଏଲଏଫ ସଂଘର ପୁନଃଗଠନ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। କିନ୍ତୁ ଉକ୍ତ ଚିଠିକୁ ଆଧାର କରି ଜିଲ୍ଲା ମହାସଂଘ ପକ୍ଷରୁ ଓଡ଼ିଶା ମୁଖ୍ୟ ନ୍ୟାୟାଳୟରେ ମକଦ୍ଦମା ରୁଜୁ କରାଯାଇଛି ଏବଂ ଅଦ୍ୟାବଧି ଉକ୍ତ ମକଦ୍ଦମାର ଶୁଣାଣି ଉପରେ ରହିତାଦେଶ ବଳବତ୍ତର ଥିବା ସତ୍ତ୍ୱେ ମିଶନ ଶକ୍ତି ବିଭାଗ ପକ୍ଷରୁ ୪ ସେପ୍ଟେମ୍ବରରେ ଚିଠି ନମ୍ବର ୫୨୨୯/ ଏମ୍‌ଏସ୍ ରେ ୩୦ଟି ଜିଲ୍ଲାର ସଂଘ ଗୁଡ଼ିକର ପୁନଃଗଠନ ପ୍ରକ୍ରିୟାକୁ ପୁନର୍ବାର ଆରମ୍ଭ କରିବାକୁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଯଦି ମିଶନ ଶକ୍ତି ବିଭାଗର ଗୋଟିଏ ଚିଠି ସାରା ଓଡ଼ିଶାର ୩୦ଟି ଜିଲ୍ଲା ପାଇଁ କାର୍ଯ୍ୟକାରୀ କରାଯାଇ ପାରୁଛି, ତେବେ ଗୋଟିଏ ଜିଲ୍ଲା ମହାସଂଘ ଦ୍ୱାରା କରାଯାଇଥିବା ମକଦ୍ଦମାର ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ରହିତାଦେଶ ସେହି ଜିଲ୍ଲାର ଉପର ଲିଖିତ ସମସ୍ତ ସଂଘର କାହିଁକି କାର୍ଯ୍ୟକାରୀ କରାଯାଇ ପାରୁନାହିଁ ବୋଲି ପ୍ରକାଶ କରାଯାଇଛି। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅବମାନନା କରାଯାଉଛି ବୋଲି ମଧ୍ୟ କହିଛନ୍ତି ମହାସଂଘ। ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରହିତାଦେଶକୁ ଅବମାନନା ନ କରି ପୁର୍ନଗଠନ ପ୍ରକ୍ରିୟାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବାକୁ ଦାବି କରିଛନ୍ତି ବୈପାରିଗୁଡା ବ୍ଲକରେ ଥିବା ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀ, ଆଞ୍ଚଳିକ ମଞ୍ଚ, ଗ୍ରାମ ପଞ୍ଚାୟତସ୍ତରୀୟ ସଂଘ ଓ ବ୍ଲକ ମହାସଂଘ।

## ଜିଲ୍ଲାପାଳଙ୍କ ମିଶନ ଶକ୍ତି କାଫେ ଓ ଅନ୍ୟାନ୍ୟ ପ୍ରକଳ୍ପ ପରିଦର୍ଶନ

କୋରାପୁଟ,୨୩।୯ (ସମିସ):

ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମଙ୍ଗଳବାର ପୂର୍ବାହ୍ନରେ କୋରାପୁଟ ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଛନ୍ତି। ଜିଲ୍ଲାପାଳ ପ୍ରଥମେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଡୁମୁରିଗୁଡ଼ା ସ୍ଥିତ କଫି ଚାରା ପ୍ରସ୍ତୁତି ନର୍ସରୀ ଦେଖିବା ପରେ କୁମ୍ଭାରଲୀମିକା ଗ୍ରାମରେ ପହଞ୍ଚି କୁମ୍ଭକାର ପରିବାର ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଟେରାକୋଟା ସାମଗ୍ରୀ ଦେଖିଥିଲେ। ସେଠାରୁ ସେ ଡୁମୁରିପୁଟରେ ୨୬ ନଂ ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ମିଶନ ଶକ୍ତି କାଫେ ପରିଦର୍ଶନ କରିଥିଲେ। କାଫେ ପରିଚାଳନା କରୁଥିବା ପ୍ରଶାନ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନଙ୍କ ସହ ଆଲୋଚନା କରିଥିଲେ ଏବଂ କାଫେରେ ଖାଦ୍ୟ ବ୍ୟତୀତ ଜଳଖିଆ ବ୍ୟବସାୟ କରି ଅଧିକ ଉପାର୍ଜନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନଙ୍କ ଦ୍ୱାରା କାଫେ ସୁନ୍ଦର ଭାବେ ପରିଚାଳନା କରାଯାଉଥିବା ଦେଖି ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ପଦ୍ମପୁର ସ୍ଥିତ ଆଇଟି ପାର୍କ ଗସ୍ତ କରିଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ କୋରାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼, ସହକାରୀ ନିର୍ବାହୀ ଯନ୍ତ୍ରୀ ଫକୀର ମୋହନ ପ୍ରଧାନ, ସହକାରୀ ଯନ୍ତ୍ରୀ ସ୍ୱର୍ଣ୍ଣପ୍ରଭା ମହାନ୍ତି, ବିପିଏମ୍ ସ୍ନେହଲତା ମିଶ୍ର, ପିଇଓ ନନ୍ଦ କିଶୋର ଗମାଙ୍ଗ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ମିଶନ ଶକ୍ତି କର୍ମଚାରୀଙ୍କ ଆନ୍ଦୋଳନ

ନାରାୟଣପାଟଣା,୨୩।୯ (ସମିସ): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ପରିସରରେ ମିଶନ ଶକ୍ତିର କାର୍ଯ୍ୟରତ ୯ଟି ପଞ୍ଚାୟତର ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ନିଜର ନାର୍ଯ୍ୟ ଦାବି ହାସଲ କରିବାକୁ ଧାରଣା ଦେଇଛନ୍ତି। ବର୍ଷା ସତ୍ତ୍ୱେ ମହିଳା ମାନେ ଆନ୍ଦୋଳନ କରୁଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ମହିଳାମାନେ କହିଛନ୍ତି। ବ୍ଲକର ବିଭିନ୍ନ ମିଶନ ଶକ୍ତି ଅଧିନରେ ଥିବା ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, କୃଷିମିତ୍ର ଓ ପ୍ରାଣୀ ମିତ୍ର ଭାବେ କାର୍ଯ୍ୟକରୁଥିବା କର୍ମଚାରୀମାନଙ୍କୁ ପୂର୍ବ ସରକାରରେ ଏକ ନିର୍ଦ୍ଦିଷ୍ଟ ପ୍ରୋତ୍ସାହନ ରାଶି ମିଳୁଥିଲା। ହେଲେ ନୂତନ ସରକାର ଏହାକୁ ଦୀର୍ଘ ୬ ମାସ ହେବ ବନ୍ଦ କରିଦେଇ ଉପରୋକ୍ତ କାର୍ଯ୍ୟରେ ନିୟୋଜିତ କର୍ମୀମାନଙ୍କୁ କାର୍ଯ୍ୟ ହିସାବରେ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସଂଘ ପକ୍ଷରୁ ବହୁବାର ବିଭାଗୀୟ ଅଧିକାରୀ ଓ ବିଡିଓଙ୍କୁ ଜଣାଜାଇଥିଲେ ମଧ୍ୟ ଏହାର ସମାଧାନ ହୋଇପାରୁନାହିଁ।

## କାର୍ ଧକ୍କାରେ ଅଟୋ ଚୂରମାର, ୫ ଆହତ

ଲମତାପୁଟ,୨୩।୯ (ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକର ମାଲେଙ୍ଗା ଛକ ଠାରେ ଆଜି ସକାଳେ ଅଟୋ ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ପାଞ୍ଚ ଜଣ ଆହତ ଏବଂ ଦୁଇ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଲମତାପୁଟ ପଟୁ ଏକ ସ୍ୱିଫ୍ଟ ଡିଜାଇର କାର ସକାଳ ସମୟରେ ଯାଉଥିବା ସମୟରେ ବିପରୀତ ଦିଗରୁ ଏକ ଯାତ୍ରୀବାହୀ ଅଟୋରେ ପାଞ୍ଚ ଜଣ ଲମତାପୁଟକୁ ଆସୁଥିଲେ। ଉଭୟ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା। ଅଟୋରେ ବସିଥିବା ପାଞ୍ଚ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସହାୟତା ରେ ଲମତାପୁଟ ଆଶା କିରଣ ମେଡିକାଲକୁ ନିଆ ଯାଇଥିଲା। ସେଠାରେ ଦୁଇ ଜଣ ଗୁରୁତର ନନ୍ଦ ଖେମୁଣ୍ଡୁ (୬୦) ଓ ତିଳକ ଖେମୁଣ୍ଡୁ (୨୮)ଙ୍କୁ ଡାକ୍ତର କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ଘଟଣା ସ୍ଥଳରେ ଆହତଙ୍କ ସମ୍ପର୍କୀୟ ପହଞ୍ଚି କିଛି ସମୟ ପାଇଁ ରାସ୍ତା ରୋକ କରିଥିଲେ। ଘଟଣା ସ୍ଥଳରେ ମାଛକୁଣ୍ଡ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ରାସ୍ତାରୋକ ହଟାଇ ଥିଲେ। ଫଳରେ କିଛି ସମୟ ପାଇଁ ଦୂରଦୂରାନ୍ତର ସ୍ଥଳକୁ ଯିବା ଲୋକଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା ।



## ୪ ଦିନ ହେଲା ପେଣ୍ଟା ଗାଁରେ ପାଣି ସଙ୍କଟ

ରାୟଗଡ଼ା,୨୩।୯ (ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ପେଣ୍ଟା ଗ୍ରାମପଞ୍ଚାୟତ ସଦର ପେଣ୍ଟା ଗ୍ରାମରେ ପାଇପ୍ ଫାଟି ଯାଇଥିବାରୁ ଗତ ୪ଦିନ ହେଲା ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଆଜି ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସମସ୍ୟା ସମ୍ପର୍କରେ ଖବର ପାଇ ପାଇପ୍ ମରାମତି ପାଇଁ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡିଛି। ଏ ନେଇ ମିଳିଥିବା ସୂଚନା ପ୍ରକାରେ ପେଣ୍ଟା ଗ୍ରାମବାସୀଙ୍କ ପାଇଁ ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିବା ବେଳେ କୌଣସି କାରଣରୁ ଗାଁ ନିକଟରେ ଥିବା ପାଇପ୍‌ଟି ଫାଟି ଯାଇ ସେଠାରେ ନିର୍ଗତ ହୋଇ ଜଳ ନଷ୍ଟ ହୋଇଯାଉଥିବା ବେଳେ ଗାଁ ଲୋକେ ଏହା ଜାଣି ପାରି ନ ଥିଲେ। ତେବେ ଗାଁରେ ଥିବା କିଛି ସହୃଦୟ ବ୍ୟକ୍ତିମାନେ ସାହିବାସିନ୍ଦାଙ୍କୁ ନିଜ ଘରୁ ପାଣି ବଣ୍ଟନ କରିଥିଲେ। କିନ୍ତୁ ଦୁଇ ଦିନ ପରେ ମଧ୍ୟ ପାଣି ନ ଆସିବାରୁ ଏ ନେଇ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଅବଗତ କରାଇଥିବା ବେଳେ ଦୀର୍ଘ ୪ଦିନ ପରେ ବିଭାଗୀୟ ଅଧିକାରୀଙ୍କ ପଦକ୍ଷେପ ଗ୍ରହଣ କରାଯାଇଛି। ମରାମତି କାମ ଚାଲିଥିବାରୁ ଗ୍ରାମବାସିନ୍ଦା ଆର.କେଶବ ରାଓ ଆସନ୍ତାକାଲି ସାହି ବାସିନ୍ଦାଙ୍କୁ ପାଣି ମିଳିପାରିବ ବୋଲି ସୂଚନା ଦେଇଛନ୍ତି।



## ଜିପିଏଲଏଫ୍ କର୍ମୀଙ୍କ ଗଣଧାରଣା

ବନ୍ଧୁଗାଁ,୨୩।୯ (ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାୟୀ ଦରମା ଦାବିରେ ମିଶନ ଶକ୍ତି ବିଭାଗରେ କାର୍ଯ୍ୟରତ ଜିପିଏଲଏଫ୍ କର୍ମୀଙ୍କ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣ ଧାରଣାରେ ବସିଛନ୍ତି। ବ୍ଲକରେ ଥିବା ୧୩ଟି ପଞ୍ଚାୟତର ୭୬ ଜଣ କମ୍ୟୁନିଟ ସପୋର୍ଟ ଷ୍ଟାଫ୍ ଗତକାଲି ସ୍ଥାନୀୟ ବିଡିଓ ମିନତୀ ଜଗଦେବ, ତହସିଲଦାର ସୋନାଲି ପାତ୍ର ଓ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରି ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦେଇ ବସିଛନ୍ତି। ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ ନାହିଁ, ଏହା ବଦଳରେ କାର୍ଯ୍ୟ ଅନୁଯାୟୀ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ସମସ୍ତଙ୍କୁ ପାରିଶ୍ରମିକ ମାସିକ ଦରମା ରାଜ୍ୟ ସରକାର ପ୍ରଦାନ କରିବାକୁ ଆନ୍ଦୋଳନ କରାଯାଇଥିଲା। ଏହି ଦାବି ରାଜ୍ୟ ସରକାର ପୂରଣ କରିବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଧାରଣା ଜାରି ରହିବ ବୋଲି ବ୍ଲକ ସଭାପତି ଦେବନ୍ତି ଟାକ୍ରୀ, ସମ୍ପାଦକ ଜୟରୀ ହାରାକା ଓ କୋଷାଧକ୍ଷ ଜ୍ୟୋତି ସେନାପତି ଓ ଅନ୍ୟ ସମସ୍ତେ ସାମିଲ ହୋଇଛନ୍ତି।



## ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ଦୁଇ ଖେଳାଳି ଚୟନ

କୋଷାଗୁମୁଡା,୨୩।୯ (ସମିସ): ଚଳିତ ବର୍ଷ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଚଳିତ ମାସ ୨୫ ଓ ୨୬ ତାରିଖ ଦିନ ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍ ବ୍ରହ୍ମପୁରରେ ହେବ। ଏହି ପ୍ରତିଯୋଗିତାରେ ନବରଙ୍ଗପୁର ଦଳରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀଧନୁଆର ଦୁଇଜଣ ଛାତ୍ର ଛାତ୍ରୀ ଯଥା କେତ୍ରି କୁମାରୀ ପୂଜାରୀ ୧୭ ବର୍ଷରୁ କମ ବାଳିକା, ଏବଂ ସଚିନ ପନଙ୍କା ୧୪ ବର୍ଷରୁ କମ ବାଳକ ବର୍ଗରେ ଦଳ ପାଇଁ ଚୟନ ହୋଇଛନ୍ତି। ଏହି ପ୍ରତିଯୋଗିତା ପାଇଁ ପ୍ରଥମେ କ୍ଲଷ୍ଟର ସ୍ତରୀୟ, ବ୍ଲକ୍ ସ୍ତରୀୟ ଏବଂ ଜିଲ୍ଲା ସ୍ତରରେ ପ୍ରତିଯୋଗିତା ହୋଇଥିଲା। ଏହି ସମସ୍ତ ପ୍ରତିଯୋଗିତାରେ ସଫଳତାର ସହ କୃତିତ୍ୱ ହାସଲ କରି ରାଜ୍ୟସ୍ତରୀୟ ହ୍ୟାଣ୍ଡ ବଲ ଖେଳିବା ପାଇଁ ଚୟନ ହେବା ମାଝୀ ଧନୁଆ ପାଇଁ ଏକ ଗୌରବର ବିଷୟ। ଏହି ଦୁଇଜଣ ଛାତ୍ରଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କୋଷାଗୁମୁଡ଼ା ବ୍ଲକ୍‌ର କ୍ରୀଡା ଶିକ୍ଷକ ମନୋଜ କୁମାର ପ୍ରଧାନ ଓ ସୁଶାନ୍ତ କୁମାର ବଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରାଜ୍ୟସ୍ତରୀୟ ହ୍ୟାଣ୍ଡ ବଲ ପ୍ରତିଯୋଗିତାକୁ ଯିବା ସମୟରେ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ଏବଂ ଜିଲ୍ଲା କ୍ରୀଡ଼ା ପ୍ରଶିକ୍ଷକ ପ୍ରଭାତ ପଟ୍ଟନାୟକ ଖେଳାଳି ମାନଙ୍କୁ ଶୁଭେଚ୍ଛା ପ୍ରଦାନ କରି ବିଦାୟ ଦେଇଥିଲେ। ଏହି ଖବର ଜାଣିବା ପରେ ସରପଞ୍ଚ, ସମିତି ସଭ୍ୟ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଭିନନ୍ଦନ ଜଣାଇଥିଲେ।




**OFFICE OF THE UTKAL BALASHRAM, KHARIAR, DIST-NUAPADA**
**(GOVT. RUN CHILD CARE INSTITUTION)**

Advertisement No: 30/UB/KRAR/NPD    Date: 22.09.25

**ADVERTISEMENT**

Applications are invited from the prospective candidates for the different posts through the proforma application form which will be made available on the district website (https://nuapada.odisha.gov.in). The online submission of application shall be available on (E-Mail: utkalbalashramkhariar@gmail.com) from **24.09.2025 (10.00 AM) to 30.09.2025 (5.00 PM).**

The recruitment of different posts of Child Care Institution & Specialized Adoption Agency (SAA) Utkal Balashram, Dist.-Nuapada is being done as per the Mission Vatsalya implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of Women & Child Development Department, Govt. of Odisha.

After submission of online application, the candidates are to submit hard copy of the same along with all required documents and testimonials through Speed post/Registered post only addressed to **Office of the Secretary, Utkal Balashram, At/Po-Khariar, Ps-Khariar, Dist.-Nuapada-766107, latest by 5.00 PM on Dt. 05.10.2025.** Any application received after the due date/time shall be rejected.

The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit the district website **(https://nuapada.odisha.gov.in).**

**CDPO Khariar-Cum-Secretary**
**Utkal Balashram Khariar**



ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




**ସ୍ୱର୍ଗତ ସରସ୍ୱତୀ ମିଶ୍ର**
ଗ୍ରାମ -ବାହାଡ଼ା, ଖଣ୍ଡପଡ଼ା, ନୟାଗଡ଼
ଆବିର୍ଭାବ-୨୦.୦୬.୧୯୪୪
ତିରୋଧାନ-୧୩.୦୯.୨୦୨୫

ବୋଉ, ତୁ ଏକା ଆମ ୬ ଭାଇ ଭଉଣୀଙ୍କର ଜନ୍ମଦାତ୍ରୀ ନ ଥିଲୁ। ସବୁବେଳେ ସବୁ ଭଣଜା ଭାଣିଜୀ ମାନଙ୍କୁ ତୋ ପୁଅ ଝିଅ ବୋଲି ଭାବି ଥିଲୁ। ସ୍ନେହ, ଶ୍ରଦ୍ଧା, ବାତ୍ସଲ୍ୟ ମମତା ର ମୂର୍ତ୍ତି ମୟୀ ଶକ୍ତି ପରି ଆମ ପାଇଁ ଲକ୍ଷ୍ମୀ ଦେବୀ ଥିଲୁ। ପର ଆପଣା ଭାବନା ଠାରୁ ବହୁ ଦୂରରେ ତୁ ଥିଲୁ। ଭୋକିଲା ର ପେଟ ଚିହ୍ନି ତାକୁ କ୍ଷୁଧା ତୃଷା ରୁ ସନ୍ତୁଷ୍ଟ କରୁଥିଲୁ। ହଠାତ ଆମ କୁ ଛାଡି ବିଷ୍ଣୁ ଲୋକକୁ ଚାଲିଗଲୁ। ସେଠାରେ ଥାଇ ଆମକୁ ଆଶୀର୍ବାଦ ଦେ, ଆମେ ପୁଣି ଥରେ ତୋର ସନ୍ତାନସନ୍ତତି ହେଇ ଜନ୍ମ ନେବୁ।

ଶୋକସନ୍ତପ୍ତ: ତୋର ହତଭାଗ୍ୟ ପୁଅ ବୋହୂ, ଝିଅ ଜ୍ୱାଇଁ, ଭଣଜା ଭାଣେଜୀ, ନାତି ନାତୁଣୀ ଏବଂ ଆତ୍ମୀୟ ସ୍ୱଜନ....


## ଜଗତ୍‌ଜନନୀ ପୀଠରେ ନବରାତ୍ରୀ ପୂଜା

ଜୟପୁର, ୨୩।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଅନ୍ୟତମ ପୁରାତନ ଦୈବୀ ପୀଠ ଭାବେ ଦେବୀ ଜଗତଜନନୀ ମନ୍ଦିର ଅବିଭକ୍ତ କୋରାପୁଟ, ଛତିଶଗଡ ଏବଂ ଆନ୍ଧ୍ରପ୍ରଦେଶର ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ନିକଟରେ ସୁପରିଚିତ ରହିଛି। ଏହି ପ୍ରସିଦ୍ଧ ଦେବୀ ପୀଠରେ ପ୍ରତିପଦା ଠାର ଅଷ୍ଟମୀ ପର୍ଯ୍ୟନ୍ତ ପଞ୍ଚ ଉପଚାରରେ ହୋମଯଜ୍ଞ ଏବଂ ଚଣ୍ଡୀପାଠ ସହିତ ପୂଜାର୍ଚ୍ଚନା ମହାଡମ୍ବରେ ପାଳିତ ହୋଇଥାଏ। ୧୦୦ ବର୍ଷ ପୁରାତନ ମନ୍ଦିର ଠାରେ ଦେବୀ ଜୟଦୁର୍ଗା ମୂର୍ତ୍ତିଙ୍କୁ ପୂଜାର୍ଚ୍ଚନା କରାଯାଉଛି ଏବଂ ଆସାମର ରାଜଧାନୀ ଦେବୀ କାମାକ୍ଷୀଙ୍କ ପୂଜାର୍ଚ୍ଚନା ସ୍ୱରୁପ ଏଠାରେ ଦେବୀ କାମାକ୍ଷୀଙ୍କ ଯନ୍ତ୍ରକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଥିବା ବେଳେ ବଂଶାନୁକ୍ରମେ ରାଜାରାଜୁଡା ସମୟରୁ ବ୍ରାହ୍ମଣ ପୂଜକଙ୍କ ଦ୍ୱାରା ରୀତିନିତିରେ ପୂଜାର୍ଚ୍ଚନା କରାଯାଉଛି। ଜୟପୁର ମହାରାଜାଙ୍କ ପକ୍ଷରୁ ନିଯୁକ୍ତ ସହରର ପୁରାତମ ବ୍ରାହ୍ମଣ ପରିବାର ରାଧାମୋହନ ସାହୁଙ୍କ ଦ୍ୱାରା ପ୍ରାୟ ୧୦୦ ବର୍ଷ ପୂର୍ବରୁ ଜଗତଜନନୀ ଦେବୀ ମନ୍ଦିର ଏକ ଛୋଟ କୁଡିଆ ଗୃହରେ ରଖାଯାଇ ପ୍ରଥମ ପୂଜକ ଭାବେ ସ୍ୱର୍ଗତ ମହେଶ୍ୱର ଖାଡଙ୍ଗା ପ୍ରତ୍ୟେକ ବର୍ଷ ଆଶ୍ୱୀନ ଓ ଚୈତ୍ର ମାସରେ ପଞ୍ଚଉପଚାରରେ କାମାକ୍ଷୀ ଦେବୀଙ୍କ ପୀଠର ଯନ୍ତ୍ର ଓ ଦେବୀ ଜୟଦୁର୍ଗା ସ୍ଥାପନ କରି ପଞ୍ଚଉପଚାରରେ ପୂଜାର୍ଚ୍ଚନା ଶୁଭାରମ୍ଭ କରିଥିଲେ। ୧୯୪୫ ମସିହାରେ ମହାରାଜା ବିକ୍ରମଦେବ ବର୍ମାଙ୍କ ବଡଝିଅ ପାଟମଣି ସୁବର୍ଣ୍ଣରେଖା ଦେଓ ଏହି ମନ୍ଦିର ଟିଣ ଛପର ଭାବେ ନିର୍ମାଣ କରିବା ସହିତ ହୋମଯଜ୍ଞ ଓ ପୂଜାର୍ଚ୍ଚନାରେ ପ୍ରତିଷ୍ଠା କରିଥିଲେ। ସ୍ଥାନୀୟ ମନ୍ଦିର ଟ୍ରଷ୍ଟର ଦ୍ୱାରା ପରିଚାଳନା କମିଟି ଦ୍ୱାରା ଏହି ମନ୍ଦିରକୁ ପୁନଃର୍ବାର ୨୦୧୮ ମସିହାରେ ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୩ ମସିହାରେ ସମ୍ପୂର୍ଣ୍ଣ କରି ପ୍ରତିଷ୍ଠା କରାଯାଇଥିଲା। ଦେବୀଙ୍କ ପୀଠରେ ଆମିଷ ଭୋଗ ଲାଗି ହୋଇନଥାଏ। କେବଳ ଖେଚୁଡି, ଖିରୀ, ସାଗ, ଆମ୍ବିଳ, ତରକାରୀ, ଭଜା. କାକରା ଓ ମିଷ୍ଟାନ୍ନ ଭୋଗ ଲାଗି କରାଯାଇଥାଏ। ଭକ୍ତ ଓ ଶ୍ରଦ୍ଧାଳୁମାନେ ସେମାନଙ୍କ ମନସ୍କାମନା ଅନୁଯାୟୀ ପଶୁ ଭାବେ ବୋଦା ଓ କୁକୁଡା ବଳି ଦେଉଥିଲେ ମଧ୍ୟ ଏହା କେବଳ ମନ୍ଦିର ବାହାରରେ କରାଯାଏ। ଭକ୍ତ ମାନେ ପ୍ରସାଦ ସ୍ୱରୁପ ନିଜ ଘରକୁ ଏହାକୁ ପ୍ରସାଦ ଭାବେ ନେଇଯାଆନ୍ତି। ବିଳମ୍ବିତ ରାତ୍ରୀ ଅଷ୍ଟମୀ ତିଥି ପର୍ଯ୍ୟନ୍ତ ହୋମଯଜ୍ଞ ଆୟୋଜିତ ହୁଏ। ପୂର୍ବରୁ ପୂଜକ ଭାବେ ବ୍ରାହ୍ମଣ ପରିବାର ଖାଡଙ୍ଗା ପରିବାର ପୁରୁଷ ମାନେ ଚଣ୍ଡିପାଠ କରିଥାଆନ୍ତି। ନବମୀ ତିଥିରେ ଶାନ୍ତି ହୋମ, କୁଙ୍କୁମ ପୂଜା ଏବଂ ଦଶହରା ତିଥିରେ ଦେବୀ ପୀଠରେ ଅପରାଜିତା ଏବଂ ପୂର୍ଣ୍ଣାହୁତି ପୂଜାର୍ଚ୍ଚନା କରାଯାଇଥାଏ। ଏହିପରି ଆଶ୍ୱିନ ଓ ଚୈତ୍ର ମାସର ଦୈବୀଙ୍କ ପର୍ବାଣି ତିଥିରେ ବିଭିନ୍ନ ଆଲୋକ ସଜ୍ଜା ସହ ମହାଡ଼ମ୍ବର ଓ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥାଏ।



■ ଦେବୀଙ୍କୁ ଲାଗି ହୁଏ ନିରାମିଷ ଭୋଗ

# ଶ୍ରୀଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ଦାମନଯୋଡ଼ି,୨୩।୯ (ସମିସ): ଶ୍ୱେତ ସୁବର୍ଣ୍ଣ କ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ଦୀର୍ଘ ବର୍ଷ ଧରି କମିଟିର ସଦସ୍ୟ ଥିବା ନାଲ୍କୋ ଏସ୍‌ପିପି ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଅଜିତ କୁମାର ସେଠୀ, ଅପରେସନ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ (ଗ୍ରେଡ୍ ୧) ପ୍ରକାଶ କୁମାର ଦାଶ ଓ ଏସପିପି ବିଭାଗର ବରିଷ୍ଠ ଟେକ୍‌ନିସିଆନ ରମେଶ ଚନ୍ଦ୍ର ସେଠୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅବସର ନେଇଥିବା ଓ ଚଳିତ ମାସ ଅବସର ନେବାକୁ ଥିବା ଏହି ୩ଜଣ ଆଧ୍ୟାତ୍ମିକବାଦୀ ସରଳ ମଣିଷ ଦାମନଯୋଡ଼ି ଶ୍ରୀଜଗନ୍ନାଥ ମନ୍ଦିର ସହିତ ଜଡ଼ିତ ରହି ବିଭିନ୍ନ ନୀତିକାନ୍ତିରେ ସେବା ଯୋଗାଇ ଥିଲେ। ମନ୍ଦିର କମିଟି ତରଫରୁ ସମସ୍ତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନା ଜଣାଇବା ସମୟରେ ଅଜିତ କୁମାର ସେଠୀଙ୍କ ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା ସେଠୀ ଓ ରମେଶ ଚନ୍ଦ୍ର ସେଠୀଙ୍କ ଧର୍ମପତ୍ନୀ ଶର୍ମିଳା ସେଠୀ ଉପସ୍ଥିତ ଥିଲେ। କମିଟି ସଭାପତି ତଥା ନାଲକୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ, ସମ୍ପାଦକ କୈଳାସ ସେନାପତି ଓ ଯୁଗ୍ମ ସଂପାଦକ ତ୍ରିଲୋଚନ ଚୌଧୁରୀଙ୍କ ସହିତ ସଦସ୍ୟ ଉପସ୍ଥିତ ଥିଲେ। ସଦସ୍ୟ ଶିଶିର ପରିଡ଼ା, ରଞ୍ଜନ କୁମାର ବେହେରା, ଅନାମ ଚରଣ ନାୟକ, ହରେନ୍ଦ୍ର ନାଥ ଗିରି, ନକୁଳ ଚରଣ ପତି, ଜଳେନ୍ଦ୍ର ତ୍ରିପାଠୀ, ସନ୍ତୋଷ କୁମାର ପଣ୍ଡା, ସୁଶାନ୍ତ କୁମାର ଦାଶ, କୈଳାସ ଚନ୍ଦ୍ର ମହାରଣା, ଖଦାଳ ନାୟକ, ଅମର ଦାସ ଓ ବିଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଶୁଣିଲାନି ପ୍ରଶାସନ

# ଘାଟି ରାସ୍ତା ମରାମତି କଲେ ଗ୍ରାମବାସୀ



କୁନ୍ଦୁରା, ୨୩।୯ (ସମିସ): କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ କୁମ୍ଭିଖାରୀ ଗାଁ ଲୋକେ ମରାମତି କରିଛନ୍ତି ନିଜ ଗାଁ ରାସ୍ତା। ଗାଁ ଲୋକେ ପ୍ରାୟ ୧୦୦ ମିଟରରୁ ଅଧିକ ଘାଟି ରାସ୍ତା ମରାମତି କରିଛନ୍ତି। ଗାଁର ସମସ୍ତ ବୟସ୍କ ଏବଂ ଯୁବକ ଶ୍ରମଦାନ କରିଛନ୍ତି। ହାତରେ କୋଦାଳ ଧରି, ଖାଲଖମା ରାସ୍ତାରେ ମାଟି ଢାଳି ସମତୁଲ କରିଥିବା ଦେଖିବାକୁ ମିଳିଛି। ସୂଚନା ଥାଉକି, କୁନ୍ଦୁରା ବ୍ଲକ ଓ ଆସନା ପଞ୍ଚାୟତର ଶେଷମୁଣ୍ଡ ଗାଁ କୁମ୍ଭିଖାରୀ। ଉପାନ୍ତ ଓ ଜଙ୍ଗଲ ଘେରରେ ରହିଛି ଏହି ଗାଁ। ଲୋକସଂଖ୍ୟା ୭ ଶହରୁ ଅଧିକ। ବ୍ଲକ ସଦର ଠାରୁ ପ୍ରାୟ ୧୮ କିଲୋମିଟର ଦୂରରେ ରହିଛି ଏହି ଗାଁ। ଗାଁରୁ ବାହାରିଲେ ଜଙ୍ଗଲିଆ ଘାଟି ରାସ୍ତା। ସେହି ରାସ୍ତା ଆଜିକୁ ପ୍ରାୟ ୨୦, ୨୫ ବର୍ଷ ତଳେ କଙ୍କ୍ରିଟ୍ ରାସ୍ତା ନିର୍ମାଣ ହୋଇଥିଲା। ସେବେଠାରୁ ଥରେ ବି ମରାମତି ହୋଇନାହିଁ ଓ ରାସ୍ତା କରାଗଲା, ଅଥଚ ଡ୍ରେନ୍ ନାହିଁ । ଏ ସମସ୍ୟାକୁ ନେଇ ବହୁବାର ଜନ ପ୍ରତିନିଧି ଏବଂ ପ୍ରଶାସନ ପାଖରେ ଦାବି କରି ଆସୁଥିଲେ। କିନ୍ତୁ କେହି ଶୁଣିଲେନି। ଶେଷରେ ଆଜି ରାସ୍ତା ମରାମତି କରାଯାଇଛି। ସେପଟେ ଗାଁ ଲୋକଙ୍କ ଏହି ରାସ୍ତା ଛଡା ଅନ୍ୟ ବିକଳ୍ପ ରାସ୍ତା ନାହିଁ । ଏଣୁ ରାସ୍ତା ମରାମତି ଓ ଡ୍ରେନ୍ ନିର୍ମାଣ ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ୱାର୍ଡ଼ ସଭ୍ୟ ଲକ୍ଷ୍ମଣ ଖିଲ।

# ନବମ ପରୀକ୍ଷାରୁ ବଞ୍ଚିତ ହୋଇ ଦାଦନ ଗଲେ ଛାତ୍ର

ମୁନିଗୁଡ଼ା,୨୩।୯(ସମିସ): ବିଦ୍ୟାଳୟକୁ ଆସୁନଥିବା ପିଲା ମାନଙ୍କୁ ବିଦ୍ୟାଳୟକୁ ଆଣି ପାଠ ପଢ଼ାଇବା ଶିକ୍ଷା ବିଭାଗର ଦାୟିତ୍ୱ ହୋଇଥିବା ବେଳେ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ମାନଙ୍କ ନାଁ କାଟି, ଟିସି ଦେଇ ବିଦା କରୁଛନ୍ତି ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ। ଛାତ୍ରଛାତ୍ରୀ ମାନଙ୍କୁ ଟିସି ଦେଇ କିମ୍ବା ନାଆଁ କାଟି ସ୍କୁଲରୁ ବିଦା କରିବା ପାଇଁ ଶିକ୍ଷକ ଜଣଙ୍କୁ କିଏ ଅଧିକାର ଦେଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଧାନ ଶିକ୍ଷକଙ୍କ ଏକଛତ୍ରବାଦ ଶାସନ ଓ ମନମୁଖି କାର୍ଯ୍ୟ ପାଇଁ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ସମ୍ପ୍ରତି ୪ ଜଣ ଛାତ୍ର ନବମ ଶ୍ରେଣୀରେ ପରୀକ୍ଷା ଦେବାରୁ ବଞ୍ଚିତ ହେବା ଓ ଜଣେ ପାଠପଢା ଛାଡ଼ି ଦାଦନ ଖଟିବାକୁ କେରଳ ରାଜ୍ୟକୁ ଯାଇଥିବା ଅଭିଯୋଗ ହୋଇଛି। କୌଣସି କାରଣରୁ କିମ୍ବା ପିଲା ମାନଙ୍କ ସ୍ୱାସ୍ଥ୍ୟ ଜନିତ କାରଣରୁ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟରେ ଅନୁପସ୍ଥିତ ରହିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତି ଛାତ୍ରଛାତ୍ରୀଙ୍କ ନାଁ କାଟି ଦେଉଥିବା ଅମ୍ବାଦଳା, ଇନ୍ଦିରା ପଡ଼ା, ପାଇକ ସାହି ଓ ଅମ୍ଳାଭଟା ଗ୍ରାମର ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ କିଛି ଛାତ୍ର ମାନଙ୍କ ଦୁଷ୍ଟାମୀ କାରଣରୁ ଅଭିଭାବକ ମାନଙ୍କୁ ଲିଖିତ ଦରଖାସ୍ତ ନ ପଢ଼ାଇ ସେମାନଙ୍କ ଦସ୍ତଖତ ନେଇ ପିଲାମାନଙ୍କୁ ଟିସି ଦେଉଛନ୍ତି ପ୍ରଧାନ ଶିକ୍ଷକ। ଯେଉଁ କାରଣରୁ ନବମ ଶ୍ରେଣୀ ପରୀକ୍ଷାରୁ ୪ ଜଣ ଛାତ୍ର ବଞ୍ଚିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଛାତ୍ର ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛି। ଘଟଣାକୁ ନେଇ ମୁନିଗୁଡ଼ା ସାଂସଦ ପ୍ରତିନିଧି ରଜନୀକାନ୍ତ ପୋଡାଲ ଘଟଣାରେ ହସ୍ତକ୍ଷେପ କରିବାରୁ ଘଟଣାରେ ମୁଣ୍ଡ ନ ପୁରାଇବାକୁ ପ୍ରଧାନ ଶିକ୍ଷକ ଶ୍ରୀ ବାମନ ମୂର୍ତ୍ତି ସାଂସଦ ପ୍ରତିନିଧିଙ୍କୁ ତାଗିଦ କରିଥିବା ଶ୍ରୀ ପୋଡାଲ୍ ଅଭିଯୋଗ କରିଛନ୍ତି। ଘଟଣା ବିଷୟରେ ପ୍ରଧାନ ଶିକ୍ଷକଙ୍କ ପ୍ରତିକ୍ରିୟା ନେବାରୁ ଏ ବିଷୟରେ ଆପଣ ମୁଣ୍ଡ ପୁରାନ୍ତୁ ନାହିଁ ବୋଲି କହିଥିଲେ। ଦୁଇ ଦିନ ହେଲା ନବମ ଶ୍ରେଣୀର ୪ ଜଣ ଛାତ୍ର ପରୀକ୍ଷା ଦେଇ ପାରି ନଥିବା ବେଳେ ତାଙ୍କର ମା' ମାନେ ଆଜି ପ୍ରଧାନ ଶିକ୍ଷକଙ୍କୁ ଭେଟି ପଚାରିବାରୁ ତୁମେମାନେ ଏକୁଟିଆ ଆସି ଦେଖାକର ବୋଲି କହିଥିବା ସେମାନେ ଅଭିଯୋଗ କରିଛନ୍ତି। ଘଟଣା ବିଷୟରେ ରାୟଗଡ଼ା ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କୁ ପଚାରିବାରୁ ଆମ ପାଖକୁ ସେମିତି କିଛି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାଇଥିଲେ।

# ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା




ନବରଙ୍ଗପୁର,୨୩।୯ (ସମିସ): ନବରଙ୍ଗପୁର ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୋମବାର ରାଜା ଚୈତନ୍ୟ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ବିଚାରପତି ଭାବେ ବରିଷ୍ଠ କଳା ଶିକ୍ଷକ ବସନ୍ତ ବେନିଆ ଓ ପବିତ୍ର ଦତ୍ତ ମୂଲ୍ୟାଙ୍କନ କରିଥିଲେ। ବିଦ୍ୟାଳୟ ସ୍ତରରେ ଟେକ୍ନୋ ଗୁରୁକୁଳ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଶୁଭ୍ରାଂଶୁ ଶତପଥୀ ପ୍ରଥମ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଡାବୁ ଗାଁର ସଦାନନ୍ଦ ପୂଜାରୀ ଦ୍ୱିତୀୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଘୋଡାଖୁଣ୍ଟାର ଅଜିତ୍ ଭତ୍ରା ତୃତୀୟ ସ୍ଥାନ ଅଧିକୃତ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ବିଜୟୀ ତିନୋଟି ବର୍ଗର ଚିତ୍ର ସମୂହ ୨୫ ସେପ୍ଟେମ୍ବର ୨୦୨୫ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଦର୍ଶିତ ହେବା ସହିତ ମୂଲ୍ୟାଙ୍କନ ହେବ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିରାମ ହରିଜନ ପରିଚାଳନା କରିଥିଲେ। ତାଙ୍କ ସହ ଜିଲ୍ଲା କାର୍ଯ୍ୟାଳୟର ଆର୍ଯ୍ୟ ପ୍ରକାଶ ସାହୁ, ଏ. ସନ୍ତୋଷ କୁମାର, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ରାଜା ଚୈତନ୍ୟ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର କର୍ମଚାରୀମାନେ କରିଥିଲେ।

# ବ୍ଲକ୍ ଆଗରେ ମିଶନ ଶକ୍ତି ମହିଳା କର୍ମଚାରୀଙ୍କ ବିକ୍ଷୋଭ

ପୋଡ଼ାଗଡ଼,୨୩।୯ (ସମିସ): ଦୀର୍ଘ ୬ ମାସ ବିତିଗଲାଣି, ଦରମା ଟଙ୍କା ମିଳି ନାହିଁ। ବିକଳ୍ପ ନ ପାଇ ଶେଷରେ ବକିୟା ଦରମା ଟଙ୍କା ଯୋଗାଇ ଦେବା ନେଇ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଛନ୍ତି ମିଶନ ଶକ୍ତି ମହିଳା କର୍ମଚାରୀମାନେ। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ପୂର୍ବତନ ସରକାର ଥିବା ସମୟରେ ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର ଭଳି କେତେକ ମହିଳା କର୍ମଚାରୀଙ୍କୁ ନିଯୁକ୍ତି ମିଳିଥିଲା। ସେତେବେଳେ ବିଜେଡି ସରକାର ଥିବା ରୁ ସବୁ ଠିକା ଠାକ୍ ଚାଲିଥିଲା। ବର୍ତ୍ତମାନ ଓଡ଼ିଶାରେ ସରକାର ବଦଳି ଯିବାରୁ ଆଉ ଏହି କର୍ମଚାରୀକୁ ଗୁରୁତ୍ୱ ମିଳୁନି। ତେଣୁ ମହିଳା କର୍ମଚାରୀ ମାନଙ୍କ ଦରମା ନିୟମିତ ମିଳିବା ପରିବର୍ତ୍ତେ ୬ ମାସ ହେଲାଣି ବକେୟା ଦରମା ପଡ଼ିରହିଛି। ପରିବାର ଚଳାଇବାରେ ଆର୍ଥିକ ସମସ୍ୟା ଦେଖା ଦେଇଥିବାରୁ ବାଧ ହୋଇ ମହିଳା କର୍ମଚାରୀ ବ୍ଲକ୍ ଆଗରେ ବିକ୍ଷୋଭ କରୁଥିବା ଜଣାପଡିଛି।

■ ରାୟଗଡ଼ା ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଦୁର୍ନୀତି ମାମଲା

# ତଦନ୍ତ ସ୍ଥିତି ନେଇ ବିଧାନସଭାରେ ପ୍ରଶ୍ନ କଲେ ବିଧାୟକ

ରାୟଗଡ଼ା,୨୩।୯ (ସମିସ): ଆଜି ବିଧାନସଭା ଅଧିବେଶନରେ ଯୁଡି ୧୭୨୪ ସଂଖ୍ୟାର ପ୍ରଶ୍ନରେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଗଣେଷ ରାମସିଂ ଖୁଣ୍ଟିଆଙ୍କୁ ରାୟଗଡ଼ା ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ଦୁର୍ନିତୀ ତଥା ଠକେଇର ତଦନ୍ତ ସ୍ଥିତି ଏବଂ କେବେ ତଦନ୍ତ ସମାପ୍ତ ହେବ, ଜିଲ୍ଲା ପ୍ରଶାସନର ତଦନ୍ତ ରିପୋର୍ଟ, ଥାନାରେ ଯେଉଁ ମାମଲା ରୁଜୁ ହୋଇଛି ତାହାର ସ୍ଥିତି, ଇଓଡବ୍ଲ୍ୟୁ ତରଫରୁ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯାଇଛି, ଯେଉଁ ଡାକ୍ତର ବାରମ୍ବାର ମୃତ୍ୟୁପ୍ରମାଣପତ୍ର ପ୍ରଦାନ କରିଛନ୍ତି, ସେମାନଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, କେତେଜଣ ଶ୍ରମିକଙ୍କ ଟଙ୍କା ହଡ଼ପ କରାଯାଇଛି ଏବଂ ସେ ଦୁର୍ନୀତି ଟଙ୍କା କେଉଁଠି ଗଚ୍ଛିତ ଅଛି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ରାୟଗଡ଼ା ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ହୋଇଥିବା ଦୁର୍ନିତୀ ତଥା ଠକେଇ ମାମଲା ତଦନ୍ତାଧୀନ ଅଛି, ଜିଲ୍ଲା ପ୍ରଶାସନର ତଦନ୍ତ ରିପୋର୍ଟ, ଥାନାରେ ରୁଜୁ ହୋଇଥିବା ମାମଲାର ସ୍ଥିତି ଏବଂ ଇଓଡବ୍ଲ୍ୟୁ ତରଫରୁ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କୀୟ ତଥ୍ୟ ଏହି ବିଭାଗରେ ଉପଲବ୍ଧ ନାହିଁ ବୋଲି ଉତ୍ତର ରଖିଥିବା ବେଳେ ବାରମ୍ବାର ମୃତ୍ୟୁପ୍ରମାଣ ପତ୍ର ଦେଇଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର କାର୍ଯ୍ୟ ପରିସରଭୁକ୍ତ ନୁହେଁ ବୋଲି ଉତ୍ତର ରଖିଛନ୍ତି। ସେହିପରି ଦୁର୍ନୀତି ମାମଲା ତଦନ୍ତାଧୀନ ଥିବାରୁ ଶ୍ରମିକଙ୍କ ଟଙ୍କା ହଡ଼ପ ଏବଂ ଗଚ୍ଛିତ ବିଷୟରେ ସଠିକ୍ ତଥ୍ୟ ପ୍ରଦାନ କରାଯାଇ ପାରୁନାହିଁ ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି। ବିଧାୟକ ଶ୍ରୀ କାଡ୍ରକା ଉକ୍ତ ପ୍ରଶ୍ନ ସମେତ ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ଯେଉଁ ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରାଯାଇଛି ସେହି ପୋର୍ଟାଲ ନିମନ୍ତେ କେତେ ଅର୍ଥ ଖର୍ଚ୍ଚ ହୋଇଥିବା ସହ ୧୦ଟି ଶୂନ,୧୦ଟି ଏକ ନମ୍ବର ମଧ ପୋର୍ଟାଲ କିପରି ଗ୍ରହଣ କରୁଛି ଏବଂ ସେ ପୋର୍ଟାଲରେ କିଛି ଗଳାବାଟ ରହିଛି କି, ତେଣୁ ବାଇମେଟ୍ରିକ୍ କିମ୍ବା ଫେସ୍ ସ୍କାନର ଆବଶ୍ୟକ ପଡୁନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧିନରେ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ/ ନବୀକରଣ/ସହାୟତା ବଣ୍ଟନ ନିମନ୍ତେ ୭.୧୫କୋଟି ଟଙ୍କା ବ୍ୟୟ ବରାଦରେ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର ଭୁବନେଶ୍ୱର ଦ୍ୱାରା ନିର୍ମାଣ ଶ୍ରମିକ ପୋର୍ଟାଲ କରାଯାଇଥିବା ଏବଂ ସହାୟତା ରାଶି ଯୋଗ୍ୟ ହିତାଧିକାରୀଙ୍କ ଆଧାର ସଂଯୋଗ ବ୍ୟାଙ୍କ ଖାତାକୁ ସିଧାସଳଖ ଡିବିଡି ବ୍ୟବସ୍ଥା ବୋର୍ଡ ଦ୍ୱାରା କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ଉତ୍ତର ରଖିଛନ୍ତି।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରରେ ସଫେଇ କାର୍ଯ୍ୟକ୍ରମ



ବିଷମ କଟକ,୨୩।୯ (ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହଇଯାଇଛି। ଆଜିର ଏହି କାର୍ଯ୍ୟକ୍ରମଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉମାଶଙ୍କର ନେମାଲ ପୁରୀଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏଥିରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନେ ଅନୁଷ୍ଠାନ ପରିସର ସଫେଇ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ଜାତୀୟ ସେବା ଯୋଜନା ସଂଯୋଜକ କରମେନ୍ଦ୍ର ସାହୁ। ଏଥିରେ ଅନୁଷ୍ଠାନର ଅଧ୍ୟାପିକା ଅର୍ଚ୍ଚନା ପାଢ଼ୀ, ଅଧ୍ୟାପକ ଶ୍ରୀଧର ପାତ୍ର, ଦୟାନିଧି ବାଙ୍ଗାରୀ, ରବିନାରାୟଣ ଛନ୍ଦ, ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟରେ ସହଯୋଗ କରିଥିଲେ । ଅନୁଷ୍ଠାନର ସମସ୍ତ କର୍ମଚାରୀ ମାନେ ସଫେଇ କାର୍ଯ୍ୟରେ ଯୋଗ ଦେଇଥିଲେ।

# ସୁନାବେଡ଼ା ପୌର ପରିଷଦ ପକ୍ଷରୁ ପ୍ରତିଯୋଗିତା



ସୁନାବେଡ଼ା,୨୩।୯ (ସମିସ): ମଙ୍ଗଳବାର ଦିନ ସୁନାବେଡା ପୌର ପରିଷଦ ଆନୁକୂଲ୍ୟରେ ପରିଷଦର କଲ୍ୟାଣ ମଣ୍ଡପ ଠାରେ ପୌରାଞ୍ଚଳ ସ୍ଥିତ ସ୍କୁଲ ଏବଂ କଲେଜ ଛାତ୍ର ଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା ରଚନା ଲିଖନ, ବକ୍ତୃତା, ଚିତ୍ରାଙ୍କନ, କୁଇଜ୍ ଏବଂ ବିଜ୍ଞାନ ପ୍ରଦର୍ଶନୀ ଆଦି ପ୍ରତିଯୋଗିତା କଲ୍ୟାଣ ମଣ୍ଡପ ଏବଂ ଶ୍ରୀ ଅରବିନ୍ଦ ସ୍କୁଲରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲ କଲେଜରୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଚାରକ ଭାବେ ଡ. ବିଦ୍ୟୁତ୍‌ପ୍ରଭା ରଥ, ଶାହେଦା ପରୱିନ, ଶଙ୍କର୍ଷଣ ବାରିକ, କ୍ଷୀତିଶ ଚନ୍ଦ୍ର ରଣା, ନିବେଦିତା ହରିଚନ୍ଦନ, ତାପସ କୁମାର ମଲ୍ଲିକ, ମନୋଜ କୁମାର ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ପୌର ପରିଷଦର ବରିଷ୍ଠ କର୍ମଚାରୀ ଲକ୍ଷ୍ମୀଧର ମହାପାତ୍ର ଓ ସମାଜସେବୀ ଶେଖ୍ ଇବ୍ରାହିମ ସଂଯୋଜକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସନ୍ତା ଅକ୍ଟୋବର ୨ ତାରିଖରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯିବ।

# ପି.ଭେଙ୍କଟ ରାଓ କନ୍ୟାକା ପରମେଶ୍ୱରୀ ମନ୍ଦିର ସଭାପତି



ନବରଙ୍ଗପୁର, ୨୩।୯ (ସମିସ): ନବରଙ୍ଗପୁର ସହର ସଦର ମହକୁମା ସ୍ଥିତ କନ୍ୟାକା ପରମେଶ୍ୱରୀ ମନ୍ଦିର ପରିସର ଠାରେ କମିଟିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂତନ ପରାମର୍ଶ ଦାତା କମିଟି, ଗର୍ଭର୍ଣ୍ଣିଂ କମିଟି ଓ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଚୟନ କରାଯାଇଛି। ପୂର୍ବରୁ ସର୍ବସମ୍ମତି କ୍ରମେ କମିଟିର ସଭାପତି ରୂପେ ପି. ଭେଙ୍କଟ ରାଓ ମନୋନୀତ କରାଯାଇଥିବା ବେଳେ ଆଜି ସଭାପତିଙ୍କ ଉପସ୍ଥିତରେ ସର୍ବସମ୍ମତି କ୍ରମେ ଉପସଭାପତି ରୂପେ କେ. କିଶୋର, ସାଧାରଣ ସମ୍ପାଦକ ରୂପେ ଏନ. ଇଶ୍ୱର ରାଓ, ସହ ସମ୍ପାଦକ ଭାବେ ଭି. ରବି ପ୍ରସାଦ ଓ କୋଷାଧକ୍ଷ ରୂପେ ଭି. ସନ୍ତୋଷ କୁମାର ମନୋନୀତ ହୋଇଛନ୍ତି। ସେହିପରି ୪୮ ସଭ୍ୟଙ୍କୁ କାର୍ଯ୍ୟନିର୍ବାହୀ କମିଟିର ସଭ୍ୟ ରୂପେ ଚୟନ କରାଯାଇଥିବା ବେଳେ କମିଟି ବରିଷ୍ଠ ସଦସ୍ୟ ପି. ଉମା ମହେଶ୍ୱର ରାଓ, ପି. ଦୁର୍ଗା ପ୍ରସାଦ, ଜି. ରାମା ରାଓ, ଏନ. ଜନାର୍ଦ୍ଦନ ରାଓ, ପି. ମୋହନ ରାଓ ଓ କେ. ରବି ପ୍ରସାଦଙ୍କୁ ପରାମର୍ଶ ଦାତା କମିଟିର ସଦସ୍ୟ ରୂପେ ଚୟନ କରାଯାଇଛି। ଏହାସହ ସଭାପତି ପି. ଭେଙ୍କଟ ରାଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ନୂତନ କମିଟିର କାର୍ଯ୍ୟକଳାପ , ସଂଘ ଓ ମନ୍ଦିରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନେଇ ବିଶେଷ ଆଲୋଚନା କରିବା ସହ ବରିଷ୍ଠ ପରାମର୍ଶ ଦାତା କମିଟିର ପରାମର୍ଶ ଓ ମନ୍ଦିର କମିଟିର ସମସ୍ତ ସଭ୍ୟ ମାନଙ୍କୁ ନେଇ ଆଗାମୀ ଦିନରେ ମନ୍ଦିର ଉନ୍ନତି ଓ ଶାନ୍ତି ଶୃଙ୍ଖଳା ଭାବେ ମନ୍ଦିର ପରିଚାଳନା କରାଯିବ ବୋଲି ସଭାପତି ପି ଭେଙ୍କଟ ରାଓ କହିଛନ୍ତି । ଶେଷରେ ସମ୍ପାଦକ ଏନ. ଈଶ୍ୱର ରାଓ ନୂତନ ଭାବେ ଚୟନ ହୋଇଥିବା ସମସ୍ତ କମିଟିର ସଦସ୍ୟ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ସ୍ଥଗିତ ହେଲା ଜିଲ୍ଲା କ୍ରୀଡ଼ା ସଂସଦ ନିର୍ବାଚନ

## ନୂତନ ସଦସ୍ୟ ଚୟନ ପରେ ହେବ ନିର୍ବାଚନ



ରାୟଗଡ଼ା,୨୩।୯ (ସମିସ): ଚଳିତ ସେପ୍ଟେମ୍ବର ମାସ ୧୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାୟଗଡ଼ା ଜିଲ୍ଲା କ୍ରୀଡା ସଂସଦ (ଜିଲ୍ଲା ଆଥେଲେଟିକ୍ସ ଆସୋସିଏସସନ) ନିର୍ବାଚନକୁ ସ୍ଥଗିତ ରଖାଯାଇଛି । ନୂତନ ସଦସ୍ୟ ନିଯୁକ୍ତ ପରେ ପୁଣି ତାରିଖ ନିର୍ଦ୍ଧାରଣ କରାଯାଇ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲିନୁର ନୋଟିସ ଜାରି କରିଛନ୍ତି। ଆସନ୍ତା ଅକ୍ଟୋବର ୩୧ତାରିଖ ଯାଏଁ ଯଥାସମ୍ଭବ ନୂତନ ସଦସ୍ୟତା ନିଯୁକ୍ତ ନିମନ୍ତେ ପଞ୍ଜୀକରଣ ଅବଧି ରଖାଯାଇଛି। ଆଗ୍ରହୀ ଖେଳାଳୀ ଏବଂ ପୂର୍ବତନ ଖେଳାଳୀମାନେ ଏନେଇ ଆବଶ୍ୟକ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ କାଗଜପତ୍ର ସହିତ ସଦସ୍ୟତା ଫର୍ମ ଦାଖଲ କରିବାକୁ ନୋଟିସରେ ଉଲ୍ଲେଖ କରାଯାଇଛି। ତେବେ ଜିଲ୍ଲା କ୍ରୀଡା ସଂସଦର ନୂତନ ସଦସ୍ୟ ଚୟନ ନ ହେବା ପର୍ଯ୍ୟନ୍ତ ନିର୍ବାଚନକୁ ବନ୍ଦ ରଖିବା ପାଇଁ ଜିଲ୍ଲାର ଆଗ୍ରହୀ ଖେଳାଳୀମାନେ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡା ସଂସଦର ଅଧ୍ୟକ୍ଷଙ୍କୁ ନିବେଦନ କରିବା ପରେ ଏହି ନିର୍ବାଚନକୁ ସ୍ଥଗିତ ରଖାଯାଇଥିବା ଜଣାପଡିଛି। ଏ ନେଇ ଜିଲ୍ଲାର ଆଗ୍ରହୀ ଖେଳାଳୀମାନେ ଜିଲ୍ଲାର ପ୍ରତିଭାମାନ ଖେଳାଳୀମାନଙ୍କୁ ଆସୋସିଏସନରେ ସାମିଲ କରିବା ଏବଂ ଜିଲ୍ଲାରେ କ୍ରୀଡାର ବିକାଶ ପାଇଁ ୨୦୨୨ ମସିହା ଅଗଷ୍ଟ ୧ତାରିଖରେ ତତ୍କାଳୀନ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଏହି ପ୍ରସଙ୍ଗରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲା କ୍ରୀଡା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଦୀର୍ଘ ୩ବର୍ଷ ମଧ୍ୟରେ ଜିଲ୍ଲା କ୍ରୀଡା ସଂସଦ ଗଠନ ହୋଇପାରିଲା ନାହିଁ କି କୌଣସି କମିଟି କାର୍ଯ୍ୟକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇପାରିଲା ନାହିଁ ବୋଲି ଖେଳାଳୀମାନେ କହିଛନ୍ତି। ରାୟଗଡ଼ା ଜିଲ୍ଲା ଏବଂ ଓଡ଼ିଶା ରାଜ୍ୟର ନାମ ଏବଂ ପ୍ରସିଦ୍ଧି ପାଇଁ ଯୁବପିଢ଼ୀ ନିୟମିତ ଭାବରେ ବିଭିନ୍ନ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସୁନାମ ଆଣୁଥିବା ବେଳେ ରାୟଗଡ଼ା ଜିଲ୍ଲାରେ ପ୍ରତିଭାବାନ ଖେଳାଳୀମାନେ କୌଣସି ଲାଭ ଉଠାଇପାରିନାହାନ୍ତି ବୋଲି କହିଛନ୍ତି। ସେହିପରି ରାଜ୍ୟ ସରକାର କ୍ରୀଡାର ବିକାଶ ପାଇଁ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରୁଥିବା ବେଳେ ରାୟଗଡ଼ା ଜିଲ୍ଲାରେ ଏହାର ବ୍ୟତିକ୍ରମ ରହିଛି ବୋଲି କହିଛନ୍ତି। ସମସ୍ତ ଆଗ୍ରହୀ ଖେଳାଳୀମାନଙ୍କୁ ଜିଲ୍ଲା କ୍ରୀଡା ସଂସଦରେ ସଦସ୍ୟ ଭାବେ ଗ୍ରହଣ କରାଗଲେ ସେମାନେ ବିଭିନ୍ନ କ୍ରୀଡାକୁ ଉତ୍ସାହିତ କରିପାରିବେ ଏବଂ ସଦସ୍ୟମାନେ ରାଜ୍ୟ ଓ ଜାତୀୟସ୍ତରରେ ଆସୋସିଏସନ ମାଧ୍ୟମରେ ସୁବିଧା ସୁଯୋଗ ପାଇପାରିବେ ବୋଲି କହିଛନ୍ତି। ଜିଲ୍ଲା କ୍ରୀଡା ସଂସଦ ସଦସ୍ୟ ନିମନ୍ତେ ୧ ହଜାର ଟଙ୍କା ସଭ୍ୟଚାନ୍ଦା ସ୍ଥିର ହୋଇଥିବା ବେଳେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଥିବା ଗରିବ ପରିବାରର ଅନେକ ପ୍ରତିଭାବାନ ଖେଳାଳୀମାନେ ଏହି ଦେୟ ଦେବାକୁ ସକ୍ଷମ ହୋଇପାରିବେ ନାହିଁ । ତେଣୁ ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଏଥିପ୍ରତି ବିଚାର କରିବା ପାଇଁ ଖେଳାଳୀ ରଂଜିତ ହୁଇକା, ଏଲ. ରମେଶ କୁମାର, ସାଇକ୍ରୀଷ୍ଣା ପାଲାକା, ଜୟଦେବ ମଣ୍ଡାଙ୍ଗୀ, ଟି. ଜଗଦୀଶ, ଏନ. ଚାଣ୍ଟି, ଏମ. ଶିବା ଓ ଅନ୍ୟ ଖେଳାଳି ମାନେ ନିବେଦନ କରିଛନ୍ତି। ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲିନୁର କ୍ରୀଡା ସଂସଦ ନିର୍ବାଚନକୁ ନେଇ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଦୀର୍ଘ ବର୍ଷରୁ ଜିଲ୍ଲା କ୍ରୀଡା ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇ ନ ଥିବା ବେଳେ ଏଥି ନିମନ୍ତେ ପ୍ରଶାସନ ପକ୍ଷରୁ ଅନେକ ବୈଠକ କରାଯାଇ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଛି। ଜିଲ୍ଲା କ୍ରୀଡା ସଂସଦ ଗଠନ ନିମନ୍ତେ ୧୨୦ଜଣ ନୂତନ ସଦସ୍ୟ ଭାବେ ଆବେଦନ କରିଥିବା ବେଳେ ଏଥିରୁ ୪୫ଜଣ ବିଭିନ୍ନ କାରଣରୁ ବାଦ ପଡିଥିବା ବେଳେ ବର୍ତ୍ତମାନ ୭୫ଜଣ ସଦସ୍ୟଙ୍କୁ ନେଇ ଆସୋସିଏସନ ଗଠନ କରାଯାଇଛି। କିନ୍ତୁ ଜିଲ୍ଲାରେ ଥିବା ଅନ୍ୟ ଆଗ୍ରହୀ ଖେଳାଳୀ ଏବଂ ପୂର୍ବତନ ଖେଳାଳୀମାନଙ୍କୁ ପୁଣି ନୂତନ ସଦସ୍ୟତାର ସୁଯୋଗ ଦେବା ପାଇଁ ସ୍ଥିର କରାଯାଇଥିବାରୁ ନିର୍ବାଚନକୁ ସ୍ଥଗିତ ରଖାଗଲା ବୋଲି ପ୍ରକାଶ କରିଛନ୍ତି।


# GANDHI +2 SCIENCE COLLEGE

**Walk-in-Interview** Date : 26 & 27/09/2025, 08 & 13/10/2025 Time : 10 AM

| POST | QUALIFICATION | EXPERIENCE | AGE LIMIT |
| --- | --- | --- | --- |
| Data Entry Operator (2-M/F) | Min. Graduation/ MCA | Min. 2 yrs | 25-40 yr. |
| Accountant (2-M/F) | Min. Graduation | Min. 3 yrs | 30-50 yr. |
| Admission Counsellor (2-M/F) | Min. Graduation/MBA | Min. 3 yrs | 25-40 yr. |
| Front Office Executive (2-M/F) | Min. Graduation/MBA | Min. 2 yrs | 25-40 yr. |
| Admission In charge (2-M/F) | Min. Graduation | Min. 3 yrs | 30-45 yr. |
| Marketing Executive (5-M/F) | Min. Graduation | Min. 2 yrs | 25-50 yr. |
| Academic Co-ordinator (2-M/F) | Min. Graduation | Min. 2 yrs | 25-40 yr. |
| Senior Management Staff (3-M/F) | Min. Graduation | Min. 5 yrs | 35-50 yr. |
| Junior Lect. (All Department) | Min. P.G | Min. 2 yrs | 25-30 yr. |
| Telecaller (2-F) | Min. Graduation | Min. 1 yr | 25-40 yr. |
| Hostel Warden (4-M/F) | Min. +2 | Min. 2 yrs | 30-50 yr. |
| Cook & Helper (4-M) | | | |
| Driver (2-M) | Should have Licence | | |

Send your Bio-Data By Whatsapp/ By Hand & Come for Interview

Call & Whatsapp : 9439363437, 8144040281

Shantikanan Lane, Mallikashpur, Balasore | New Campus : Tarini Chhak, Mathasahi Near Nayanakumari School, Balasore

# ସମ୍ପାଦକୀୟ



ପଡ଼ୋଶୀର ଉନ୍ନତି ପ୍ରତି ଅଧିକ ଯତ୍ନବାନ ହେବା ଆବଶ୍ୟକ।
-ମଦର ଟେରେସା

ସକାଳ
THE SAKALA

## ନବୀନ-ଅର୍ଥନୀତି

ଗତ ପ୍ରାୟ ଦଶ ବର୍ଷ(୨୦୧୩-୧୪ ରୁ ୨୦୨୨-୨୩ ଆର୍ଥିକ ବର୍ଷ) ଭିତରେ ୨୮ଟି ରାଜ୍ୟର ସାମଗ୍ରିକ ସରକାରୀ ଋଣ ପରିମାଣ ପ୍ରାୟ ୫୯.୬୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅର୍ଥାତ୍ ତିନି ଗୁଣରୁ ଅଧିକ ହାରରେ ବଢ଼ିଛି। ରାଜ୍ୟ ଅର୍ଥସଚିବମାନଙ୍କର ଜାତୀୟସ୍ତରୀୟ ସମ୍ମିଳନୀରେ ଏହି ଉଦ୍‌ବେଗଜନକ ସୂଚନା ଦେଇଛନ୍ତି ସିଏଜି। ଦେଶରେ ପ୍ରଥମ ଥର ପାଇଁ ହୋଇଥିବା ଏଭଳି ସମୀକ୍ଷା ଆଧାରିତ ସୂଚନା ଅନୁଯାୟୀ ଏହି ସାମଗ୍ରିକ ଋଣ ପରିମାଣ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ର ପାଖାପାଖି ୨୩%। ଅଣ ଋଣ ଓ ରାଜସ୍ୱର ୧୫୦ ପ୍ରତିଶତ। ଏତେ ବିଶାଳ ଋଣ ଭାରରେ ଅର୍ଥନୈତିକ ଅଭିବୃଦ୍ଧିର ଯେଉଁ ଚିତ୍ର ପ୍ରଦର୍ଶିତ ହେଉଛି ତାହାର ସମାବେଶୀ ପ୍ରଭାବକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। କିନ୍ତୁ ଏହି ରିପୋର୍ଟ ମଧ୍ୟରେ ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଋଣ-ଜିଏସ୍‌ଡିପି ଅନୁପାତରେ ଓଡ଼ିଶା ସମଗ୍ର ଦେଶରେ ସବୁଠାରୁ କମ୍(୮.୪୫ ପ୍ରତିଶତ) ରହି ବିତ୍ତୀୟ ପରିଚାଳନାରେ ଶୀର୍ଷସ୍ଥାନ ହାସଲ କରିଛି। ଋଣ ପରିଚାଳନା କ୍ଷେତ୍ରରେ ପଞ୍ଜାବ(୪୦.୩୫%), ପଶ୍ଚିମବଙ୍ଗ(୩୩.୭୦) ଓଡ଼ିଶାଠାରୁ ବହୁ ପଛରେ ରହିଛନ୍ତି।

ଋଣ ପରିଚାଳନା ନିୟମ ଅନୁଯାୟୀ କେବଳ ନିବେଶ କିମ୍ବା ପୁଞ୍ଜି ବ୍ୟୟ ପାଇଁ ଋଣ କରାଯିବା ଉଚିତ। ଓଡ଼ିଶା ଏ କ୍ଷେତ୍ରରେ ଯଥେଷ୍ଟ ସଂଯମ ଅବଲମ୍ବନ କରି ନୀତି ନିୟମର ଅନୁପାଳନ ଦ୍ୱାରା ରାଜସ୍ୱ ବଳକା ରାଜ୍ୟ ଭାବେ ଦେଶରେ ତୃତୀୟ ସ୍ଥାନ ହାସଲ କରିପାରିଛି। ବିଗତ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଗରିବ ରାଜ୍ୟର କଳଙ୍କିତ ଟିକା ପିନ୍ଧିଥିବା ଓଡ଼ିଶାର ଏହି ଈର୍ଷଣୀୟ ସଫଳତା କେବଳ ସମ୍ଭବ ହୋଇପାରିଛି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ବିଜେଡି ସରକାରଙ୍କ ବିତ୍ତୀୟ ପରିଚାଳନାରେ ବିଚକ୍ଷଣତା ଯୋଗୁଁ। ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶାକୁ ଏକ ଦ୍ରୁତପ୍ରଗତିଶୀଳ ରାଜ୍ୟ ଭାବରେ ପରିଗଣିତ କରିବା ଏତେ ସହଜ ନଥିଲା। ନବୀନ ବାବୁଙ୍କ ଦୂରଦର୍ଶୀ ବିତ୍ତୀୟ ପରିଚାଳନା ଓ ସଂଯମ ଯୋଗୁଁ ଋଣ ପରିମାଣ ଧାର୍ଯ୍ୟ ଅନୁପାତର ଲକ୍ଷଣରେଖା ମଧ୍ୟରେ ରହିପାରିଛି ଏବଂ ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇଛି। ଏପରିକି ରାଜ୍ୟର ଜିଡିପି ଏକଦା ଜାତୀୟ ହାରକୁ ଟପିପାରିଛି। ପ୍ରଗତିଶୀଳ ଓଡ଼ିଶାର ବିବର୍ତ୍ତନର ଇତିହାସରେ ବିକାଶର ବିନ୍ଧାଣୀ ନବୀନ ପଟ୍ଟନାୟକଙ୍କ ଅର୍ଥନୀତି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ- ଏହା ବିରୋଧୀ ମଧ୍ୟ ସ୍ୱୀକାର କରିବେ।

## ଶିକ୍ଷାକୁ 'ନା', ମଦକୁ 'ହଁ'

ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟାରେ ଜାତୀୟ ଶିକ୍ଷା ଶିକ୍ଷକ ପରିଷଦ ଦ୍ୱାରା ଧାର୍ଯ୍ୟ ମାନଦଣ୍ଡ ପୂରଣ କରି ନ ଥିବା କାରଣରୁ ଓଡ଼ିଶାର ଗୋଟିଏ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ (ବିଇଡି କଲେଜ୍) ର ସ୍ୱୀକୃତି ପ୍ରତ୍ୟାହାର ପାଇଁ ସୁପାରିସ କରାଯାଇଥିବା ବେଳେ ସମାନ କାରଣରୁ ରାଜ୍ୟର ସମସ୍ତ ୧୬ଟି ବିଇଡି କଲେଜ ଏବଂ ସେଥିରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ସେଥିମଧ୍ୟରୁ ଆଠଟି କଲେଜ୍‌କୁ କାରଣଦର୍ଶାଅ ନୋଟିସ୍ ଜାରି ହୋଇସାରିଥିବାରୁ ଆସନ୍ତା ଶିକ୍ଷାବର୍ଷରୁ ସେଠାରେ ନାମଲେଖା ଅନିଶ୍ଚିତ ହୋଇପଡ଼ିଛି। ବିଦ୍ୟାଳୟଗୁଡ଼ିକ ଶିକ୍ଷାମନ୍ଦିର ଓ ମଣିଷ ତିଆରି କାରଖାନା ଭାବେ ବିଦିତ। ତେଣୁ ମଣିଷଙ୍କୁ ତିଆରି କରୁଥିବା ଯନ୍ତ୍ର(ଶିକ୍ଷକ/ଶିକ୍ଷୟିତ୍ରୀ) ଯଦି ସୃଷ୍ଟି ନ ହେବେ ମଣିଷ ତିଆରି କରିବ କିଏ?

ଆମ ରାଜ୍ୟରେ ଛାତ୍ର-ଶିକ୍ଷକ ଅନୁପାତ ନୈରାଶ୍ୟଜନକ। ଏଭଳି ସ୍ଥିତିରେ ଯଦି ଗୋଟିଏ ପରେ ଗୋଟିଏ ବିଇଡି କଲେଜ୍ ବନ୍ଦ ହୋଇଯାଏ, ତେବେ ମଣିଷ ତିଆରି କାରଖାନାରୁ ସୃଷ୍ଟ ଉତ୍ପାଦମାନେ କେତେ ସାମାଜିକ ତତ୍ତ୍ୱ ପଦବାଚ୍ୟ ହେବେ ତାହା ଅନୁମାନସାପେକ୍ଷ। ଅପରପକ୍ଷରେ ବନ୍ଦ ପଡ଼ିଥିବା ୭୦ଟି ଅତିରିକ୍ତ ମଦଦୋକାନ ଖୋଲିବା ପାଇଁ ରାଜ୍ୟ ସରକାର ଅନୁମତି ଦେଇଥିବା ବେଳେ ଚାରିଟି ମଦ ତିଆରି କାରଖାନା ପ୍ରତିଷ୍ଠା ପ୍ରସ୍ତାବ ବିଚାରାଧୀନ ଥିବା ବିଧାନସଭାରେ ସୂଚନା ଦେଇଛନ୍ତି।

ଉପରୋକ୍ତ ଦୁଇ ସ୍ୱର୍ଶକାତର ପ୍ରସଙ୍ଗକୁ ଏକାଠି ତର୍ଜମା କଲେ ଆଗାମୀ ଦିନରେ ରାଜ୍ୟରେ ସାମାଜିକ ସ୍ଥିତି କେତେ ସମ୍ବେଦନଶୀଳ ଓ ଉଦ୍‌ବେଗଜନକ ହେବାକୁ ଯାଉଛି ତାହା କେତେକାଂଶରେ ସ୍ୱଷ୍ଟ ହେବ। ହୁଏତ ପ୍ରସ୍ତାବିତ ମଦ କାରଖାନା ଓ ମଦ ଦୋକାନ ପାଇଁ ବିଶେଷ ଗ୍ରାହକ ସମସ୍ୟା ସୃଷ୍ଟି ହେବନାହିଁ। କାରଣ ବିନା ଶିକ୍ଷକରେ ମଣିଷ ତିଆରି କାରଖାନାରୁ ଯେଉଁ ଉତ୍ପାଦମାନେ ବାହାରିବେ ସେମାନେ ଅଚିରେ କ୍ରମବର୍ଦ୍ଧିଷ୍ଣୁ ମଦ କାରଖାନା ଓ ଦୋକାନଗୁଡ଼ିକର ଗ୍ରାହକ ହୋଇଯିବେ। ସାମାଜିକ ଶାନ୍ତି ଓ ସ୍ଥିରତାରେ ସେହି ଗ୍ରାହକମାନଙ୍କର ଅବଦାନ କ'ଣ ହେବ ତାହା ବୁଝାଇ କହିବା ଅନାବଶ୍ୟକ। ଶିକ୍ଷା ଏକ ଜଞ୍ଜାଳମୟ ଓ ସମସ୍ୟାବହୁଳ କ୍ଷେତ୍ର(ରଗ୍‌ଣ ଶିଳ୍ପ)। ଶିକ୍ଷକ ବିନା ଛାତ୍ରଛାତ୍ରୀ ସ୍କୁଲ୍ ନ ଆସିଲେ ସେଗୁଡ଼ିକ ଆପେ ବନ୍ଦ ହୋଇଯିବ ଏବଂ ସେ ବାବଦ ଅର୍ଥ ଚିନ୍ତାରୁ ସରକାର ଅନ୍ତତଃ ମୁକ୍ତ ହୋଇପାରିବେ। ଅପରପକ୍ଷେ ମଦ ଦୋକାନ ଓ କାରଖାନାର ରାଜସ୍ୱରେ ରାଜକୋଷ ପୁଷ୍କଳ ହେବା ନିଶ୍ଚିତ। ତେଣୁ ଉପରୋକ୍ତ ଚତୁର ଓ ଅଭିନବ ସାମାଜିକ-ଅର୍ଥନୈତିକ ସମୀକରଣରେ ସରକାରଙ୍କୁ ଦୁଇ ପଟୁ ଫାଇଦା ହେବ ଏବଂ ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ ହୋଇପାରିବ। ତେବେ ଏହା କ'ଣ ୨୦୩୬ର ବିକଶିତ ଓଡ଼ିଶାର ମୂଳଦୁଆ?

ଏହି ବ୍ୟଙ୍ଗଧର୍ମୀ ଉପସ୍ଥାପନା ଭିତରେ ଲୁଚି ରହିଥିବା ଗୂଢ଼ ସ୍ୱର୍ଶକାତର ସଙ୍କେତକୁ ନୀତି ନିର୍ଦ୍ଧାରକମାନେ ହୃଦୟଙ୍ଗମ କରନ୍ତୁ। ମାନଦଣ୍ଡ ସମ୍ପର୍କିତ ବିଷମ ପରିସ୍ଥିତିରୁ ବିଇଡି କଲେଜଗୁଡ଼ିକ ଏତେ ଶୀଘ୍ର ମୁକୁଳିବା ସହଜ ନୁହେଁ। ଏହି ଜଟିଳ ସମସ୍ୟାର ସମାଧାନ ପାଇଁ ସରକାରୀ ହସ୍ତକ୍ଷେପ ନିହାତି ଜରୁରୀ। ଡବଲ୍ ଇଞ୍ଜିନ୍ ସରକାରରେ ନୀତି ଓ ନିୟମ କୋହଳ କିମ୍ବା ପରିବର୍ତ୍ତନରେ ବିଶେଷ ଅସୁବିଧା ହେବନାହିଁ। ସରକାର ମଦ କାରଖାନା ଓ ମଦ ଦୋକାନ ଖୋଲିବା ନିଶାରୁ ମୁକୁଳି ସାମଗ୍ରିକ ଶିକ୍ଷା ବ୍ୟବସ୍ଥାର ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦେବାକୁ ଅନୁରୋଧ। ସରକାରଙ୍କ ଏପରି ଅପରିଣାମଦର୍ଶୀ ନୀତି ରାଜ୍ୟର ଚପଳମତି କିଶୋରମାନଙ୍କୁ ପଥଭ୍ରଷ୍ଟ କରିବା ସହ 'ସର୍ବଶିକ୍ଷା ଅଭିଯାନ'ର 'ଚଲୋ ସ୍କୁଲ୍ ଚଲେ ହମ୍' ସ୍ଲୋଗାନ୍‌କୁ ଅର୍ଥହୀନ କରିବ। ଏଭଳି ଆଶଙ୍କିତ ପଦଧ୍ୱନି ଶୁଭିବା ପୂର୍ବରୁ ସରକାର ଆତ୍ମସମୀକ୍ଷା କରନ୍ତୁ। ସାମାଜିକ-ଅର୍ଥନୀତିରେ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରନ୍ତୁ। ମଦ କାରଖାନାର ତତ୍ପରତା ବନ୍ଦ ପଡ଼ିଥିବା ଚିନି ଓ ସୂତାକଳରେ ପ୍ରତିଫଳିତ ହେଲେ ଓଡ଼ିଶାର ଶିଳ୍ପାୟନ, ରୋଜଗାର ଓ ଅର୍ଥନୀତି ଗତିଶୀଳ ହେବ।

# ସାକ୍ଷର ଭାରତର ନବନିରକ୍ଷର

**ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ**

ଦେଶକୁ ଶକ୍ତିଶାଳୀ କରିବା ପାଇଁ କେବଳ ଜନସଂଖ୍ୟା ନୁହେଁ, ଜନସଂଖ୍ୟାର ମସ୍ତିଷ୍କଶକ୍ତିର ଆବଶ୍ୟକତା ଅଧିକ। ମସ୍ତିଷ୍କଶକ୍ତି ନିର୍ଭର କରେ ଶିକ୍ଷା ଉପରେ। ଶିକ୍ଷାର ମୂଳଭିତ୍ତି ହେଉଛି ସାକ୍ଷରତା। ସାକ୍ଷରତା ଅର୍ଥ କେବଳ ପଢ଼ିବା ଓ ଲେଖିବାର ମୌଳିକ କ୍ଷମତା ନୁହେଁ, ସାକ୍ଷରତା ହେଉଛି ଜ୍ଞାନର ଦ୍ୱାର। ବିଭିନ୍ନ କ୍ଷେତ୍ରରେ ସୂଚନା ପ୍ରାପ୍ତି, ନିଷ୍ପତ୍ତି ନେବାର ସାମର୍ଥ୍ୟ, ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ ଓ ଆର୍ଥ-ସାମାଜିକ ସ୍ଥିତିରେ ଉନ୍ନତି ଆଣିବା କ୍ଷେତ୍ରରେ ସାକ୍ଷରତା ହେଉଛି ମାଧ୍ୟମ। ଶିକ୍ଷା, ରୋଜଗାର ଓ ଆତ୍ମବିଶ୍ୱାସ ବୃଦ୍ଧି ନିମନ୍ତେ ଏହା ଖୋଲିଦିଏ ପରିବର୍ତ୍ତନର ଦ୍ୱାର। ଅନ୍ୟପକ୍ଷରେ ନିରକ୍ଷର ଜାତି ପାଇଁ ପ୍ରଗତିର ସ୍ୱପ୍ନ ସର୍ବଦା ଅଧୁରା। ନିରକ୍ଷରତା ନିର୍ଦ୍ଦିଷ୍ଟ କୌଣସି ରାଷ୍ଟ୍ରର ସୀମା ମଧ୍ୟରେ ଆବଦ୍ଧ ନୁହେଁ, ଏହା ଏକ ବିଶ୍ୱବ୍ୟାପୀ ସମସ୍ୟା। ଏଥିରୁ ମୁକୁଳିବା ପାଇଁ ସର୍ବପ୍ରଥମେ ଗ୍ରେଟବ୍ରିଟେନରେ ପ୍ରୟାସ ଆରମ୍ଭ ହୋଇଥିଲା ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ। ଏହାକୁ ଅନୁକରଣ କରି ବିଶ୍ୱର ବିଭିନ୍ନ ଦେଶରେ ଆୟୋଜିତ ହେଲା ସାକ୍ଷରତା କାର୍ଯ୍ୟକ୍ରମ। ତେବେ ସାରାବିଶ୍ୱରେ ଏହା ଏକ ଆନ୍ଦୋଳନରେ ପରିଣତ ହୋଇ ପାରିଥିଲା ୟୁନେସ୍କୋ ପ୍ରତିଷ୍ଠା ହେବା ପରେ। ବିଶେଷ କରି ୧୯୪୯ ମସିହାରେ ଡେନମାର୍କର ଏଲସିନୋଠାରେ ଆୟୋଜିତ ୟୁନେସ୍କୋର ସ୍ୱତନ୍ତ୍ର ଅଧିବେଶନ ପରେ ବ୍ୟାପକ ହେଲା ସାକ୍ଷରତା ଅଭିଯାନ। ୧୯୬୫ ମସିହା ସେପ୍ଟେମ୍ବର ୮ ତାରିଖରେ ଇରାନର ରାଜଧାନୀ ତେହେରାନଠାରେ ଅନୁଷ୍ଠିତ ୟୁନେସ୍କୋ ସମ୍ମିଳନୀରେ ସେହି ଦିବସଟିକୁ 'ଆନ୍ତର୍ଜାତିକ ସାକ୍ଷରତା ଦିବସ' ଭାବେ ପାଳନ କରିବାକୁ ପ୍ରସ୍ତାବ ଗୃହୀତ ହେଲା ଏବଂ ଜାତିସଂଘର ଅନୁମୋଦନକ୍ରମେ ୧୯୬୬ ମସିହାରୁ ଏହା ପାଳିତ ହୋଇଆସୁଛି। ଇତିମଧ୍ୟରେ ପ୍ରାୟ ୫୦ ବର୍ଷ ଅତିକ୍ରାନ୍ତ ହୋଇସାରିଛି ଏବଂ ସାକ୍ଷରତା ଅଭିଯାନକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରି ପ୍ରାୟତଃ ଶତ ପ୍ରତିଶତ ସଫଳତା ହାସଲ କରିପାରିଛନ୍ତି ଆମେରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ ଓ ରୁଷିଆ ଆଦି ବିକଶିତ ରାଷ୍ଟ୍ର।

ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ ହେବାର ଗୋଟିଏ ଦଶନ୍ଧି ପରେ ଭାରତ ନିରକ୍ଷରତାକୁ ଏକ ଜାତୀୟ ସମସ୍ୟାଭାବେ ଗ୍ରହଣ କଲା ଏବଂ ୧୯୭୭ ମସିହା ଗାନ୍ଧୀ ଜୟନ୍ତୀ ଠାରୁ ଦେଶରେ ଆରମ୍ଭ ହେଲା ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ। ୧୯୮୬ ମସିହାରେ ଦେଶରେ ଜାତୀୟ ଶିକ୍ଷାନୀତି ଘୋଷଣା ହେବା ସହିତ ୨୦୦୦ ମସିହା ସୁଦ୍ଧା ଦେଶରୁ ନିରକ୍ଷରତା ବ୍ୟାଧିର ମୂଳୋତ୍ପାଟନ ପାଇଁ ଧାର୍ଯ୍ୟ ହେଲା ଲକ୍ଷ୍ୟ। ଏହାକୁ ଦୃଷ୍ଟିରେ ରଖି ୧୯୮୮ ମସିହାରୁ କାର୍ଯ୍ୟକାରୀ ହେଲା ଜାତୀୟ ସାକ୍ଷରତା ମିଶନ। ସାର୍ବଜନୀନ ଶିକ୍ଷାକୁ ଆହୁରି ବ୍ୟାପକ କରିବା ପାଇଁ ପ୍ରଣୟନ ହେଲା ସ୍ୱତନ୍ତ୍ର ଜାତୀୟ ଶିକ୍ଷାନୀତି। ୧୯୯୩ ମସିହାରେ ଏକ ଐତିହାସିକ ରାୟ ପ୍ରଦାନ କରି ମାଗଣାରେ ପାଠ ପଢ଼ି ଶିକ୍ଷିତ ହେବା ଏ ଦେଶର ସବୁ ପିଲାଙ୍କର ମୌଳିକ ଅଧିକାର ବୋଲି ଘୋଷଣା କଲେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ। ଏହାଦ୍ୱାରା ଆଇନର କାର୍ଯ୍ୟକାରିତା ତଥା ଲକ୍ଷ୍ୟ ହାସଲ ଦିଗରେ ପ୍ରକାଶ ପାଇଲା ତତ୍ପରତା। ମାତ୍ର ସବୁ ସତ୍ତ୍ୱେ ବି ଦେଶରୁ ହଟିଲାନି ନିରକ୍ଷରତା।

୧୯୪୭ ମସିହାରେ ଭାରତ ସ୍ୱାଧୀନତା ସମୟରେ ଆମର ସାକ୍ଷରତା ହାର ଥିଲା ୧୨ ଶତାଂଶ। ସାକ୍ଷରତା କ୍ଷେତ୍ରରେ ଗ୍ରାମୀଣ ଜନସଂଖ୍ୟା, ମହିଳା ଓ ଦଳିତ ଜାତିର ଲୋକଥିଲେ ବହୁ ପଛରେ। ତେଣୁ ଦେଶ ସ୍ୱାଧୀନ ହେବାର ବହୁ ପୂର୍ବରୁ ନିରକ୍ଷରତାକୁ ଏକ ମହାବ୍ୟାଧି ରୂପେ ଚିହ୍ନଟ କରିଥିଲେ ଜାତିର ଜନକ ମହାତ୍ମା ଗାନ୍ଧୀ। ଏହାର ନିରାକରଣ ପାଇଁ ନାରୀ ଶିକ୍ଷା ଓ ପ୍ରୌଢ଼ଶିକ୍ଷାକୁ ସେ ସ୍ଥାନ ଦେଇଥିଲେ ତାଙ୍କ ୧୮ ଦଫା ରଚନାତ୍ମକ କାର୍ଯ୍ୟକ୍ରମରେ। ସ୍ୱାଧୀନତା ପରେ ଆମ ସମ୍ବିଧାନର ୪୫ ଧାରା ଅନୁଯାୟୀ ୧୦ ବର୍ଷରୁ ୧୪ ବର୍ଷ ବୟସର ପିଲାଙ୍କୁ ମାଗଣାରେ ଶିକ୍ଷା ଯୋଗାଇ ଦେବା ପାଇଁ ପ୍ରସ୍ତୁତ ହେଲା ଯୋଜନା। ୧୯୫୦ ଜାନୁୟାରୀ ୨୬ ତାରିଖରେ ସମ୍ବିଧାନ ପ୍ରଣୟନ ବେଳକୁ ଦେଶର ସାକ୍ଷରତା ହାର ଥିଲା (୧୯୫୧ ଜନଗଣନା ତଥ୍ୟ ଅନୁଯାୟୀ) ୧୬.୭ ପ୍ରତିଶତ। ୨୦୧୧ ଜନଗଣନା ବେଳକୁ ସେହି ହାର ପହଞ୍ଚିଲା ୭୪.୪ ପ୍ରତିଶତ ପାଖରେ। ଅର୍ଥାତ୍ ୬୦ ବର୍ଷ ମଧ୍ୟରେ ବୃଦ୍ଧି ପାଇଥିବା ସାକ୍ଷରତା ପରିମାଣ ହେଲା ୫୭.୭ ପ୍ରତିଶତ। ଏହି ଦୃଷ୍ଟିରୁ ସଫଳତା ହାର ବାର୍ଷିକ ଏକ ପ୍ରତିଶତରୁ ବି କମ୍। ଦେଶରେ ପ୍ରୌଢ଼ଶିକ୍ଷା, ସାକ୍ଷର ଭାରତ, ଶିକ୍ଷିତ ଭାରତ, ସାକ୍ଷରତା ଅଭିଯାନ ଓ ସର୍ବଶିକ୍ଷା ଅଭିଯାନ ଆଦି ଅନେକ ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ ଏହା ହେଉଛି ସଫଳତାର ବାସ୍ତବ ଚିତ୍ର। ଏହି ଦୃଶ୍ୟପଟରେ ଆହୁରି ନୈରାଶ୍ୟଜନକ ମନେହୁଏ ଆମ ରାଜ୍ୟ ଓଡ଼ିଶାର ସ୍ଥିତି।

୨୦୧୧ଜନଗଣନା ତଥ୍ୟ ଅନୁସାରେ ଓଡ଼ିଶାର ମୋଟ ୪ କୋଟି ୧୯ ଲକ୍ଷ ୪୭ ହଜାର ୩୫୮ ଜନସଂଖ୍ୟା ମଧ୍ୟରୁ ନିରକ୍ଷରଙ୍କ ସଂଖ୍ୟା ୯୭ ଲକ୍ଷ ୯୯ ହଜାର ୩୩୨। ଯୋଜନାବଦ୍ଧ ପ୍ରୟାସ ଫଳରେ ନିରକ୍ଷରତା କଳଙ୍କକୁ ଦୂର କରିପାରିଥିବା କେରଳ ଭଳି ରାଜ୍ୟ ସହ ଓଡ଼ିଶାକୁ ତୁଳନା କଲେ ନିରାଶା ସୃଷ୍ଟି ହୁଏ। ଏହି ନିରକ୍ଷରତା ବୋଝ ଯୋଗୁଁ ଓଡ଼ିଶା ଦାରିଦ୍ର୍ୟ କବଳରୁ ମୁକୁଳିବାକୁ ଦୀର୍ଘବର୍ଷର ସଂଘର୍ଷ କରିବାକୁ ପଡ଼ିଛି। ୧୯୨୦ ମସିହାରେ ଗାନ୍ଧିଜୀ କହିଥିଲେ - ଓଡ଼ିଶା ହେଉଛି ଦେଶରେ ଦାରିଦ୍ର୍ୟର ପ୍ରତିଛବି। ୨୦୧୩ ମସିହାରେ ଓଡ଼ିଶାକୁ ଅନ୍ୟତମ ପଛୁଆ ରାଜ୍ୟ ଭାବେ ଚିହ୍ନଟ କଲେ କେନ୍ଦ୍ର ସରକାରଙ୍କ ରଘୁରାମ ଜି ରାଜନ୍ କମିଟି।

ଭାରତବର୍ଷରେ ସାକ୍ଷରତା କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିଥିବା ରାଜ୍ୟମାନଙ୍କ ମଧ୍ୟରେ ସବା ଆଗରେ ଥିଲା କେରଳ। ୧୯୯୧ ମସିହା ସୁଦ୍ଧା ଦକ୍ଷିଣ ଭାରତର ଏହି ରାଜ୍ୟର ସାକ୍ଷରତା ହାର ଥିଲା ୯୦ ଶତାଂଶରୁ ଅଧିକ। ଶିକ୍ଷା ଦ୍ୱାରା ସଶକ୍ତ ହୋଇ କେରଳର ମହିଳାମାନେ ରାଜନୀତି, ସ୍ଥାନୀୟ ଶାସନ ଓ ସାମାଜିକ ସଂଗଠନ ଆଦିରେ ସକ୍ରିୟ ଭାଗନେବା କାରଣରୁ ସେଠାକାର ଲୋକଙ୍କର ସ୍ୱାସ୍ଥ୍ୟାବସ୍ଥା ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଉନ୍ନତ। କାରଣ ଶିକ୍ଷିତ ମହିଳାମାନେ ସ୍ୱାସ୍ଥ୍ୟସେବାରେ ପ୍ରବେଶ କରିବା ସହିତ ପିଲାମାନଙ୍କୁ ସ୍ୱଚ୍ଛତା, ପୁଷ୍ଟିକର ଖାଦ୍ୟ ଏବଂ ପରିବାର ଯୋଜନା ବିଷୟରେ ଶିକ୍ଷା ଦେବାର ସମ୍ଭାବନା ଅଧିକ।

୩ ଜୁନ୍ ୨୦୨୫ରେ ପ୍ରକାଶିତ ପିରିୟଡିକ୍ ଲେବର ଫୋର୍ସ ସର୍ଭେ ୨୦୨୩-୨୪ରୁ ଉପଲବ୍ଧ ତଥ୍ୟ ଅନୁସାରେ ଭାରତର ସାକ୍ଷରତା ହାର ଏବେ ପ୍ରାୟତଃ ୮୧ ପ୍ରତିଶତ। ମାତ୍ର ଏଥିରେ ଯେଉଁ ଅସ୍ୱସ୍ତିକର ସତ୍ୟ ଲୁଚି ରହିଛି ତାହା ହେଲା, ବିଭିନ୍ନ ପ୍ରକାର ବିଭାଜନ ରେଖା ବା ଭାରସାମ୍ୟହୀନ ଅସମାନତା। ସହରାଞ୍ଚଳରେ ସାକ୍ଷରତା ହାର ୮୯ ପ୍ରତିଶତ ହୋଇଥିବା ବେଳେ ଗ୍ରାମାଞ୍ଚଳରେ ତାହା ୭୭ ପ୍ରତିଶତ। ପୁରଷମାନଙ୍କର ସାକ୍ଷରତା ହାର ୮୭ ପ୍ରତିଶତ ଟପିଥିବା ସ୍ଥଳେ ମହିଳାମାନଙ୍କ ସାକ୍ଷରତା ହାର ୭୫ ଶତାଂଶରୁ କମ୍। ଏହି ରିପୋର୍ଟ ଅନୁସାରେ ଭାରତର ଉତ୍ତର-ପୂର୍ବରେ ଅବସ୍ଥିତ ଛୋଟିଆ ରାଜ୍ୟ ମିଜୋରାମ କେରଳ ସମେତ ସମସ୍ତ ରାଜ୍ୟକୁ ପଛରେ ପକାଇ ପୂର୍ଣ୍ଣ ସାକ୍ଷର ରାଜ୍ୟର ମାନ୍ୟତା ଲାଭ କରିଛି, ଯାହାର ସାକ୍ଷରତା ହାର ୯୫ ଶତାଂଶରୁ ଅଧିକ। ୨୦୧୧ ଜନଗଣନାରେ ମିଜୋରାମ ତୃତୀୟ ସ୍ଥାନରେ ଥିଲା ଏବଂ ତା'ର ସାକ୍ଷରତା ହାର ଥିଲା ୯୯.୩ ଶତାଂଶ। ନୂତନ ସାକ୍ଷରତା ମିଶନ ଅଧୀନରେ ଯେ କୌଣସି ରାଜ୍ୟକୁ ୯୭ ପ୍ରତିଶତ ସାକ୍ଷରତା ହାସଲ କରିବା ପରେ ପୂର୍ଣ୍ଣ ସାକ୍ଷର ଘୋଷଣା କରାଯାଏ, ଯେଉଁ ମାଇଲ ଖୁଣ୍ଟକୁ ଅତିକ୍ରମ କରିଛି ମିଜୋରାମ। ଏଠାରେ ସାତବର୍ଷରୁ ଅଧିକ ବୟସର ୯୯.୨ ପୁରୁଷ ସାକ୍ଷର ହୋଇଥିବା ସ୍ଥଳେ ୯୭ ଶତାଂଶ ମହିଳା ସାକ୍ଷର ଏବଂ ମୋଟ ସାକ୍ଷରତା ହାର ୯୮.୨୦ ଶତାଂଶ। ମିଜୋରାମ ତଳକୁ କେରଳ ୯୫.୩, ତ୍ରିପୁରା ୯୩.୭ ଓ ଗୋଆ ୯୩.୬ ହୋଇଥିବା ସ୍ଥଳେ ଓଡ଼ିଶାର ସ୍ଥାନ (୭୯.୬) ବହୁ ପଛରେ।

ସାକ୍ଷରତା କେବଳ ବ୍ୟକ୍ତିଗତ ବିକାଶର ବିଷୟ ନୁହେଁ, ଏହା ରାଷ୍ଟ୍ର ନିର୍ମାଣର ମାଧ୍ୟମ। ଏହା କେବଳ ବିକାଶ କରାଏ ନାହିଁ, ସମ୍ମାନିତ କରାଏ ଏବଂ ସାମାଜିକ ଅନ୍ତର୍ଭୁକ୍ତୀ ବା ନାଗରିକ କାର୍ଯ୍ୟକଳାପରେ ନିୟୋଜନ ପାଇଁ ସୃଷ୍ଟି କରେ ସୁଯୋଗ। ଅର୍ଥାତ୍ ସାକ୍ଷର ବ୍ୟକ୍ତିର ଥାଏ ଏକ ନିଜସ୍ୱ ପରିଚାଳନା ପଦ୍ଧତି। ଦିନଥିଲା ଭାରତରେ ସାକ୍ଷରତା ଓ ନିରକ୍ଷରତା ଥିଲା ଏକ ଆପେକ୍ଷିକ ବିଷୟ। ଲୋକେ ଲେଖିପଢ଼ିଲେଖି ଜାଣି ନଥିବାରୁ ନିରକ୍ଷର ଥିଲେ ସତ, କିନ୍ତୁ ସାକ୍ଷର ଭଳି ପ୍ରତୀୟମାନ ହେଉଥିଲେ କଥା କହିଲା ବେଳେ। ସାମାଜିକ ବ୍ୟବସ୍ଥା, ବେପାର ବଣିଜ, ଗାର୍ହସ୍ଥ୍ୟ ଜୀବନ ଓ ଯାବତୀୟ ପୁରାଣ, ଲୋକକଥା ଓ ରୀତିନୀତି ସଂପର୍କରେ ଖୁବ୍ ଦକ୍ଷତାର ସହ ବଖାଣି ପାରୁଥିଲେ ସାକ୍ଷର ଓ ଶିକ୍ଷିତ ଲୋକଙ୍କ ପରି। ଏବେ କିନ୍ତୁ ଲୋକ ସାକ୍ଷର ବୋଲି ପ୍ରମାଣପତ୍ର ପାଉଛନ୍ତି, କିନ୍ତୁ ତାହାକୁ ପ୍ରମାଣ କରିପାରୁ ନାହାନ୍ତି ସାମାଜିକ କାର୍ଯ୍ୟକ୍ରମରେ। ଏହି ସାକ୍ଷରମାନଙ୍କୁ କୁହାଯାଉଛି ନବନିରକ୍ଷର।

ଭଦ୍ରକ, ୬୩୭୦୬୪୨୪୬୪

# ବର୍ତ୍ତମାନ ସମୟରେ ଇଚ୍ଛାପତ୍ରର ଆବଶ୍ୟକତା

**ମହେନ୍ଦ୍ର ନାୟକ**

ଯେଉଁମାନେ ଚାକିରି କିମ୍ବା ବ୍ୟବସାୟ ଜୀବନ କାଳରେ ନିଜ ନାମରେ ଜମି ଖଣ୍ଡିଏ କିଣିପାରିଛନ୍ତି ସେମାନେ ଚାହିଁଲେ ତାହାକୁ ଅନ୍ୟ କାହାରିକୁ ନ ପଚାରି ହସ୍ତାନ୍ତର କରିପାରିବାର ନିୟମ ରହିଛି। ଏ ସବୁ ଦୃଷ୍ଟିରୁ ବିଜ୍ଞ ବ୍ୟକ୍ତିମାନେ ନିଜ ନାମରେ ଥିବା ସ୍ୱଉପାର୍ଜିତ ସମ୍ପତ୍ତିକୁ ପୁଅ କିମ୍ବା ଝିଅ ନାମରେ ଇଚ୍ଛାପତ୍ର କରିଦେଉଛନ୍ତି। ଇଚ୍ଛାପତ୍ର ନିୟମ ମତେ ଜମି ମାଲିକ ଜୀବିତ ଥିବା ପର୍ଯ୍ୟନ୍ତ ତାଙ୍କ ସମ୍ପତ୍ତି ଅଜାଣତରେ କେହି ନେଇଯାଇପାରିବେ ନାହିଁ। ଜମିମାଲିକ ମୃତ୍ୟୁ ପରେ ଇଚ୍ଛାପତ୍ରର ତତ୍ତ୍ୱାବଧାରକ ସରକାରୀ ନିୟମ ଦେଇ ଦୌରା ଜଜ୍‌ଙ୍କ ଆଦେଶ ବଳରେ ନିଜ ନାମରେ ସମ୍ପତ୍ତିର ମାଲିକାନା ସ୍ୱତ୍ତ୍ୱ ପାଇବାର ବ୍ୟବସ୍ଥା ଅଛି।

ମନରେ ପ୍ରଶ୍ନ ଉଠେ ବ୍ୟକ୍ତିଗତ ଜମି ନିଜ ନାମରେ ଥିଲେ ଇଚ୍ଛାପତ୍ର ହୋଇପାରିବ କି? ସମ୍ପତ୍ତି ଦୁଇ ପ୍ରକାର। (୧) ପୈତୃକ (୨) ସ୍ୱଉପାର୍ଜିତ। ପିତାଙ୍କଠାରୁ ଉତ୍ତରାଧିକାରୀ ସୂତ୍ରେ ପ୍ରାପ୍ତ ହୋଇଥିବା ସମ୍ପତ୍ତିକୁ ପୈତୃକ କୁହାଯାଏ। ସେ ସମ୍ପତ୍ତିରେ ସ୍ତ୍ରୀ ସହ ସନ୍ତାନମାନଙ୍କର ଅଧିକାର ଥାଏ। ପୈତୃକ ସମ୍ପତ୍ତିକୁ ଇଚ୍ଛାପତ୍ର କରାଯାଏ ନାହିଁ। କେବଳ ସ୍ୱଉପାର୍ଜିତ ସମ୍ପତ୍ତିରେ ଜଣେ ବ୍ୟକ୍ତି ଚାହିଁଲେ ଇଚ୍ଛାପତ୍ର ଦଲିଲ ସମ୍ପାଦନ କରିପାରିବେ। ନିଃସନ୍ତାନ ବ୍ୟକ୍ତି ତାଙ୍କ ସମ୍ପତ୍ତିକୁ ନିଜର ଭରଣପୋଷଣ, ଶୁଦ୍ଧିକ୍ରିୟା ଓ ପିଣ୍ଡଦାନ ନିମନ୍ତେ ଉଇଲ୍ ବା ଇଚ୍ଛାପତ୍ରର ସାହାରା ନେବାରେ କୌଣସି ଆଇନଗତ ବାଧା ନାହିଁ।

ଇଚ୍ଛାପତ୍ର କରିବା ପୂର୍ବରୁ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି, ଅଭିଜ୍ଞ ଓକିଲ କିମ୍ବା ଅଭିଜ୍ଞତା ହାସଲ କରିଥିବା ମୋହରିରଙ୍କ ଦ୍ୱାରା ଲେଖାଇବା ଉଚିତ। ଦୁଇ ଜଣ ସାକ୍ଷୀ ମଧ୍ୟ ବୟସ୍କ ହୋଇ ନଥିଲେ ଭଲ। କାରଣ ବ୍ୟକ୍ତି ବା ଜମିମାଲିକଙ୍କ ଦେହାନ୍ତ ପରେ ସମସ୍ତ ବିଚାରାଳୟରେ ଇଚ୍ଛାପତ୍ର ସମ୍ବନ୍ଧେ ସାକ୍ଷୀ ଦେଇପାରିବେ। ଏଭଳି ବୟସର ସୀମା କୌଣସି ଆଇନ ବହିରେ ଉଲ୍ଲେଖ ନାହିଁ କିମ୍ବା ଧାର୍ଯ୍ୟ କରାଯାଇନାହିଁ। ନିଃସନ୍ତାନ କିମ୍ବା ନିଃସହାୟ ବ୍ୟକ୍ତି ନିଜର ସେବାଶୁଶ୍ରୂଷା, ଭରଣପୋଷଣ ଓ ଅନ୍ତିମ ସତ୍କାର କରିବା ନିମିତ୍ତ ଇଚ୍ଛାପତ୍ରର ଆଶ୍ରୟ ନେଇଥା'ନ୍ତି। ଉପଯୁକ୍ତ ବ୍ୟକ୍ତି ଦେଖି ତାଙ୍କ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରି ଇଚ୍ଛାପତ୍ର ବା ଶେଷପତ୍ର ସମ୍ପାଦନ କରିବାର ଅନେକ ନଜିର ରହିଛି। କୌଣସି ବ୍ୟକ୍ତିବିଶେଷଙ୍କର ସାହାଯ୍ୟ, ସହାନୁଭୂତି, ସେବା ଶୁଶ୍ରୂଷା ବଳରେ ଜମି ମାଲିକ ମୁଗଧ ହୋଇ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ଇଚ୍ଛାପତ୍ର ସମ୍ପାଦନ କରିଥିବାର ଉଦାହରଣ ଅଛି। ପରିବାରରେ ଉତ୍ତରାଧିକାରୀମାନଙ୍କ ସଂଖ୍ୟା ଅଧିକ ଥିଲେ ମଧ୍ୟ କେତେକ ବ୍ୟକ୍ତି ପରିବାର ସଦସ୍ୟଙ୍କ ବ୍ୟତୀତ ବାହାରର କୌଣସି ସ୍ତ୍ରୀଲୋକ କିମ୍ବା ବ୍ୟକ୍ତି ବିଶେଷଙ୍କ ଉପରେ ମୁଗ୍ଧ ହୋଇ ତାଙ୍କ ନାମରେ ସ୍ୱଉପାର୍ଜିତ ସମ୍ପତ୍ତି ପାଇଁ ଇଚ୍ଛାପତ୍ର କରିବା ପାଇଁ ଆଇନରେ କୌଣସି ବାରଣ କରାଯାଇନାହିଁ।

ଉଇଲ ବା ଇଚ୍ଛାପତ୍ର ପରିବର୍ତ୍ତନଶୀଳ। ଅର୍ଥାତ ଜଣେ ବ୍ୟକ୍ତି ଚାହିଁଲେ ନିଜର ଜୀବନକାଳ ଭିତରେ ଅନ୍ୟଏକ ଗ୍ରହୀତାଙ୍କ ନାମେ ନୂତନ ଉଇଲ ସମ୍ପାଦନ କରିପାରିବେ। ଶେଷ ଉଇଲ୍‌ଟି ସବୁସ୍ଥଳରେ କାଏମ ରହିବ। ଇଚ୍ଛାପତ୍ର ସମ୍ପାଦନ କରୁଥିବା ବ୍ୟକ୍ତି ଓ ସାକ୍ଷୀମାନଙ୍କ ବୟସ ୧୮ ବର୍ଷରୁ ଅଧିକ ହେବା ଆବଶ୍ୟକ। ଯେକୌଣସି ଭାରତୀୟ ନାଗରିକ ସ୍ୱଉପାର୍ଜିତ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରି ଅନ୍ୟ ଜଣେ ବ୍ୟକ୍ତିବିଶେଷ/ଏକାଧିକ ବ୍ୟକ୍ତି, ସେ ମହିଳା ବା ପୁରୁଷ ହୁଅନ୍ତୁ ତାଙ୍କ ନାମରେ ଇଚ୍ଛାପତ୍ର ସମ୍ପାଦନ କରିପାରିବେ। କିନ୍ତୁ ଇଚ୍ଛାପତ୍ର ସମ୍ପାଦନ କରୁଥିବା ବ୍ୟକ୍ତିଙ୍କର ମାନସିକ ବିକୃତି ନଥିବା ଜରୁରୀ। ଇଚ୍ଛାପତ୍ରରେ ଦାତାଙ୍କର ଉଦ୍ଦେଶ୍ୟର ବିବରଣୀ ତଥା ଗ୍ରହୀତାଙ୍କ ଉପରେ ଦିଆ ଯାଇଥିବା ଦାୟିତ୍ୱ ସମ୍ବନ୍ଧରେ ଦଲିଲରେ ସ୍ୱଷ୍ଟ ଭାବେ ବର୍ଣ୍ଣନା କରାଯିବା ଦରକାର।

କୌଣସି ଇଚ୍ଛାପତ୍ର ତତ୍ତ୍ୱାବଧାରକ ବା ଗ୍ରହୀତାଙ୍କ ସହ ଆଲୋଚନା କରାଯିବାର ଆବଶ୍ୟକତା ନାହିଁ ବା ଇଚ୍ଛାପତ୍ର ଦଲିଲରେ ଗ୍ରହୀତାଙ୍କ ସ୍ୱାକ୍ଷର କରାଯାଏ ନାହିଁ। ଇଚ୍ଛାପତ୍ର ଦଲିଲରେ ଦୁଇଜଣ ସାକ୍ଷୀଙ୍କ ସ୍ୱାକ୍ଷର ସହ ସମ୍ପୂର୍ଣ୍ଣ ଡାକଠିକଣା ଦିଆଯାଏ। ଦଲିଲ ସମ୍ପାଦନ ବେଳେ ଦାତା ବା ଜମି ମାଲିକଙ୍କ ସ୍ୱାକ୍ଷର ଦରକାର ପଡ଼େ। ଦଲିଲ ଲେଖକଙ୍କ ସ୍ୱାକ୍ଷର ସହ ସମ୍ପୂର୍ଣ୍ଣ ଡାକଠିକଣା ରହିବା ଆବଶ୍ୟକ। ଚରମପତ୍ର ବା ଇଚ୍ଛାପତ୍ର ଦଲିଲ ନିଜ ତହସିଲରେ ଥିବା କିମ୍ବା ସଂପୃକ୍ତ ମୌଜାର ଜମି ବାଡ଼ି ବିକ୍ରି ଖର୍ଦ୍ଦି କରାଯାଉଥିବା ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ରେଜେଷ୍ଟ୍ରି କରାଯିବାର ନିୟମ ରହିଛି। ରେଜେଷ୍ଟ୍ରି ବେଳେ ଗ୍ରହୀତା କିମ୍ବା ଦ୍ୱିତୀୟପକ୍ଷଙ୍କ ଉପସ୍ଥିତିର ଆବଶ୍ୟକତା ନାହିଁ।

ବିନା ରେଜେଷ୍ଟ୍ରିକରଣରେ ମଧ୍ୟ ଇଚ୍ଛାପତ୍ର ସମ୍ପାଦନ ହୋଇପାରିବ। କିନ୍ତୁ ସେହି ଉଇଲରେ ଦୁଇ ଜଣ ସାକ୍ଷୀଙ୍କର ସ୍ୱାକ୍ଷର ସହ ସମ୍ପୂର୍ଣ୍ଣ ଡାକଠିକଣାର ଆବଶ୍ୟକତା ଅଛି। ଷ୍ଟାମ୍ପ ପେପର ବା ଷ୍ଟାମ୍ପ ଲାଗିଥିବା କାଗଜ ବ୍ୟତୀତ ସାଦାକାଗଜରେ ମଧ୍ୟ ଇଚ୍ଛାପତ୍ର ବା ଉଇଲ ସମ୍ପାଦନ କରାଯାଇପାରିବ। ଏ ସମ୍ବନ୍ଧରେ ଭାରତୀୟ ଉତ୍ତରାଧିକାରୀ ଆଇନ ୧୯୨୫, ହିନ୍ଦୁ ଉତ୍ତରାଧିକାରୀ ଆଇନ ୧୯୫୬, ହିନ୍ଦୁ ଉତ୍ତରାଧିକାରୀ ଆଇନ (ସଂଶୋଧିତ) ୨୦୦୫ ଓ ମୁସଲିମ ପରସନାଲ ଲ(ସରିଆତ) ଆପ୍ଲିକେସନ ଆକ୍ଟ ୧୯୩୭ରେ ପ୍ରାଞ୍ଜଳ ଭାବେ ଉଲ୍ଲେଖ ରହିଛି।

ଓଡ଼ିଶାର କେତେକ ଜିଲ୍ଲାରେ ଦାତାଙ୍କର ଦେହାନ୍ତ ପରେ ଜିଲ୍ଲା ଦୌରା ଜଜ୍ ଇଜଲାସରେ ଗ୍ରହୀତାଙ୍କ ନାମେ ସ୍ୱତନ୍ତ୍ର ରେକର୍ଡ ପ୍ରସ୍ତୁତ କରିବା ନିମନ୍ତେ ଆଦେଶ ମଗାଯାଇଥାଏ। ଏହାକୁ 'ପ୍ରୋବେଟ' କୁହାଯାଏ। ଏଥିନିମନ୍ତେ ସଂପୃକ୍ତ ଦୌରାଜଜ୍‌ଙ୍କ କୋର୍ଟରେ ମୋକଦ୍ଦମା ଦାଏର କରାଯିବା ପରେ ଦାତାଙ୍କର ସମସ୍ତ ଉତ୍ତରାଧିକାରୀମାନଙ୍କୁ ନୋଟିସ ପଠାଯାଇ ସେମାନଙ୍କର ମତାମତ ରେକର୍ଡ କରାଯାଏ। ଦୌରାଜଜ୍ ପୁଙ୍ଖାନୁପୁଙ୍ଖ ତର୍ଜମା କରିବାପରେ ଗ୍ରହୀତାଙ୍କ ନାମରେ ସ୍ୱତନ୍ତ୍ର ରେକର୍ଡ କରାଯିବା ନିମନ୍ତେ ଆଦେଶ ବଳରେ ସଂପୃକ୍ତ ତହସିଲଦାର ଗ୍ରହୀତାଙ୍କ ନାମରେ ରେକର୍ଡ କରିବେ। ଯଦି କୌଣସି କାରଣରୁ ଦୌରାଜଜ୍ ଗ୍ରହୀତାଙ୍କ ସପକ୍ଷେ ଆଦେଶ ଦେଇ ନ ଥା'ନ୍ତି ସେ କ୍ଷେତ୍ରରେ ଗ୍ରହୀତାଙ୍କ ନାମେ ରେକର୍ଡ ବା ସ୍ୱତନ୍ତ୍ର ପଟ୍ଟା କରାଯାଇପାରିବ ନାହିଁ। ପ୍ରୋବେଟ ନିୟମଟି ଓଡ଼ିଶାର ଅବିଭକ୍ତ କଟକ, ପୁରୀ, ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲାରେ ପ୍ରଚଳନ ଅଛି। ଅବଶିଷ୍ଟ ଜିଲ୍ଲାଗୁଡିକରେ ଉଇଲ ବା ଇଚ୍ଛାପତ୍ରର ଦାତାଙ୍କ ଦେହାନ୍ତପରେ ଗ୍ରହୀତାଙ୍କ ନାମେ ତହସିଲଦାରଙ୍କ ଆଦେଶ ବଳରେ ସ୍ୱତନ୍ତ୍ର ପଟ୍ଟା ପ୍ରସ୍ତୁତ ହୋଇପାରିବ।

କଟକ, ମୋ: ୯୩୩୮୦୦୮୧୯୩

## ଶାକ୍ତ ଗୁଣ୍ଡିଚା

**ସ୍ୱପ୍ନେଶ୍ୱର**

### ଲୋକକଥାରେ ଲୋକଦେବତା

ଚତୁର୍ଦ୍ଧାମୂର୍ତ୍ତି ରଥାରୋହଣ କରି ଗୁଣ୍ଡିଚା ମନ୍ଦିରକୁ କରୁଥିବା ଯାତ୍ରା 'ଗୁଣ୍ଡିଚା ଯାତ୍ରା' ରୂପେ ବିଖ୍ୟାତ ହେବା ପରେ 'ଶାକ୍ତ ଗୁଣ୍ଡିଚା', 'ସୌର ଗୁଣ୍ଡିଚା', 'ଶୈବ ଗୁଣ୍ଡିଚା', 'ଗୁପ୍ତ ଗୁଣ୍ଡିଚା' ଓ 'ବସନ୍ତ ଗୁଣ୍ଡିଚା' ନାମରେ ଖ୍ୟାତ ଠାକୁରମାନଙ୍କର ଆଉ କେତେକ ସ୍ଥାନାନ୍ତରଣ ଯାତ୍ରା ଶ୍ରୀମନ୍ଦିରରେ ପାଳିତ ହୁଏ। ଆଶ୍ୱିନ କୃଷ୍ଣ ଅଷ୍ଟମୀଠାରୁ ଶୁକ୍ଳ ଅଷ୍ଟମୀ ପର୍ଯ୍ୟନ୍ତ ଦେବୀ ବିମଳାଙ୍କର ଷୋଳପୂଜା ଅନୁଷ୍ଠିତ ହୁଏ। ଏହି ଷୋଳଦିନ ବିମଳାଙ୍କ ଚଳନ୍ତି ପ୍ରତିମା ଦୁର୍ଗା ଓ ରତ୍ନସିଂହାସନରେ ଅଧିଷ୍ଠିତ ନୀଳମାଧବଙ୍କର (କୁନି ଜଗନ୍ନାଥ) ଷୋଳଦିନ ବ୍ୟାପୀ 'ଶାକ୍ତ ଗୁଣ୍ଡିଚା' ଯାତ୍ରା ପାଳନ କରାଯାଏ। ମାଧବଙ୍କ ସହ ଦେବୀ ଦୁର୍ଗା ଏହି ଯାତ୍ରାରେ ଅଂଶଗ୍ରହଣ କରୁଥିବାରୁ ଏହାକୁ 'ଦେବୀ ଗୁଣ୍ଡିଚା' ଏବଂ ଶରତ ଋତୁରେ ଅନୁଷ୍ଠିତ ହେଉଥିବାରୁ ଏହାକୁ 'ଶରତ ଗୁଣ୍ଡିଚା' ମଧ୍ୟ କୁହାଯାଏ।

ଆଶ୍ୱିନ କୃଷ୍ଣ ଅଷ୍ଟମୀ ଦିନ ଜଗନ୍ନାଥଙ୍କ ଆଜ୍ଞାମାଳ ପାଇ ମାଧବ ଓ ଦେବୀ ସୁଭଦ୍ରାଙ୍କ ଆଜ୍ଞାମାଳ ପାଇ ଦୁର୍ଗା ଏକତ୍ର ରୁନ୍ଧା (ବନ୍ଧା) ହୋଇ ଝୁଲଣ ମଣ୍ଡପ ତଳେ ରଖା ଯାଇଥିବା ପାଲିଙ୍କିରେ ବିଜେ ହୁଅନ୍ତି। ବିମଳାଙ୍କର କେତେକ ନୀତି ସମାପନ ହେବା ପରେ ଆଲିଙ୍ଗିତ ଦୁର୍ଗାମାଧବ ପାଲିଙ୍କିରେ ଯାଇ ବିମଳାଙ୍କ ଜଗମୋହନରେ ଥିବା ପଲଙ୍କରେ ବିଜେ କରନ୍ତି। ସେଠାରେ ଯୁଗଳମୂର୍ତ୍ତିଙ୍କୁ ବନ୍ଦାପନା ଓ ଶୀତଳ ଭୋଗ ଅର୍ପଣ କରାଯାଏ। ବିମଳାଙ୍କର ତିନି ଧୂପ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କର ରାତ୍ରି ଚନ୍ଦନ ଲାଗି ହେବା ପରେ ବିମାନ ବଡୁ ସେବକମାନେ ଦୁର୍ଗାମାଧବଙ୍କୁ ଭଣ୍ଡାର ଘରେ ବିଜେ କରାନ୍ତି। 'ଶାକ୍ତ ଗୁଣ୍ଡିଚା'ର ପ୍ରଥମ ଆଠ ଦିନ ଆଲିଂଗିତ ଦୁର୍ଗାମାଧବ ଉପରୋକ୍ତ ନୀତିରେ ପ୍ରତିଦିନ ବିମଳାଙ୍କ ମନ୍ଦିରକୁ ବିଜେ ହୋଇ ପୂଜା ଆରାଧନା ପରେ ଭଣ୍ଡାର ଘରକୁ ବାହୁଡ଼ା ବିଜେ କରନ୍ତି।

ଏହି ମହୋତ୍ସବର ନବମ ଦିନଠାରୁ ଶେଷ ପର୍ଯ୍ୟନ୍ତ ଆଠଦିନ ଦୁର୍ଗାମାଧବ ଆଲିଂଗିତ ଅବସ୍ଥାରେ ରଥାରୋହଣ କରି ଦୋଳମଣ୍ଡପ ସାହିରେ ଅଧିଷ୍ଠିତା ନାରାୟଣୀ ମନ୍ଦିରକୁ ବିଜେ କରନ୍ତି। ନାରାୟଣୀ ମନ୍ଦିର ଗୁଣ୍ଡିଚା ମନ୍ଦିରର ଭୂମିକା ନିର୍ବାହ କରନ୍ତି। ସେଠାରେ ଦୁର୍ଗାମାଧବଙ୍କର କର୍ପୁର ଚନ୍ଦନ ଲାଗି, ଭୋଗ ଅର୍ପଣ ଓ ବନ୍ଦାପନା ଆଦି କରାଯାଏ। ଚତୁର୍ଦ୍ଧାମୂର୍ତ୍ତିଙ୍କର ରାତ୍ରି ଚନ୍ଦନ ଲାଗି ପରେ ବିମାନ ବଡୁ ସେବକମାନେ ଦୁର୍ଗାମାଧବଙ୍କୁ ବାହୁଡ଼ାଇ ନେଇ ଭଣ୍ଡାର ଘରେ ବିଜେ କରାନ୍ତି। ଦୁର୍ଗାମାଧବ ନାରାୟଣୀ ମନ୍ଦିରକୁ ଯାତ୍ରା କଲା ବେଳେ ଦେବୀଙ୍କର ବିଜୟା ରଥରେ ଯାତ୍ରା କରନ୍ତି। ଏହି ରଥର ପ୍ରତ୍ୟାବର୍ତ୍ତନ ନ ଥିବାରୁ ବାହୁଡ଼ା ବିଜେ ସମୟରେ ଦିଅଁମାନେ ପାଲିଙ୍କିରେ ଫେରନ୍ତି। ଷୋଳପୂଜାର ଶେଷ ଆଠ ଦିନ ଦୁର୍ଗାମାଧବ ଏହିପରି ସବୁଦିନ ଯାତ୍ରା କରନ୍ତି।

ଦୁର୍ଗା ଓ ମାଧବ ଏକତ୍ରିତ ଆରାଧିତ ହେବା ସାରା ଭାରତରେ ଅନ୍ୟ କୌଣସି ଯାଗାରେ ଦେଖା ଯାଏ ନାହିଁ। ଦୁର୍ଗା ଶିବଙ୍କର ଶକ୍ତି ଓ ପତ୍ନୀ। ମହାପ୍ରଭୁ ଜଗନ୍ନାଥ ରତ୍ନବେଦୀରେ ପୂର୍ଣ୍ଣବ୍ରହ୍ମରୂପେ ବିରାଜମାନ କରିଥିଲେ ବି ବିଷ୍ଣୁତ୍ୱ ତାଙ୍କର ଏକ ବଳିଷ୍ଠ ପରିଚୟ। ବିଷ୍ଣୁ ଓ ଶିବ ପତ୍ନୀ ଦୁର୍ଗା ଏକତ୍ର ଆଲିଂଗିତ ଅବସ୍ଥାରେ ପୂଜିତ ହେଉଥିବା କଥା ଶୁଣିଲେ ଭ୍ରୂକୁଞ୍ଚନ ଅନେକଙ୍କର ହୁଏତ ପ୍ରଥମ ପ୍ରତିକ୍ରିୟା ହୋଇପାରେ। କିନ୍ତୁ ଉପରୋକ୍ତ ଆରାଧନାର ଜଗନ୍ନାଥଙ୍କ ବିଷ୍ଣୁ ସ୍ୱରୂପର କୌଣସି ସଂପର୍କ ନାହିଁ। ମହାପ୍ରଭୁଙ୍କଠାରେ ବିଷ୍ଣୁତ୍ୱ ଆରୋପଣ ହେବା ପୂର୍ବରୁ ବୌଦ୍ଧ ଓ ହିନ୍ଦୁ ତାନ୍ତ୍ରିକମାନେ ଭୈରବ ଓ ଦେବୀ ବିମଳାଙ୍କୁ ଭୈରବୀରୂପେ ଆରାଧନା କରୁଥିଲେ। ଉଡ୍ଡୀଶ ତନ୍ତ୍ର (ବିମଳା ଭୈରବୀ ସାକ୍ଷାତ ଜଗନ୍ନାଥସ୍ତୁ ଭୈରବ) ଓ ଦେବୀ ଭାଗବତ (ବିମଳା ଚ ମହାଦେବୀ ଜଗନ୍ନାଥସ୍ତୁ ଭୈରବ) ଏହା ଦୃଢ଼ ଭାବେ ପ୍ରମାଣ କରନ୍ତି।

ବୌଦ୍ଧ ବିଶ୍ୱାସ ଅନ୍ତର୍ଗତ ବଜ୍ରଯାନ ଓ ସହଜଯାନର ପ୍ରବର୍ତ୍ତନ ଓଡ଼ିଶା ମାଟିରୁ ହୋଇଥିଲା। ସହଜଯାନୀମାନେ ବିଶ୍ୱାସ କରୁଥିଲେ ଯେ ମଣିଷର ଶରୀର ସମଗ୍ର ବ୍ରହ୍ମାଣ୍ଡର ପ୍ରତୀକ ଏବଂ ସବୁପ୍ରକାରର ସେବାପୂଜା କେବଳ ଶରୀର ପ୍ରତି ପ୍ରୟୋଗ ହେବା ଉଚିତ। ତେଣୁ ସେମାନେ ବିଶ୍ୱାସ କରନ୍ତି ଯେ ଭୈରବ ଓ ଭୈରବୀ ଆଲିଂଗିତ ଅବସ୍ଥାରେ ସହଜାନନ୍ଦରେ ଅବସ୍ଥାନ ସହଜରେ ବର ପ୍ରଦାନ କରନ୍ତି। ଆଦି ଶଙ୍କରଙ୍କ କର୍ଣାଟକ ଗସ୍ତ ସମୟରେ କ୍ରକଚ ନାମକ ଜଣେ ତନ୍ତ୍ରଗୁରୁ ତାଙ୍କୁ ପ୍ରଶ୍ନ କରିଥିଲେ - କମଳାକ୍ଷୀ ଉମାଦ୍ୱାରା ଭୈରବ ଆଲିଂଗିତ ନ ହେଲେ ସେ ସନ୍ତୁଷ୍ଟ ହେବେ କାହିଁକି? ବୌଦ୍ଧତନ୍ତ୍ର ପରେ ଜଗନ୍ନାଥ ହିନ୍ଦୁ ତନ୍ତ୍ରରେ ମଧ୍ୟ ଭୈରବରୂପେ ପୂଜିତ ହେଉଥିଲେ। ତାଙ୍କ ଉପରେ ବିଷ୍ଣୁତ୍ୱ ଆରୋପଣ ପରେ ମହାତ୍ମା ଆଦି ଶଙ୍କର ଓ ରାମାନୁଜାଚାର୍ଯ୍ୟ ଶ୍ରୀମନ୍ଦିର ପୂଜା ପଦ୍ଧତିରେ ଅନେକ ସଂସ୍କାର ଆଣିଥିଲେ ମଧ୍ୟ ସମ୍ଭାବ୍ୟ ବିରୋଧକୁ ଆଖି ଆଗରେ ରଖି କେତେକ ତାନ୍ତ୍ରିକ ପରମ୍ପରାକୁ ପୂର୍ବବତ ଚାଲୁ ରଖିଥିଲେ। ଶାକ୍ତ ଗୁଣ୍ଡିଚା ତା'ଭିତରୁ ଗୋଟିଏ। ଏହି ପରମ୍ପରା ପ୍ରଥମେ ବୌଦ୍ଧ ତାନ୍ତ୍ରିକମାନେ ଆରମ୍ଭ କରିଥିବାରୁ ଏହି ଯାତ୍ରାକୁ 'ବୌଦ୍ଧ ଗୁଣ୍ଡିଚା' କହିଲେ ଠିକ ହୁଅନ୍ତା।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ପୂର୍ବତନ କ୍ରିକେଟର୍ ଭେଙ୍କଟେଶ ପ୍ରସାଦ



ପୁରୀ,୨୩।୯ (ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଦ୍ରୁତ ବୋଲର ଭେଙ୍କଟେଶ ପ୍ରସାଦ। ମଙ୍ଗଳବାର ସକାଳେ ଶ୍ରୀ ପ୍ରସାଦ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରି ଭିତରକୁ ପାଛୋଟି ନିଆଯାଇଥିଲା। ସେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ପରେ ବେଢ଼ା ପରିକ୍ରମା କରି ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମକୁ ସେ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଆମର ସବୁକିଛି। ମହାପ୍ରଭୁଙ୍କ ଦର୍ଶନ କରି ବହୁତ ଖୁସି ଲାଗିଲା। ନିଜକୁ ଭାଗ୍ୟବାନ ମନେ କରୁଛି। ଭାରତୀୟ କ୍ରିକେଟ ଦଳ ସମ୍ପର୍କରେ ପ୍ରସାଦ କହିଥିଲେ, ଏବେ ଭାରତୀୟ ଟିମ୍ ବହୁତ ଭଲ ପ୍ରଦର୍ଶନ କରୁଛି। ବିଶେଷକରି ଯୁବ ଖେଳାଳିମାନେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରୁଛନ୍ତି। ଅନ୍ୟପକ୍ଷରେ, ଏସିଆ କପ୍ ମ୍ୟାଚ୍‌ରେ ଭାରତୀୟ ଦଳର ଅଧିନାୟକ ପାକିସ୍ତାନ ଟିମ୍ ସହ କରମର୍ଦ୍ଦନ ନ କରିବା ପ୍ରସଙ୍ଗରେ ସେ କହିଛନ୍ତି ଯେ ଏହାକୁ ଆମେ ଗୁରୁତ୍ୱ ନ ଦେଇ ଖେଳ ଉପରେ ଅଧିକ ଧ୍ୟାନ ଦେବା ଉଚିତ।

■ ଜିଆଁକଟା ବାଣ ବିସ୍ଫୋରଣ ଘଟଣା

## ବିପୁଳ ବାଣ ଜବତ; ୫ ଗିରଫ



ହରଭଙ୍ଗା,୨୩।୯ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପୁରୁଣାକଟକ ଥାନା ଅନ୍ତର୍ଗତ ଜିଆଁକଟା ବାଣ ବିସ୍ଫୋରଣ ଘଟଣା ପରେ ପୁଲିସ, ପ୍ରଶାସନ ପକ୍ଷରୁ ମିଳିତ ଭାବେ ଲଗାତାର ୩ ଦିନ ହେଲା ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଥିଲା। ପୁରୁଣାକଟକ ବଜାର ଉପକଣ୍ଠରେ ଥିବା ନ୍ୟୁକୋଲନୀସ୍ଥିତ ଆଲୋକକାନ୍ତିଙ୍କ ଘର ସହ ବ୍ୟାଙ୍କ ସମ୍ମୁଖ ଫଳ ଦୋକାନ, କଲେଜ ଛକ, ରୁଗୁଡିପାଲ୍ଲୀ ଭଳି ୪ଟି ସ୍ଥାନରେ ପର୍ଯ୍ୟାୟକ୍ରମେ ଚଢ଼ଉ କରି ୧୫ଗାଡ଼ି ବାଣ ଜବତ କରାଯାଇଛି। ଏହି ଘଟଣାରେ ପୁଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ମାଗିରାମ ବେହେରା (୬୦), କାହ୍ନୁ ପରିଡ଼ା (୨୫), ଆଲୋକ କାନ୍ତି (୫୦), ଲକ୍ଷ୍ମୀଧର ପରିଡ଼ା (୬୦) ଏବଂ ପ୍ରଶାନ୍ତ ସାହୁ (୩୮)। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନିତିଶେଖର ଏହି ସୂଚନା ଦେଇଛନ୍ତି। ଜିଆଁକଟାସ୍ଥିତ ମାଗିରାମ ବେହେରାଙ୍କ ଘରକୁ କାହ୍ନୁ ପରିଡ଼ା ଏବଂ ଆଲୋକ କାନ୍ତି ଭଡ଼ାରେ ନେଇ ସେଠାରେ ବେଆଇନ ଭାବେ ବାଣ ଗୋଦାମ କରିଥିଲେ। ଘଟଣା ଦିନ ହଠାତ୍ ନିଆଁ ଲାଗିବାରୁ ବାଣ ବିସ୍ଫୋରଣରେ ଘର ସମ୍ପୂର୍ଣ୍ଣ ଧୂଳିସାତ ହୋଇଥିଲା। ଏଠାରୁ ମୁଖ୍ୟ ଅଭିଯୁକ୍ତ ଆଲୋକ କାନ୍ତି ବାହର ଜିଲ୍ଲାକୁ ବାଣ ଚାଲାଣ କରୁଥିବା ନେଇ ମଧ୍ୟ ଖୋଳତାଡ଼ ଚାଲିଥିବା ଆଇଜି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଆଇଜିଙ୍କ ସମେତ ବୌଦ୍ଧ ଏସ୍‌ପି ରାହୁଲ ଗୋଏଲ, ଆଇପିଏସ ଶିବା ରେଡ୍ଡି, ବୌଦ୍ଧ ଏସଡିପିଓ ଲରେନ୍ସ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଦକ୍ଷିଣାଞ୍ଚଳ ଆଇଜି ଜିଆଁକଟା ଗ୍ରାମର ବିସ୍ଫୋରଣ ସ୍ଥଳ ପରିଦର୍ଶନ ମଧ୍ୟ କରିଥିବା ଜଣାପଡ଼ିଛି।

## ନିଖୋଜ ମାର୍ବଲ ଶ୍ରମିକର ଗଳିତ ଶବ ବନ୍ଧରୁ ଉଦ୍ଧାର

କେସିଙ୍ଗା,୨୩।୯ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଉତ୍‌କେଲା ପଞ୍ଚାୟତର ଠେମରାଠାରେ ଥିବା ଅମ୍ବାଜି ରକ୍ ଆଣ୍ଡ ମିନେରାଲସ୍ ଗ୍ରାନାଇଟ୍ ଫ୍ୟାକ୍ଟ୍ରିରେ ନୟାଗଡ଼ ଜିଲ୍ଲାର ଦୁଃଖାପାଳି ଗ୍ରାମର ସୁଦର୍ଶନ ସାହୁ (୪୭) କାମ କରୁଥିଲେ। ଗତ ରବିବାର ଦିନ ସୁଦର୍ଶନ ଗ୍ରାନାଇଟ୍ ଫ୍ୟାକ୍ଟ୍ରିକୁ ଲାଗି ରହିଥିବା ବାଳିକଟା ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଫେରିନଥିଲେ। ବନ୍ଧ ପଠାରେ ତାଙ୍କ ପ୍ୟାଣ୍ଟସାର୍ଟ ପଡ଼ିଥିବା ଦେଖିବାକୁ ମିଳିଥିବା ବେଳେ କେସିଙ୍ଗାରୁ ଦମକଳ ବାହିନୀ ଓ ଉତ୍‌କେଲା ଫାଣ୍ଡି ଅଧିକାରୀ ଆସି ପୋଖରୀ ଭିତରେ ଖୋଜାଖୋଜି କରିଥିଲେ। ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ସୁଦର୍ଶନଙ୍କ କିଛି ପତ୍ତା ମିଳିନଥିଲା ପୁଣି ସୋମବାର ସକାଳୁ ପୁଣି ବାଳିକଟା ପୋଖରୀରେ ଦମକଳବାହିନୀ ଆସି ଖୋଜୁଛନ୍ତି କରିଥିଲେ ବି ସନ୍ଧ୍ୟା ପର୍ଯ୍ୟନ୍ତ କିଛି ସନ୍ଧାନ ପାଇନଥିଲେ। ପୁଣି ମଙ୍ଗଳବାର ସକାଳୁ କେସିଙ୍ଗା ଦମକଳବାହିନୀ ଓ ପୁଲିସ ସହାୟତାରେ ଅପରେସନ୍ ସନ୍ଧାନ ଆରମ୍ଭ ହୋଇଥିଲା ଶେଷରେ ମଙ୍ଗଳବାର ସକାଳ ପ୍ରାୟ ୮ ଘଣ୍ଟା ସମୟରେ ଦମକଳ ବାହିନୀ ବନ୍ଧମଝିରୁ ସୁଦର୍ଶନଙ୍କ ଗଳିତ ମୃତଦେହ ଠାବ କରିଥିଲେ। ଶବ ପାଣିରେ ଦୁଇ ରାତି ତିନି ଦିନ ରହିବା ଯୋଗୁଁ ଫୁଲି ଯାଇଥିବା ବେଳେ କେସିଙ୍ଗା ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ ପୁଲିସ ଏହା ହତ୍ୟା ନା ଆତ୍ମହତ୍ୟା ତଦନ୍ତ ଆରମ୍ଭ କରିଛି।

## ବାପାର କଟୁରି ଚୋଟରେ ପୁଅ ମୃତ

କବାଟବନ୍ଧ, ୨୩।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ବାପାର କଟୁରି ଚୋଟରେ ପୁଅର ମୃତ୍ୟୁ ହୋଇଛି। ମୃତକ ହେଲେ, ଜେନାପୁର ଥାନା ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତ ବିଛାଖଣ୍ଡି (ଶବର ସାହି)ର କଣ୍ଟିଆ ନାଏକଙ୍କ ପୁଅ ଶମ୍ଭୁ ନାଏକ (୩୦)। ମଙ୍ଗଳବାର ରାତି ପ୍ରାୟ ୮ଟାରେ କଣ୍ଟିଆ ଏବଂ ତାଙ୍କ ପୁଅ ଶମ୍ଭୁ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। କଣ୍ଟିଆ ରାଗିଯାଇ ଏକ କଟୁରିରେ ତାଙ୍କ ପୁଅ ଶମ୍ଭୁର ବେକକୁ ଚୋଟ ପକାଇଥିଲେ। ଶମ୍ଭୁ ସେହିଠାରେ ଟଳି ପଡ଼ିଥିଲେ ଏବଂ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଜେନାପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଧର୍ମଶାଳା ମେଡ଼ିକାଲକୁ ପଠାଇଥିଲେ।

## ବିଦ୍ୟୁତ ଆଘାତରେ ଯୁବକ ମୃତ

ସୁକିନ୍ଦା,୨୩।୯ (ସମିସ): ବିଦ୍ୟୁତ ଆଘାତରେ ସୁକିନ୍ଦା ଥାନା ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ ସୁକିନ୍ଦା ଥାନା ଅନ୍ତର୍ଗତ ଆମ୍ବସାର ଗ୍ରାମ ଅଭିରାମ ମୁଣ୍ଡାଙ୍କ ପୁଅ ବାଦଲ ମୁଣ୍ଡା (୨୮) ଘରେ ମୋବାଇଲ ଚାର୍ଜର ଲଗାଉଥିବା ବେଳେ ବିଦ୍ୟୁତ ଆଘାତର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ପରିବାରଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ବାଦଲଙ୍କୁ ମୃତ ଘୋଷଣା କରିବା ସହ ସୁକିନ୍ଦା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି।

# ସୁନା ୧.୧୫ ଲକ୍ଷ, ରୁପା ଦେଢ଼ ଲକ୍ଷ

## ବର୍ଷକରେ ସୁନା ୩୮ ହଜାର, ରୁପା ୪୯ ହଜାର ମହଙ୍ଗା

ନୂଆଦିଲ୍ଲୀ,୨୩।୯ (ଏଜେନ୍ସି): ରେକର୍ଡ ଭାଙ୍ଗୁଛି ସୁନା ଦର। ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ ଦୌଡ଼ୁଛି ସୁନା ବଜାର। ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ସୁନା ମୂଲ୍ୟ ପୁଣି ଥରେ ଏହାର ସବୁ ରେକର୍ଡ ଭାଙ୍ଗି ୧୦ ଗ୍ରାମ ପିଛା ୧.୧୫ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିଛି। ସେହିଭଳି ରାଜଧାନୀ ଭୁବନେଶ୍ୱରରେ ଆଜି ରୁପା ଦର ମଧ୍ୟ କିଲୋଗ୍ରାମ ପିଛା ଦେଢ଼ ଲକ୍ଷ ଟଙ୍କା ଛୁଇଁ ଇତିହାସ ରଚିଛି। ଆଜି ଦିନକରେ ଘରୋଇ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ୨୮୦୦ ଟଙ୍କା ବୃଦ୍ଧି ଘଟିଛି। ଅପରପକ୍ଷେ ଚଳିତବର୍ଷ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୩୮ ହଜାର ଟଙ୍କା ଏବଂ ରୁପା ୪୯ ହଜାର ଟଙ୍କା ବୃଦ୍ଧି ଘଟିଥିବା ଜଣାପଡିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୧,୩୫୦ ଟଙ୍କାରେ ପହଞ୍ଚିଛି। ବିଶ୍ୱ ଅନିଶ୍ଚିତତା ସହ ଡଲାର ତୁଳନାରେ ଟଙ୍କା ଅଧିକ ଦୁର୍ବଳ ହେବା ସୁନା ମୂଲ୍ୟ ବୃଦ୍ଧିରେ ସହାୟକ ହୋଇଛି।

ଚଳିତବର୍ଷ ଶେଷ ସୁଦ୍ଧା ଭାରତୀୟ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୨ ଲକ୍ଷ ଟଙ୍କା ଛୁଇଁବ ବୋଲି ନିକଟରେ ବଜାର ବିଶେଷଜ୍ଞମାନେ ଆକଳନ କରିଥିଲେ। ଭୁବନେଶ୍ୱରରେ ମଙ୍ଗଳବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ୨୧୫୯ ଟଙ୍କା



ବୃଦ୍ଧି ଘଟି ରେକର୍ଡ ୧,୧୪,୩୧୪ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୧,୦୬,୦୫୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୫୦,୦୦୦ ଟଙ୍କା ଛୁଇଁଛି। ଅଖିଳ ଭାରତୀୟ ସରାଫା ସଂଘର ରିପୋର୍ଟ ମୁତାବକ ମଙ୍ଗଳବାର ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ମୂଲ୍ୟ ୧,୦୨,୧୦୦ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ଅପରପକ୍ଷେ ରୁପା କିଲୋ ପିଛା ୧,୩୫,୨୬୭ ଟଙ୍କା ରହିଛି।

ବଜାରରେ ସୁନା ଦର ବଢ଼ିବାର ଅନେକ କାରଣ ରହିଛି। ଆମେରିକାର ଶୁଳ୍କ ଯୋଗୁଁ ଭୂରାଜନୈତିକ ଉତ୍ତେଜନା ଜାରି ରହିଛି। ଏହା ସୁନାକୁ ସମର୍ଥନ କରୁଛି ଏବଂ ଏହାର ଚାହିଦା ବୃଦ୍ଧି କରୁଛି। ଫଳସ୍ୱରୂପ, ଚଳିତ ବର୍ଷ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୩୮,୧୫୨ ଟଙ୍କା ବୃଦ୍ଧି ଘଟିଛି। ସେହିପରି ରୁପା କିଲୋ ପିଛା ୪୫ ଟଙ୍କା ଉପରମୁହାଁ ହୋଇଛି। ଟ୍ରମ୍ପ ଟାରିଫ୍ ଏବଂ ବାଣିଜ୍ୟ ଯୁଦ୍ଧର ଭୟ ଯୋଗୁଁ ନିବେଶକମାନେ ସୁନାକୁ ଏକ ନିରାପଦ ସ୍ୱର୍ଗ ଭାବରେ ବିବେଚନା କରି କିଣୁଛନ୍ତି। ସେହିଭଳି ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ମଧ୍ୟ ସୁନାର ମୂଲ୍ୟ ବୃଦ୍ଧିରେ ସହାୟକ ହେଉଛି। କାରଣ ଯେତେବେଳେ ଟଙ୍କା ଦୁର୍ବଳ ହୁଏ, ସେତେବେଳେ ଆମଦାନିରେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଚଳିତବର୍ଷ ଟଙ୍କାର ବିନିମୟ ମୂଲ୍ୟ ରେକର୍ଡ ନିମ୍ନ ସ୍ତରକୁ ଖସିଆସିଛି। ଫଳରେ ସୁନା ଦର ଉପରେ ଚାପ ବୃଦ୍ଧି ପାଇଛି। ଏହାବାଦ୍ ବିବାହ ଋତୁ ପାଖେଇ ଆସିଲାଣି। ଏଭଳି ସମୟରେ ସୁନା ଗହଣା ଚାହିଦା ବୃଦ୍ଧି ପାଇଛି। ଏହା ମଧ୍ୟ ଏହି ହଳଦିଆ ଧାତୁର ଦର ବୃଦ୍ଧିର ଅନ୍ୟ ଏକ କାରଣ।

■ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ଚିକିତ୍ସା ସମ୍ପର୍କିତ ବୈଷୟିକ ଶବ୍ଦାବଳୀ ଆଧାରରେ ଅନୁକମ୍ପା ନିଯୁକ୍ତିକୁ ଅଗ୍ରାହ୍ୟ କରାଯାଇପାରିବନି

କଟକ, ୨୩।୯ (ସମିସ): ଅନୁକମ୍ପା ନିଯୁକ୍ତି ଯୋଜନା ଅନ୍ତର୍ଗତ ସ୍ଥିରୀକୃତ ରୋଗରେ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଚିକିତ୍ସା ସମ୍ପର୍କିତ ବୈଷୟିକ ଶବ୍ଦାବଳୀ ଆଧାରରେ ଅନୁକମ୍ପା ନିଯୁକ୍ତିକୁ ଅଗ୍ରାହ୍ୟ କରାଯାଇପାରିବ ନାହିଁ। ଅନୁକମ୍ପା ନିଯୁକ୍ତି ପ୍ରଦାନ ପାଇଁ ଟ୍ରିବ୍ୟୁନାଲ ପ୍ରଦାନ କରିଥିବା ଆଦେଶକୁ ଚାଲେଞ୍ଜ କରି ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ ରୁଜୁ ମାମଲାକୁ ହାଇକୋର୍ଟ ଖାରଜ କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

ଯେତେବେଳେ ଏକ ସରକାରୀ ସରକାରୀ ଡାକ୍ତରଖାନାର ଡାକ୍ତରୀ ରେକର୍ଡ ସ୍ପଷ୍ଟ ଭାବରେ ପ୍ରମାଣିତ କରେ ଯେ ମୃତ କର୍ମଚାରୀ ହୃଦ୍‌ରୋଗ ଏବଂ କିଡନୀ ରୋଗରେ ପୀଡିତ ଇଥିଲେଏବଂ ହୃଦ୍‌ଘାତ ହେତୁ ମୃତ୍ୟୁ ବରଣ କରିଥିଲେ। ନିଯୁକ୍ତି ଯୋଜନାରେ ଉଲ୍ଲେଖ କରାଯାଇଥିବା ରୋଗ ମଧ୍ୟରେ ଏହି ରୋଗ ରହିଛି। ତେବେ କମ୍ପାନୀ କର୍ତ୍ତୃପକ୍ଷ ଅନୁକମ୍ପା ନିଯୁକ୍ତିକୁ ଅଗ୍ରାହ୍ୟ କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଟ୍ରିବୁନାଲ ପକ୍ଷରୁ ଅନୁକମ୍ପା ନିଯୁକ୍ତି ପ୍ରଦାନ ପାଇଁ ଆଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ଅନୁକମ୍ପା ନିଯୁକ୍ତି ପାଇଁ ଆବେଦନ କରିଥିବା ପ୍ରତିପକ୍ଷ ଅଶୋକ କୁମାର ଗିରିଙ୍କ ପିତା ଷ୍ଟିଲ୍ ଅଥରିଟି ଅଫ ଇଣ୍ଡିଆର ବଣାଇ ମାଇନ୍ସରେ କାର୍ଯ୍ୟ କରୁଥିଲେ। ୨୦୧୧ ନଭେମ୍ବର ୭ରେ ତାଙ୍କର ହୃଦଘାତ ଜନିତ ଦେହାନ୍ତ ହୋଇଥିଲା। ମୃତ କର୍ମଚାରୀଙ୍କ ପତ୍ନୀ ଅନୁକମ୍ପା ନିଯୁକ୍ତି ଯୋଜନାରେ ପୁଅ ପାଇଁ ଆବେଦନ ଦାଖଲ କରିଥିଲେ। ଏହାକୁ କର୍ତ୍ତୃପକ୍ଷ ଖାରଜ କରିବାରୁ ସେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବୁନାଲରେ ମାମଲା ଦାୟର କରିଥିଲେ। ସମ୍ପୃକ୍ତ କର୍ମଚାରୀଙ୍କ ମୃତ୍ୟୁର କାରଣ ହେଉଛି ହୋଲୋ ଭିସ୍କସ୍ ପର୍ଫୋରେସନ୍ ରୋଗ, ଯାହା ଅନୁକମ୍ପା ନିଯୁକ୍ତି ଯୋଜନାରେ ନାହିଁ ବୋଲି ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ କର୍ତ୍ତୃପକ୍ଷ ଯୁକ୍ତି ଦର୍ଶାଇଥିଲେ। ତେବେ ଏସସିବି ମେଡିକାଲ କଲେଜ ଓ ହସପିଟାଲର ତଥ୍ୟ ଅନୁସାରେ ସମ୍ପୃକ୍ତ କର୍ମଚାରୀ କିଡନୀ ଓ ହୃଦରୋଗରେ ପୀଡିତ ହୋଇ ମୃତ୍ୟୁ ବରଣ କରିଥିବା ସ୍ପଷ୍ଟ ହୋଇଥିଲା। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଚିକିତ୍ସା ସମ୍ପର୍କିତ ବୈଷୟିକ ଶବ୍ଦାବଳୀ ଆଧାରରେ ଅନୁକମ୍ପା ନିଯୁକ୍ତି ଆବେଦନକୁ ପ୍ରତ୍ୟାଖାନ କରିବା ଗ୍ରହଣୀୟ ନୁହେଁ ବୋଲି ଟ୍ରିବୁନାଲ କହିବା ସହ ଉକ୍ତ ଆଦେଶକୁ ଖାରଜ କରି ଆବେଦନକାରୀଙ୍କୁ ଅନୁକମ୍ପା ନିଯୁକ୍ତି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚାଲେଞ୍ଜ କରି ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ମାନବସମ୍ବଳ ପ୍ରବନ୍ଧକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସିନ୍ଦୂର ଦେବାକୁ ମନା କରିବାରୁ ପ୍ରେମିକକୁ କୁରାଢ଼ୀ ଚୋଟ

ଯଖପୁରା, ୨୩।୯ (ସମିସ): ସିନ୍ଦୂର ଦେବାକୁ ମନା କରିବାରକୁ ପ୍ରେମିକକୁ କୁରାଢ଼ୀରେ ହାଣିଦେଲା ପ୍ରେମିକା। ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ବାରବାଙ୍କି ଗ୍ରାମରେ ଆଜି ଏଭଳି ଏକ ଘଟଣା ଘଟିଛି। ଆକ୍ରମଣର ଶିକାର ପ୍ରେମିକଜଣଙ୍କ ହେଲା, ପିଥା ସୋରେନ୍ (୨୩)। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ପ୍ରେମିକା ପାର୍ବତୀ ବଦ୍ର(୨୪)କୁ ଗିରଫ କରିଛି। ସୂଚନାନୁଯାୟୀ, ପାର୍ବତୀ ଓ ପିଥା ସୋରେନ୍ ପରସ୍ପରକୁ ପ୍ରେମ କରୁଥିଲେ। ବିବାହ କରିବାକୁ ନିଷ୍ପତ୍ତି ନେଇ ଗତ ୨୦ ଦିନ ହେଲା ଉଭୟ ଏକାଠି ସ୍ୱାମୀ-ସ୍ତ୍ରୀ ଭଳି ରହୁଥିଲେ। ତେବେ ବିବାହକୁ କେନ୍ଦ୍ର କରି ଆଜି ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପାର୍ବତୀ ଏକ କୁରାଢ଼ୀରେ ପିଥାଙ୍କୁ ଚୋଟ ପକାଇଥିଲା। ପିଥାଙ୍କ ମୁଣ୍ଡ, ମୁହଁ ଓ ବେକରେ ଆଘାତ ଲାଗିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଦାନଗଦି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

■ ୪ ମାସ ଧରି ଦରମା ମିଳିନି

## ସିକ୍ୟୁରିଟି କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

କଣ୍ଟାବାଞ୍ଜି,୨୩।୯ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ହସ୍ପିଟାଲରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗତ ୪ମାସ ଧରି ଦରମା ନ ମିଳିବାରୁ ଜଣେ ସୁରକ୍ଷା କର୍ମୀ ଆଜି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ, ବଲାଙ୍ଗିର ଜିଲ୍ଲାର ଭଇଁସା ଗାଁର ଅନୀଲ ସୁନା। ବର୍ତ୍ତମାନ ସେ କେୟାର ସିକ୍ୟୁରିଟି ଓ ଆଲାଏଡ୍ ସର୍ଭିସେସ୍ କମ୍ପାନୀ ଅଧୀନରେ ହସ୍ପିଟାଲରେ ସୁରକ୍ଷା କର୍ମୀ ଭାବରେ କାର୍ଯ୍ୟ କରୁଛନ୍ତି। ପ୍ରାୟ ୨୦ଟି ଔଷଧ ଖାଇ ସେ ଜୀବନ ହାରିବାକୁ ଚେଷ୍ଟା କରିଛନ୍ତି। କଣ୍ଟାବାଞ୍ଜି ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି।

## ସପ୍ତଗିରି ଉଲ୍ଲାକା ତ୍ରିପୁରା ପିଏସି ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର, ୨୩।୯ (ସମିସ): ତ୍ରିପୁରା ପ୍ରଦେଶ କଂଗ୍ରେସ କମିଟିର ରାଜନୈତିକ ବ୍ୟାପାର କମିଟି (ପିଏସି)ଅଧ୍ୟକ୍ଷ ହୋଇଛନ୍ତି କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା। ତ୍ରୀପୁରା ପାଇଁ ଏଆଇସିସି ପକ୍ଷରୁ ୨୫ଜଣିଆ ଏକ ରାଜନୈତିକ ବ୍ୟାପାର କମିଟି ଗଠନ କରାଯାଇଛି। ଏହି କମିଟିରେ ତ୍ରିପୁରା ପିସିସି ପ୍ରଭାରୀ ତଥା କୋରାପୁଟ ସାଂସଦ ଶ୍ରୀ ଉଲ୍ଲାକାଙ୍କୁ ଅଧ୍ୟକ୍ଷ ରୂପେ ଦାୟିତ୍ୱ ଦିଆଯାଇଛି।

## ବଜ୍ରପାତରେ ମହିଳାଙ୍କ ସମେତ ୬ ଛେଳି ମୃତ

ଛେଣ୍ଡିପଦା,୨୩।୯ (ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ପରା ଗାଁରେ ବଜ୍ରପାତରେ ଜଣେ ମହିଳାଙ୍କ ସମେତ ୬ ଛେଳି ପ୍ରାଣ ହରାଇଛନ୍ତି। ମୃତ ମହିଳାଜଣଙ୍କ ହେଲେ, ପରା ଗାଁର ବାସନ୍ତୀ ପ୍ରଧାନ(୪୬)। ଗାଁ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ନେଇଥିବା ବେଳେ ହଠାତ ବଜ୍ରପାତ ହେବାରୁ ମହିଳାଙ୍କର ପରଲୋକ ଘଟିଥିବା ବେଳେ ତାଙ୍କ ସହ ୬ଟି ଛେଳିର ମଧ୍ୟ ମୃତ୍ୟୁ ଘଟିଛି। ଜରପଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ କରୁଛି।

## ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ



ସମ୍ବଲପୁର,୨୩।୯ (ସମିସ): ସମ୍ବଲପୁର ମାଲିପଡ଼ା ଅଞ୍ଚଳରେ ଜଣେ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯୁବତୀଜଣଙ୍କ ହେଲେ, ମଧୁ ପଟେଲ (୨୨)। ଦୀର୍ଘ ଦିନ ହେଲା ତାଙ୍କ ପରିବାରରେ କଳହ ଲାଗି ରହିଥିଲା। ଗତକାଲି ମଧ୍ୟ କଳହ ହୋଇଥିଲା। ସେହିପରି ପୁଲିସ କହିବା ଅନୁସାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ କହିବା ଅନୁସାରେ ବେକରେ ଦାଗ ରହିଛି। ତେଣୁ ଏହା ଏକ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି। ଟାଉନ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ, ହୃଦ୍‌ଘାତରେ ଝିଅର ମୃତ୍ୟୁ ହୋଇଛି ବୋଲି ଝିଅର ବାପା କହିଛନ୍ତି।


**AFFIDAVIT**

I, Azra Paiker, aged about 38 years, W/o-Mohammad Ismail, resident of At-Magurgadia, Ps-Keonjhar Town, Dist-Keonjhar, Odisha, Pin-758001 declare by this affidavit No. 1967, dtd-22.09.2025, that now onwards I shall be known as **AZRA PAIKAR** for all future purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIBBS 2025040, ତା.12.09.2025ରିଖ

କାର୍ଯ୍ୟର ନାମ: ଫର୍ମେସନ, ଛୋଟ (Minor) ପୋଲ, ବଡ଼ (Major), ୟାର୍ଡ୍, ଷ୍ଟେସନ ଭବନ, ସେବା ଭବନ, P.Way ଲିଙ୍କିଙ୍ଗ୍ କାର୍ଯ୍ୟ, ବାଲାଷ୍ଟ ଯୋଗାଣ, ପ୍ଲାଟଫର୍ମ କାର୍ଯ୍ୟ, ପ୍ଲାଟଫର୍ମ ସେଲ୍ଟର, ଡ୍ରେନ୍ କାର୍ଯ୍ୟ, କ୍ୟାମ୍ପିଙ୍ଗ୍ ସୁବିଧା, ରକ୍ଷଣ କାର୍ଯ୍ୟଗୁଡ଼ିକର ସମ୍ପାଦନ ଏବଂ ଡାଳଚେର-ବିମଳାଗଡ଼ ନ୍ୟୁ BG ରେଳ ଲିଙ୍କ୍ ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ୟାର୍ଡ୍ ସହିତ ପାଳଲହଡ଼ା (Ex)(ସିଏଚ୍: 76.90 କି.ମି.)-ବାରକୋଟ୍ (In)(ସିଏଚ୍: 98.325 କି.ମି.) ମଧ୍ୟରେ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 59189.81 ଲକ୍ଷ, EMD (ଟଙ୍କାରେ): 1,00,00,000/-, କାର୍ଯ୍ୟ ଶେଷ ହେବା ଅବଧି : 30(ତିରିଶି)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.14.10.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚର୍ଡ୍ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-110/CI/25-26

O-799

E-Mail ID - rwd.padampur@yahoo.co.in
Ph.No. 9437255440

**Government of Odisha "e" Procurement Notice**
**Bid Identification No: Online- 08-OF 2025-26**

| | | |
|---|---|---|
| 1. | Name of the work | : **Building works (As per Annexure-'A')** |
| 2. | Amount put to Bid Excluding GST | : As per Annexure-'A' |
| 3. | Class of contractor | : "D" & "C" |
| 5. | Date & Time of availability of bid document in the portal | : From Dt. 25.09.2025 at 10.00 A.M. |
| 6. | Last date & Time for receipt of bids in the portal | : Dt. 04.10.2025up to 05:00 P.M. |
| 7. | Last date of seeking clarification | : Dt. 03.10.2025 up to 5.00 P.M |
| 8. | Date & Time of technical bid opening | : Dt. 06.10.2025 at 11.00 A.M . |
| 10. | Name and address of the Officer Inviting Bid | : Executive Engineer, R.W.Division, Padampur, At/Po-Padampur, Dist-Bargarh,Pin- 768036 |

(1) Other details can be seen from **DTCN** available in website www.tendersodisha.gov.in

(2) Corrigendum if any shall only be published in the above website

Sd/-
Executive Engineer,
Rural Works Division, Padampur

OIPR-25069/11/0036/2526

**MUNICIPAL OFFICE: JEYPORE** C-1163

Ph. No. 06854-321098, Fax No. 06854-230104, Email - jeyporem.hud@nic.in

**L. No.** 4198/JM **JM-TCN02/2025-26** **Date.** 22/09/2025

Bid documents consisting of specification, the Bill of Quantity and the Tender call notice can be seen in the Govt. website https://tendersorissa.gov.in/nicgep/app.

| | |
|---|---|
| Bid Documents including Schedule of Quantity available for online bidding | https://tendersorissa.gov.in/nicgep/app |
| No of works. | **01** |
| Estimated cost | As per DTCN |
| Date & Time of Bidding in portal | From **23/09/25** at 11:00 Hours to **10/10/25** Upto 16:00 Hours |
| Last date & time for receipt of bids in portal | **10/10/2025** Upto 16:00 Hours |
| Offline Documents Received through Speed *Post/* Registered Post | **10/10/2025** at 16:00 Hours to **14/10/2025** Up to 11:00 Hours (Working Days Only) |
| Bids received online shall be opened on | **14/10/2025** at 11:00 Hours onwards |
| Offline Documents shall be opened in presence of the Participate Bidders | **14/10/2025** at 11:00 Hours onwards |

Executive Officer
Jeypore Municipality

OIPR-13079/11/0069/2526

**AFFIDAVIT**

By virtue of an affidavit sworn before the Executive magistrate, Pattamundai Dt. 21.06.25. I Anupama Mallik ,D/o Late Nirmal Chandra Rout ,w/o-Rabindra Mallik,and Ku Anupama Rout, D/o -Late Nirmal Chandra Rout, w/o-Rabindra Mallik,and Anusuya Pradhan, C/O-Nirmal Chandra Rout, W/o-Rabindra Mallik of my Parental address as well as father-in-law's address is one and same person for all purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 23.09.2025, I SANJUKTA KUMARI RATH , W/o- Late. Surendra Kumar Das, Vill.-Rampali, Po.- Kerla, Ps.- Kosagumuda, Dist- Nabarangpur, Odisha, Pin - 764058 declare that, I have changed my name from **SANJUKTA KUMARI RATHBHOI** to **SANJUKTA KUMARI RATH**. Henceforth I shall be known as **SANJUKTA KUMARI RATH** for all purposes.
Sd/- **SANJUKTA KUMARI RATH**

**AFFIDAVIT**

By virtue of an affidavit sworn before P.K Mishra (O.R.S) Executive Magistrate, Balasore Sl No- 10305 Dt-19/09/2025.I Agstin Vincent Khan, Age-46, S/o- John Sittar Khan At-Padhuanpada,Proof Road, Ps-Sahadevkhunta, Po/Dist-Balasore. That my name wrongly recorded Pan Card no-AUTPV0038L Agastin Vincent and One Lic Policy bond No-xxxx25305 and one Baroda Bank account no-xxxx0100000384 Augustin Khan . I declared that Agstin Vincent Khan , Agastin Vincent and Augustin Khan are one and same person for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 22.09.2025, I Rajendra Bhatra, S/o- Rabi Bhatra, Vill.- Raja Beheraguda, Po.- Agnipur, Ps.- Nabarangpur, Dist.- Nabarangpur, Odisha, Pin - 764059, declare that, I have changed my minor Son's name from **RAJENDRA BHATRA** to **ARAVINDA BHATRA**. Henceforth he shall be known as **Aravinda Bhatra** for all purposes.
Sd/- **Rajendra Bhatra**

**AFFIDAVIT**

By virtue of an affidavit sworn before the Notary Public, Sunabeda dated 23/09/2025 I Sri. Anantaram Dora, S/o-Samara Dora, Vill.- Anlaghati, Po.- Semala, Ps.- Nandapur, District- Koraput, Odisha, declare that I have changed my daughter's name from **Anjali Dhara** to **Namita Dora.** Henceforth, my daughter shall be known as **Namita Dora** for all purposes.
Sd/- **Anantaram Dora**

**AFFIDAVIT**

By virtue of an affidavit sworn before the Notary Public, Sunabeda dated 20/09/2025 I Smt. Pramila Khemundu, D/o-Ramachandra Khemundu, Vill.- Attanda, Po.- Attanda, Ps.- Padwa, District- Koraput, Odisha, declare that I have changed my name from **Subila Khemundi** to **Pramila Khemundu.** Henceforth, I shall be known as **Pramila Khemundu** for all purposes.
Sd/- **Pramila Khemundu**

**AFFIDAVIT**

I, Sampad Kumar Satapathy, S/o-Prasanna Kumar Satapathy, resident of At-Ambajhara, PO: Garhbanikilo, PS: Ranapur, Dist: Nayagarh, Odisha, PIN: 752026 declared by this affidavit No. 17, dtd- 23/09/2025, that now onwards I shall be known as **SAMPAD SATAPATHY** for all future purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 05.06.2025, I SATIS BHATRA , S/o- Madhab Bhatra, Vill-Danaguda, Po.- Sanmasigam, Ps.-Nabarangpur, Dist-Nabarangpur, Odisha, Pin - 764063 declare that, I have changed my name from **DEB BHATRA** to **SATIS BHATRA**. Henceforth I shall be known as **SATIS BHATRA** for all purposes.
Sd/- **SATIS BHATRA**

# ଜିପିଏଲଏଫ୍ କର୍ମୀଙ୍କୁ ଭେଟିଲେ କଂଗ୍ରେସ ପ୍ରତିନିଧି ଦଳ



ନନ୍ଦପୁର,୨୩।୯ (ସମିସ): ସମାନ କାମକୁ ସମାନ ଦରମା ଦାବିରେ ନନ୍ଦପୁର ବ୍ଲକ ସମ୍ମୁଖରେ ଧାରଣାରେ ବସିଥିବା ଜିପିଏଲଏଫ୍ କର୍ମୀ ସଂଘର ଦ୍ୱିତୀୟ ଦିନ ଧାରଣା ସ୍ଥଳରେ କଂଗ୍ରେସ ପ୍ରତିନିଧି ପହଞ୍ଚିଥିଲେ। ସେମାନେ ଜିପିଏଲଏଫ୍ କର୍ମୀ ସଂଘର ସ୍ୱର ସହ ସ୍ୱର ମିଳାଇବା ସହ ସରକାର ତୁରନ୍ତ ସେମାନଙ୍କ ଦାବିକୁ ମାନି ନେବାକୁ ଦାବି କରିଛନ୍ତି। ସରକାର ନେଇ ଥିବା ନିଷ୍ପତ୍ତିକୁ ତୁରନ୍ତ ବଦଳାଇବାକୁ ଦାବି କରିଛନ୍ତି କଂଗ୍ରେସ ବିଧାୟକ ପ୍ରତିନିଧି କାମେଶ କାମୁଡି । ନନ୍ଦପୁର ବ୍ଲକ ଜିପିଏଲଏଫ୍ କର୍ମୀ ସଂଘ ବ୍ଲକ ସମ୍ମୁଖରେ ଧାରଣାରେ ବସି ଥିବା ବେଳେ ମଙ୍ଗଳବାର ବିଧାୟକ ପ୍ରତିନିଧି କାମେଶ କାମୁଡି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ମାଟାମଙ୍କ ସମେତ ଅନ୍ୟମାନେ ଧାରଣା ସ୍ଥଳରେ ପହଞ୍ଚି ସରକାରଙ୍କ ପେଟ ମାରଣା ନୀତି କଡ଼ା ସମାଲୋଚନା କରିଥିଲେ। ମହିଳାମାନେ ନ୍ୟାୟ ପାଇବା ପାଇଁ ରାଜରାସ୍ତାରେ ବସିଥିବା ବେଳେ ଚାରା ରୋପଣ କାହା ଉଦ୍ଦେଶ୍ୟରେ ବୋଲି ସେମାନେ କହିଥିଲେ।

# 'ସ୍ୱଚ୍ଛ ଭାରତ ନାଁରେ ଆସୁଥିବା ଟଙ୍କା ହେରଫେର ହେଉଛି'

## ପାଇଖାନା ସଫାକଲେ ପ୍ରଦୀପ ମାଝୀ



ନବରଙ୍ଗପୁର,୨୩।୯ (ସମିସ) : ପୂର୍ବତନ ନବରଙ୍ଗପୁର ସାଂସଦ ପ୍ରଦୀପ କୁମାର ମାଝୀ ଏବଂ ପୂର୍ବତନ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ଅଭିନବ ପ୍ରତିବାଦ। ବାରମ୍ବାର ଅନୁରୋଧ ପରେ ମଧ୍ୟ ଶୁଣିଲେନି ପ୍ରଶାସନ। ଚିକିତ୍ସାଳୟ ପାଇଖାନା ସଫା କରି ପୂର୍ବତନ ସାଂସଦ ପ୍ରଦୀପ କୁମାର ମାଝୀ ଓ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ କରିଲେ ଅଭିନବ ପ୍ରତିବାଦ। ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାଇଲେସିସ ଗୃହର ପାଇଖାନା ଦୀର୍ଘ ଆଠ ମାସ ଧରି ଧରି ସଫେଇ ହୋଇ ନ ଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି ଯାହା ଅନେକ ରୋଗର ବାହକ ସାଜୁଛି। ଚିକିତ୍ସାଳୟର କିଡନୀ ବିଭାଗର ଡାଇଲେସିସ ବିଭାଗର ପାଇଖାନା ସଫା ହୋଇ ନ ଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ପାଇଖାନା ଆଠ ମାସ ଧରି ସଫା ନ ହେବା ଦ୍ୱାରା ପାଇଖାନା ବ୍ୟବହାର କରୁଥିବା ରୋଗୀ ଅଧିକ ସଂକ୍ରମିତ ହେବାର ଆଶଙ୍କା ପ୍ରକାଶ ପାଇଥିବା ଅଭିଯୋଗ କରିଛନ୍ତି ପ୍ରଦୀପ ମାଝୀ ଓ ସଦାଶିବ ପ୍ରଧାନୀ। ଯାହାକୁ ନେଇ ପାଇଖାନାକୁ ସଫା କରିବା ପାଇଁ ବାରମ୍ବାର ଅନୁରୋଧ କରି ଆସୁଥିଲେ। କିନ୍ତୁ ସଫେଇ ପାଇଁ କୌଣସି ପଦକ୍ଷେପ ନେଇ ନ ଥିବାରୁ ପ୍ରତିବାଦ ସ୍ୱରୂପ ନିଜେ ଡାଇଲେସିସ ପାଇଖାନା ଗୃହକୁ ନିଜେ ଫିନାଇଲ , ବ୍ଲିଚିଂ ପାଉଡର ଓ ଫ୍ଲୋର କ୍ଲିନର ପକାଇ ସଫେଇ କରିଥିଲେ। ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ସଫେଇ ପାଇଁ କୋଟି କୋଟି ଟଙ୍କା ଆସୁଥିବା ବେଳେ ତାହାକୁ ଆତ୍ମସାତ କରୁଥିବା ଅଭିଯୋଗ କରିଛନ୍ତି ପ୍ରଦୀପ ମାଝୀ। ଅପରପକ୍ଷରେ ଆଠ ମାସ ଧରି ପାଇଖାନା ସଫେଇ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗକୁ ଅସ୍ୱୀକାର କରିବା ସହିତ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରତିଦିନ ସଫେଇ କାର୍ଯ୍ୟ ଯାଞ୍ଚ କରାଯାଉଥିବା ପ୍ରକାଶ କରିଛନ୍ତି। ଅଭିଯୋଗ ପରେ ବର୍ତ୍ତମାନ ସେ ନିଜେ ଯାଇ ପାଇଖାନାର ସ୍ଥିତି ଯାଞ୍ଚ କରିବେ ବୋଲି ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୁକାନ୍ତ ଶତପଥୀ କହିଛନ୍ତି।

# ସହିଦ ଈଶ୍ୱର ତଳିଆଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଭୂମି ପୂଜନ



ବୈପାରୀଗୁଡା,୨୩।୯ (ସମିସ) ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ପଂଚାୟତର ଭାଲୁଗୁଡା ଛକରେ ଶହୀଦ ଯବାନ ଈଶ୍ୱର ତଳିଆଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଆଇନଜୀବୀ ବିଶ୍ୱଜିତ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଶହୀଦଙ୍କ ପରିବାର ସମତ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ଉପାଧ୍ୟକ୍ଷ ପୂର୍ଣ୍ଣିମା ବାରିକ, ବିଡ଼ିଓ ଶକ୍ତି ମୋହାପତ୍ର, ଥାନା ଅଧିକାରୀ ଡମ୍ବରୁ ଧର ବାତ୍ରିଆ, ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରୀଆ, କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଶୋଇ,ସହକାରୀ ଯନ୍ତ୍ରୀ ଖିରୋଦ ଚନ୍ଦ୍ର ବେହେରା, ସାମାଜିକ ସୁରକ୍ଷା ଅଧିକରୀ କାର୍ତ୍ତିକ ପାଢ଼ୀ, ସ୍ଥାନୀୟ ସରପଞ୍ଚ ଅଭିମନ୍ୟୁ ନାୟକ, ସମିତି ସଭ୍ୟା ପୁଷ୍ପାଞ୍ଜଳି ପଂକ୍ଷଲାମ, ପିଇଓ ସନ୍ଦୀପ ପଟନାୟକ, ଭୂମିଆ ସମ୍ପ୍ରଦାୟ ସଭପତି ବୁଦ୍ଧୁ ନାୟକ ସମତ ଗ୍ରାମବାସୀ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଥାଉକି, ଗତ ଡିସେମ୍ବର ମାସରେ ରାଜସ୍ଥାନର ଫକରନ ରେଞ୍ଜରେ ଯୁଦ୍ଧ ଅଭ୍ୟାସ ସମୟରେ ବିସ୍ଫୋରଣରେ ଆଦିବାସୀ ଯୁବ ସୈନିକ ଈଶ୍ୱର ତଳିଆ ଦେଶ ପାଇଁ ଜୀବନ ଦେଇ ସହିଦ ହୋଇଥିଲେ। ତାଙ୍କର ଏହି ବଳିଦାନ କୁ ମନେ ରଖିବା ପାଇଁ ଜନ୍ମ ପୀଠ ବୈପାରୀଗୁଡା ବ୍ଲକ ଭାଲୁଗୁଡା ଛକରେ ଶହୀଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି କରିଥିଲେ ଗାଁ ଲୋକେ।

# ନିରାପତ୍ତା ଯାଞ୍ଚ କଲେ ପୌର ଅଧ୍ୟକ୍ଷ ଓ ଅଧିକାରୀ



ସେମିଳିଗୁଡା, ୨୩।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ଓ ସୁନାବେଡ଼ା ସହରରେ ଥିବା ଦୋକାନଗୃହ ଗୁଡିକର ନିରାପତ୍ତା ଯାଞ୍ଚ କରିଲେ ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର୍ ପାତ୍ର ଓ ପୌର ପରିଷଦ ନିର୍ବାହ ଅଧିକାରୀ ସନ୍ତୋଷ ପାତ୍ର ( ଇନଚାର୍ଜ) ,ଅନ୍ୟ ଅଧିକାରୀ। 'ଅସୁରକ୍ଷିତ ମାର୍କେଟ କମ୍ପ୍ଲେକ୍ସ କୋଠା' ଶୀର୍ଷକ ଏକ ଖବର ସୋମବାର 'ସକାଳ' ରେ ପ୍ରକାଶ ପାଇଛି। ଉକ୍ତ ଖବର ଉପରେ ପୌର ପରିଷଦ ଅଧିକାରୀ ମାନଙ୍କ ନଜର ପଡିଛି। ସେମିଳିଗୁଡା ଏବଂ ସୁନାବେଡା ସହରରେ ଥିବା ଦୋକାନଗୃହ ଗୁଡିକର ନିରାପତ୍ତା ଯାଞ୍ଚ କରିବା ସହ ବିଭିନ୍ନ ପ୍ରକାରର ଉନ୍ନତିମୂଳକ କାର୍ଯ୍ୟ, କୋଠାଘର,ପାର୍କ,ଏବଂ ବସଷ୍ଟାଣ୍ଡ ଗୁଡିକୁ ପରିଦର୍ଶନକରିଥିଲେ ଓ ତାହାର ସ୍ଥିତି ଅନୁଧ୍ୟାନ କରିଥିଲେ । ନିରାପତ୍ତା ଯାଞ୍ଚ କରାଯାଇଛି। ଅଧ୍ୟକ୍ଷ ରାଜେନ୍ଦ୍ର କୁମାର୍ ପାତ୍ର ଓ ପୌର ପରିଷଦ ନିର୍ବାହ ଅଧିକାରୀ ସନ୍ତୋଷ ପାତ୍ର ସହ ଆସିଷ୍ଟାଣ୍ଟ ଇଞ୍ଜିନିୟର ମନୋଜ ପାତ୍ର,ଜୁନିଅର୍ ଇଞ୍ଜିନିୟର ଅରୁଣ ନାୟକ,ମହାନ୍ତି ଯୋଗ ଦେଇଥିଲେ। ସୁନାବେଡ଼ା ପୌର ପରିଷଦ ଛକରେ ଥିବା ଦୋକାନଗୃହ, ସେମିଳିଗୁଡା ଭେଣ୍ଡିଁ ଜୋନ, ସେମିଳିଗୁଡା ଦୋକାନଗୃହ, ପୁରୁଣା ବସ୍ ଷ୍ଟାଣ୍ଡ ଅନ୍ୟାନ୍ୟ କ୍ଷେତ୍ର ପରିଦର୍ଶନ କରିଥିଲେ ।

# ମେଲାଣି ନେଲେ ଦେବଶିଳ୍ପୀ ବିଶ୍ୱକର୍ମା

ଦାମନଯୋଡ଼ି,୨୩।୯ (ସମିସ):

ଶେଷ ହୋଇଛି ନାଲ୍କୋ ଟାଉନ୍‌ସିପ, ଦାମନଯୋଡ଼ିର ବିଶ୍ୱକର୍ମା ପୂଜା। ୧୭ ତାରିଖରୁ ବେଶ ଧୂମଧାମରେ ପାଳିତ ହୋଇଥିବା ଏହି ପୂଜାର ରବିବାର ଥିଲା ଭସାଣୀ ଉତ୍ସବ। ୭ଟି ପୂଜାମଣ୍ଡପରେ ପୂଜିତ ବିଶ୍ୱକର୍ମାଙ୍କୁ ଭବ୍ୟ ଶୋଭାଯାତ୍ରାରେ ଦିଆଯାଇଥିଲା ମେଲାଣି। ସେକ୍ଟର ୧ ପଡ଼ିଆରେ ନାଲ୍‌କୋର ଏସ୍‌ପିପି, ଇଲେକ୍ଟ୍ରିକାଲ, ମେକାନିକାଲ ଓ ଅପରେସନ୍ ବିଭାଗ ପକ୍ଷରୁ ପୃଥକ ପୃଥକ ପୂଜା ମଣ୍ଡପ ସ୍ଥାପିତ ହୋଇଥିଲା। ସେହିପରି ସେକ୍ଟର-୨ରେ ସିଭିଲ ମେଣ୍ଟେନାନସ ଓ ଇଲେକ୍ଟ୍ରିକାଲ ମେଣ୍ଟେନାନସ ପକ୍ଷରୁ ପୃଥକ ମଣ୍ଡପରେ ବିଶ୍ୱକର୍ମାଙ୍କ ପୂଜା ହୋଇଥିଲା। ଭାରତୀୟ ମଜଦୂର ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ଠାରେ ଦେବଶିଳ୍ପୀଙ୍କ ପୂଜା ହୋଇ ଥିଲା। ଭାରତୀୟ ମଜଦୂର ସଂଘ ପକ୍ଷରୁ ହୋଇଥିବା ପୂଜାର ବିସର୍ଜନ ପୂର୍ବରୁ ହୋଇଥିବା ବେଳେ ରବିବାର ସନ୍ଧ୍ୟାରେ ନାଲ୍‌କୋର ବିଭିନ୍ନ ବିଭାଗର ମୂର୍ତ୍ତି ଗୁଡ଼ିକ ଏକସଙ୍ଗେ ବିସର୍ଜନ କରାଯାଇଥିଲା। ବିଭିନ୍ନ ପ୍ରକାରର ବାଦ୍ୟ, ନୃତ୍ୟ ଓ ଆତସବାଜି ମଧ୍ୟରେ ସମସ୍ତ ମଣ୍ଡପର ଠାକୁର ମାନଙ୍କୁ ଶୋଭାଯାତ୍ରାରେ ନିଆଯାଇ ଟାଉନ୍‌ସିପ ପରିକ୍ରମା ପରେ ଏକ ସ୍ୱତନ୍ତ୍ର ପୋଖରୀରେ ବିସର୍ଜନ କରାଯାଇଥିଲା।

# ଗୋଚର ଓ ଜଙ୍ଗଲ ଜମିରେ ମକାଚାଷ

## ଉପଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ



ଜୟପୁର, ୨୩।୯ (ସମିସ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ତହସିଲ ଶଶାହାଣ୍ଡି ରାଜସ୍ୱ ମଣ୍ଡଳ ବୈରାଗି ପଦର ମୌଜାର ପ୍ରାୟ ଏକ ଶହ ଏକ ଗୋଚର ଏବଂ ଜଙ୍ଗଲ ଜମିକୁ ଜବରଦଖଲ ଅକ୍ତିଆର କରିବା ସହ ବୈରାଗିପଦର କିଛି ମୁଷ୍ଟିମେୟ ବ୍ୟକ୍ତି ମାନେ ମକାଚାଷ କରୁଛନ୍ତି। ଏ ନେଇ ବାମୁଣିଆଗୁଡା ଗ୍ରାମର ଶତାଧିକ ଗ୍ରାମବାସୀ ମଙ୍ଗଳବାର ଜୟପୁର ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ଯେ, ଉକ୍ତ ଗୋଚର ଜମି ଆଖପାଖ ସମସ୍ତ ଗ୍ରାମର ଗୋରୁ ଘାସ ଚରିବା ପାଇଁ ରହିଛି। ଏହାକୁ ଲାଗି ଜଙ୍ଗଲ ଜମିରେ ଗ୍ରାମପଞ୍ଚାୟତ ପକ୍ଷରୁ ଲେମ୍ବୁ, ନିମ୍ବ, ଆମ୍ବ, ପିଜୁଳ ଗଛ ଚାରା ରୋପଣ କରାଯାଇଥିଲା। କିନ୍ତୁ ବୈରାଗୀପଦର ଗ୍ରାମର ଦଶରଥ ସାନ୍ତା, ସୁରି ସାନ୍ତା, ମାଣ୍ଡୁ ସାନ୍ତା, ତୁଳା ସାନ୍ତା, ମୁସୁରୀ ସାନ୍ତା, ରାଜୁ ସାନ୍ତା, ଭଗନ ସାନ୍ତା, ତୁଳା ଭତରା, ଲୁକୁନାଥ ମାଝି ପ୍ରମୁଖ ଉକ୍ତ ଜଙ୍ଗଲଜମିରୁ ରୋପଣ ହୋଇଥିବା ଗଛଚାରା ଉପାଡ଼ିବା ସହ ଗୋଚର ଜମିକୁ ଅକ୍ତିଆର କରିବା ସହ ମକା ଚାଷ କରୁଛନ୍ତି। ଗ୍ରାମର ଗାଈଗୋରୁଙ୍କ ପାଇଁ ଗୋଚର ଜମିରେ କିଭଳି ଚାଷ କରୁଛନ୍ତି ବୋଲି ଗ୍ରାମବାସୀ ମାନେ ଉକ୍ତ ମକାଚାଷୀଙ୍କୁ ପଚାରିବାକୁ ଗଣ୍ଡଗୋଳ କରିବା ସହ ଧମକଚମକ ଦେଉଛନ୍ତ। ଏଥିନେଇ ବୋରିଗୁମ୍ମା ତହସିଲଦରାଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ତେଣୁ ଏଥିନେଇ ତଦନ୍ତ କରିବା ପାଇଁ ଗ୍ରାମବାସୀ ମାନେ ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡୀଙ୍କୁ ଅଭିଯୋଗ କରିଥିଲେ। ଉପଜିଲ୍ଲାପାଳ ଏଥିନେଇ ତଦନ୍ତ କରିବା ସହ ମକାଗୁଡିକକୁ ଜବତ କରାଯିବ,ଜମି ଜବରଦଖଲକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପ୍ରତିଶୃତି ଦେଇଛନ୍ତି। ଏହି ଅଭିଯୋଗ ପ୍ରଦାନ ବେଳେ ବି. ହରିରାଓ, ମନହୋର ସାନ୍ତା, ବାସୁ ସାନ୍ତା, ଡମ୍ବ ମୁଦୁଲି, ଭୀମ ମୁଦୁଲି, ରାଜେନ୍ଦ୍ର ସାନ୍ତା, ଘେନ ନାୟକ, ମଲ୍ଲିକ ସାନ୍ତା, ଶୀତ ସାନ୍ତା, ପୂର୍ଣ୍ଣ ମୁଦୁଲି, ବଡଦେବ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ଜିପିଏଲ୍‌ଏଫ୍ କର୍ମୀଙ୍କ ଧାରଣା



ଲକ୍ଷ୍ମୀପୁର,୨୩।୯ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରେ ଦୁଇ ଦିନ ଧରି ଧାରଣାରେ ବସିଛନ୍ତି କୃଷି ମିତ୍ର, ବ୍ୟାଙ୍କ ମିତ୍ର , ପ୍ରାଣୀ ମିତ୍ର, ୬ ଏମବିକେ, ସିଆରପିରେ କାର୍ଯ୍ୟରତ ମହିଳା ମାନେ। ୨୦୧୮ ମସିହାରେ ତତ୍କାଳୀନ ସରକାର ଉକ୍ତ ମହିଳା ମାନଙ୍କୁ ସାଧାରଣ ଲୋକମାନଙ୍କୁ ଘରେ ଘରେ ସାହାଯ୍ୟ ଓ ସୁବିଧା ଯୋଗାଇବା ନିମନ୍ତେ ନିଯୁକ୍ତି କରିଥିଲେ। ମହିଳା ମାନେ ମଧ୍ୟ ସରକାର ଦେଇ ଥିବା ଦାୟିତ୍ୱ ଠିକ୍ ରୂପେ ତୁଲାଇ ଆସୁଛନ୍ତି। ୨୦୧୮ ମସିହା ରୁ ପ୍ରତି ବର୍ଷ ଏହି ମହିଳା ମାନଙ୍କ ପରିଶ୍ରମ ଦେଖି ସରକାର ସରକାର ୧୫ ଶହ ଓ ୩ ହଜାରରୁ ୧୦ହଜାର ପର୍ଯ୍ୟନ୍ତ ମାସିକ ପାରିଶ୍ରମିକ ଦେଉ ଥିଲେ। ଏବେ ସରକାର ପୂର୍ବ ଭଳି କାମ କାମ କରୁ ଥିଲେ ମଧ୍ୟ ମାସିକ ପାରିଶ୍ରମିକ ପ୍ରାପ୍ୟ ମିଳୁ ନ ଥିବା ନେଇ ଅଭିଯୋଗ କରିଛନ୍ତି। ସମାନ କାମକୁ ସମାନ ଦରମା ଦିଆନଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ବ୍ଲକ କାର୍ଯ୍ୟାଳୟ ପରିସରରେ ୧୩ ଗ୍ରାମପଞ୍ଚାୟତରେ ମିତ୍ର କାର୍ଯ୍ୟ କରି ଆସୁଥିବା ମହିଳା ଧାରଣାରେ ବସିଛନ୍ତି। ସୋମବାର ଦିନ ଜିଲ୍ଲାପାଳଙ୍କ ଲକ୍ଷ୍ମୀପୁରରେ ପ୍ରଥମ ଅଭିଯୋଗ ଶୁଣାଣିରେ ଏକ ଦାବିପତ୍ର ସରକାରଙ୍କ ଉଦ୍ଦେଶ୍ୟରେ ଦେଇଥିଲେ। ଏହାକୁ ସରକାରଙ୍କ ନିକଟକୁ ପଠାଇ ଦିଆ ଯାଇଛି, ନିର୍ଦ୍ଦେଶ ଯାହା ଆସିବ କାର୍ଯ୍ୟକାରୀ କରାଯିବ ବୋଲି ବିଡିଓ ସବ୍ୟସାଚୀ ବେହେରା କହିଛନ୍ତି। ଅନ୍ୟ ପକ୍ଷରେ ଯେ ପର୍ଯ୍ୟନ୍ତ ସୁଫଳ ମିଳି ନାହିଁ, ସେ ପର୍ଯ୍ୟନ୍ତ ଧାରଣାରେ ବସି ଥିବୁ ବୋଲି ଜିପିଏଲ୍‌ଏଫ୍ କର୍ମୀ ସଂଘର ସଭାପତି ରଶ୍ମିତା ବୈଦ୍ୟ କହିଛନ୍ତି।

# ଏରୋନଟିକ୍ସ ମହାବିଦ୍ୟାଳୟରେ ଉଦ୍‌ଯାପନୀ ସଭା



ସୁନାବେଡ଼ା,୨୩।୯ (ସମିସ):

ହାଲ୍ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଚାରାରୋପଣ ଶିବିରର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଅନସୂୟା ନନ୍ଦ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅରିଷ୍ଠ ପ୍ରାଧ୍ୟାପକ ଡକ୍ଟର ରବିନାରାୟଣ ସାମନ୍ତରାୟ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଜାତୀୟ ସେବା ଯୋଜନାର ଜିଲ୍ଲା ପ୍ରଶିକ୍ଷଣ ଅଧିକାରୀ ସୁଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ଏନ୍‌ଏସଏସର ସଂଯୋଜକ ଡକ୍ଟର ସସ୍ମିତା ମହାପାତ୍ର ଏହି ସଭାର ସଂଯୋଜନା କରିଥିଲାବେଳେ ଡକ୍ଟର ସ୍ମୃତି ରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏକ ସପ୍ତାହ ଧରି ଏହି ସ୍ୱତନ୍ତ୍ର ଶିବିରରେ ମହାବିଦ୍ୟାଳୟ ପରିସର ମଧ୍ୟରେ ସ୍ୱେଚ୍ଛାସେବୀଙ୍କୁ ନେଇ ଚାରାରୋପଣ ସଙ୍ଗେ ତାର ଯତ୍ନ ନେବାର ଦାୟିତ୍ୱ, ଚାରା ରୋପଣରେ ମହତ୍ୱ ସମ୍ପର୍କିତ ତଥ୍ୟ ଆଦି କାର୍ଯ୍ୟକ୍ରମ ହୋଇଥିଲା। ବରିଷ୍ଠ ପ୍ରାଧ୍ୟାପକ ଡକ୍ଟର ସଞ୍ଜୟ ପୁରୋହିତ, ଗୌରୀଶଙ୍କର ରଥ, ହିରଣ୍ମୟୀ ତ୍ରିପାଠୀ, ଡକ୍ଟର ସଞ୍ଜୟ ଲେଙ୍କା, ବିଶ୍ୱଜିତା ପାଢ଼ୀ, ଦିଲ୍ଲୀପ ସାହୁ, ଚିନ୍ମୟ ମିଶ୍ର ଆଦି ସମସ୍ତ ଅଧ୍ୟାକ ଅଧ୍ୟାପିକା, କର୍ମଚାରୀଙ୍କ ସଙ୍ଗେ ସମସ୍ତ ଛାତ୍ରଛାତ୍ରୀ ଏହି ସଭାରେ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଲମତାପୁଟ,୨୩।୯ (ସମିସ):

ଆଜି କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଠାରେ ପ୍ରଶାସନ ଦ୍ୱାରା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଲମତାପୁଟ ବ୍ଲକର ୧୫ଟି ଗ୍ରାମପଞ୍ଚାୟତରୁ ୨୧୫ ଜଣ ଦିବ୍ୟାଙ୍ଗଙ୍କ ପଞ୍ଜିକରଣ କରାଯାଇଛି। ସେଥିମଧ୍ୟରୁ ଅସ୍ଥିଶଲ୍ୟ ୫୭, ଦୃଷ୍ଟି ବାଧିତ ୨୦, ଶ୍ରବଣ ତଥା ବାକ୍ ଶକ୍ତି ବାଧିତ ୩୬, ମାନସିକ ରୋଗୀ ୫୩, ସିକଲସେଲ୍ ଏବଂ ଅନ୍ୟାନ୍ୟ ୪୯ ଜଣ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ଶିବିରରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଏବଂ କୋରାପୁଟ ଜିଲ୍ଲା ଚିକିତ୍ସାଳୟ ଏବଂ ଜୟପୁରରୁ ଆସିଥିବା ବିଭିନ୍ନ ରୋଗର ଡାକ୍ତର ଓ ବିଶେଷଜ୍ଞମାନେ ଏହାର ପରୀକ୍ଷା କରି ଦିବ୍ୟାଙ୍ଗମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ମଞ୍ଜୁର କରିଥିଲେ। ଏଥି ମଧ୍ୟରୁ ଶ୍ରୀ ପାଲାରୁ ପ୍ରକାଶ ରାଓଙ୍କୁ ଚକ୍ଷୁ ପରୀକ୍ଷା କରାଯାଇ ତୁରନ୍ତ ଉକ୍ତ ସ୍ଥାନରେ ଚକ୍ଷୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ଏବଂ ୪ ଜଣ ଅସ୍ଥିଶଲ୍ୟ ରୋଗୀଙ୍କୁ ହୁଇଲ୍ ଚେୟାର ପ୍ରାଦାନ କରାଯାଇଥିଲା। ଏହି ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ମୁଖ୍ୟ ଅତିଥି ସାଂସଦ ପ୍ରତିନିଧି ରାମଚନ୍ଦ୍ର ପାଙ୍ଗି, ସମ୍ମାନିତ ଅତିଥି ବିଧାୟକ ପ୍ରତିନିଧି ସନୁ ଅଡାରି ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଜେପି ମହିଳା ସଭାନେତ୍ରୀ ରଞ୍ଜିତା ଖରା, ସମାଜ ସେବୀ ଇଶୁ ଖିଲ, ଲମତାପୁଟ ସରପଞ୍ଚ ପ୍ରଫୁଲ୍ଲ କ୍ରିଶାନୀ, ଅତିରିକ୍ତ ତଲସିଲଦାର ଉଦ୍ଧବ ଶବର, ଜିପିଡିଓ ଅରୁଣ କୁମାର ସାହୁ, ଲମତାପୁଟ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଖ୍ରୀଷ୍ଟଦାନ ସୁନା ଯୋଗ ଦେଇଥିଲେ। ଏହି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟନ୍ତ କୁମାର ମେହେରଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ସାମଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ଗୁମାଗୁଡ଼ିଆ, କନିଷ୍ଠ ସହାୟକ, ଜଗନ୍ନାଥ ନାୟକ, କନିଷ୍ଠ ଶିକ୍ଷକ ଜଗନ୍ନାଥ ଖେମୁଣ୍ଡୁ, କାର୍ଯ୍ୟକ୍ରମ ସହାୟକ ଶିବ ଖେମୁଣ୍ଡୁ ଏବଂ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ତରଫରୁ ଉପସ୍ଥିତ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ମାଗଣାରେ ବିଭିନ୍ନ ରୋଗର ଔଷଧପତ୍ର ପ୍ରଦାନ କରାଯାଇଥିଲା। ସ୍ନାତକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ପ୍ରେଡ୍ ବେସରକାରୀ ସଂସ୍ଥାର କର୍ମକର୍ତ୍ତା ଏବଂ ଆଶାକିରଣ ସୋସାଇଟି ତରଫରୁ ସ୍ୱେଚ୍ଛାକୃତ ଭାବରେ ଦିବ୍ୟାଙ୍ଗମାନଙ୍କୁ ଡାକ୍ତରଙ୍କ ପରୀକ୍ଷା ନିରୀକ୍ଷା କରିବାରେ ସାହାଯ୍ୟ ପ୍ରଦାନ କରିଥିଲେ।

# ନୂଆ ପଞ୍ଚାୟତ ଗଠନ ପାଇଁ ଦଣ୍ଡାବାଡ଼ିବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କୁନ୍ଦୁରା,୨୩।୯ (ସମିସ):

ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଣ୍ଡାବାଡ଼ି ପଞ୍ଚାୟତର ବିଙ୍ଗରାଯୋଡ଼ି ଅଞ୍ଚଳବାସୀ ଆଜି କୋରାପୁଟ ଜିଲ୍ଲାପାଳଙ୍କୁ ନୂଆ ପଞ୍ଚାୟତ ଗଠନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ବ୍ଲକର ୨୦ଟି ପଞ୍ଚାୟତ ମଧ୍ୟରୁ ଅପହଞ୍ଚ ପଞ୍ଚାୟତ ଭାବେ ଦଣ୍ଡାବାଡ଼ି ପଞ୍ଚାୟତରହିଛି। ଏହି ପଞ୍ଚାୟତରେ ମୋଟ ୫୬ଟି ଗାଁ ରହିଥିବା ବେଳେ ଜନସଂଖ୍ୟା ୧୫ ହଜାରରୁ ଅଧିକ ଅଛି। ବିଙ୍ଗରାଜଯୋଡି ଏବଂ କଦଳୀପଦର ସମେତ ୨୫ଖଣ୍ଡ ଗାଁ ଲୋକେ ପଞ୍ଚାୟତ କାର୍ଯ୍ୟାଳୟ ଦଣ୍ଡାବାଡ଼ି ଯିବାକୁ ହେଲେ ପନ୍ଦର କିଲୋମିଟର ଦୂର ଯିବାକୁ ପଡୁଛି। ଏହି ବିଙ୍ଗରାଜଯୋଡି ଅଞ୍ଚଳରେ ପ୍ରାୟ ୭୫୦୦ ଲୋକେ ବସବାସ କରୁଥିବା ବେଳେ ଏଠାରେ ପ୍ରାୟ ୩୭୦୦ ହଜାରରୁ ଅଧିକ ମତଦାତା ଅଛନ୍ତି । ଏଠାକାର ବଡ଼ଗାଁ ବିଙ୍ଗରାଜଯୋଡିକୁ ନୂତନ ପଞ୍ଚାୟତ ଗଠନ କରିବା ନିମନ୍ତେ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏ ନେଇ ସ୍ଥାନୀୟ ଜୟପୁର ଉପ ଜିଲ୍ଲାପାଳ, ବୈପାରୀଗୁଡା ବିଡ଼ିଓଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ଦେବା ସମୟରେ ସରପଞ୍ଚ ଦଣ୍ଡାବାଡ଼ି ଛେଣ୍ଡିଆ ଖିଲ, ସମିତି ମାଧବ ଖରା, ଦୋଳଗୋବିନ୍ଦ ଖିଲ, ଜୟ ସାନ୍ତା, ପ୍ରତାପ ଖରା ସାଦବଖିଲ, ସତ୍ୟ ଖିଲ, ଲାନ୍ତର ଖରା, ଗୋପି ସାନ୍ତା, ଅଭିରାମ ଖରା ନାରୀ ସାନ୍ତା, ସଭା ଖିଲ, ନୀଳକଣ୍ଠ ଖିଲ, କୃଷ୍ଣ ସାନ୍ତା, କୁମୁଟି ଖିଲ, ସାମ ସାନ୍ତା, ଗଙ୍ଗାଧର ଗଳାରୀ, ପୂର୍ଣ୍ଣଚନ୍ଦ୍ର ନାୟକ ଓ ଜୟ ଖିଲ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ କଲ୍ୟାଣ କମିଟିରେ ଜିଲ୍ଲାସ୍ତରୀୟ ନିଯୁକ୍ତି ଦିଆଯାଉ : ଜଗନ୍ନାଥ ମହାପାତ୍ର



ନବରଙ୍ଗପୁର,୨୩।୯ (ସମିସ): ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅଧିନରେ କାର୍ଯ୍ୟରତ ଶିଶୁ କଲ୍ୟାଣ କମିଟି ରେ ଆଗାମୀ ୩ ବର୍ଷ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କମିଟିରେ ଜଣେ ଅଧ୍ୟକ୍ଷ ଓ ୪ ଜଣ ସଦସ୍ୟ ନିଯୁକ୍ତି ହେବେ। ନବରଙ୍ଗପୁର ଜିଲ୍ଲାର ଆବେଦନକାରୀ ମାନେ ନିଯୁକ୍ତି ନିୟମ ଅନୁଯାୟୀ ଶିକ୍ଷିତ ଓ ଶିଶୁ କଲ୍ୟାଣ ଓ ସୁରକ୍ଷା କ୍ଷେତ୍ରରେ ଅଭିଜ୍ଞତା ସମ୍ପନ୍ନ ଥିଲେ ମଧ୍ୟ ସେମାନଙ୍କୁ ନିଯୁକ୍ତି ଦିଆନଯାଇ ବାହାର ଜିଲ୍ଲାର ଆବେଦନକାରୀଙ୍କୁ ପୂର୍ବରୁ ଏହି ପଦବୀରେ ଅବସ୍ଥାପିତ କରାଯାଇଛି। ସେମାନେ ଅନେକ ସମୟରେ ଏହି ସରକାରୀ ଅନୁଷ୍ଠାନରେ ଉପସ୍ଥିତ ରହୁନାହାନ୍ତି ଓ ନିଜ ଦାୟିତ୍ୱ ନିଷ୍ଠାର ସହ ପାଳନ କରୁନାହାନ୍ତି, ତଥାପି ସରକାରୀ ଦରମା ପାଉଛନ୍ତି। ଏଣୁ ଏହି ଅନୁଷ୍ଠାନର ଉଦ୍ଦେଶ୍ୟ ବିଫଳ ହେଉଥିବା ସ୍ମାରକପତ୍ରରେ ଦର୍ଶାଯାଇଛି। ଅଧିନିୟମର ଧାରା -୩୧ ଅନୁଯାୟୀ, ଶିଶୁମାନଙ୍କର ଯତ୍ନ, ସୁରକ୍ଷା, ଚିକିତ୍ସା, ବିକାଶ ପାଇଁ ଏବଂ ପୁନଃ ଥଇଥାନ ତଥା ସେମାନଙ୍କ ପାଇଁ ବ୍ୟବସ୍ଥା କରିବା ପାଇଁ କମିଟିର ଅନ୍ତିମ ଅଧିକାର ରହିଛି। କିନ୍ତୁ ଆଦିବାସୀ ବହୁଳ ନବରଙ୍ଗପୁର ଜିଲ୍ଲାର ଆଞ୍ଚଳିକ ଭାଷା ସହିତ ବାହାର ଜିଲ୍ଲାର ନିଯୁକ୍ତ ବ୍ୟକ୍ତି ମାନେ ଅଭିଜ୍ଞ ଓ ଅବଗତ ନଥିବା ଯୋଗୁଁ ସେମାନେ ଏହି କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଉପଯୁକ୍ତ ନଥିବା ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି। ଗୋଟିଏ ଅଧ୍ୟକ୍ଷ ଓ ୪ଟି ସଦସ୍ୟ ପଦରେ ଆଗାମୀ ନିଯୁକ୍ତି ପାଇଁ ସମୁଦାୟ ୨୭ ଜଣ ଆବେଦନକାରୀଙ୍କ ମଧ୍ୟରୁ କଟକ ଜିଲ୍ଲାର ୨ ଜଣ, ବରଗଡ଼, ଢେଙ୍କାନାଳ, ଖୋର୍ଦ୍ଧା, କନ୍ଧମାଳ ଜିଲ୍ଲାର ଜଣେ ଲେଖାଏଁ ଓ କୋରାପୁଟ ଜିଲ୍ଲାର ୩ ଜଣ ଆବେଦନ କରିଛନ୍ତି। ନବରଙ୍ଗପୁର ଜିଲ୍ଲାର ୧୮ ଜଣ ଏଥିପାଇଁ ଆବେଦନ କରିଛନ୍ତି। ନବରଙ୍ଗପୁର ଜିଲ୍ଲାରେ ଲୋକ ମହୋତ୍ସବ "ମଣ୍ଡେଇ' ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲାସ୍ତରୀୟ ନିଯୁକ୍ତି ଦେବାପାଇଁ ଘୋଷଣା କରିଥିଲେ। ଏହି ନିଯୁକ୍ତି କ୍ଷେତ୍ରରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ଦେବାପାଇଁ ଉକ୍ତ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି। ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି । କେବଳ ନବରଙ୍ଗପୁର ଜିଲ୍ଲାସ୍ତରୀୟ ନିଯୁକ୍ତି ପ୍ରଦାନ କରାଯାଉ ବୋଲି କହିଛନ୍ତି ସଭାପତି ଜଗନ୍ନାଥ ମହାପାତ୍ର । ଏଥିସହିତ ଏ ସମ୍ବନ୍ଧରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀଙ୍କୁ ଅବଗତ କରାଯିବା ସହ ସାଂସଦ ବଳଭଦ୍ର ମାଝୀ, ଓଡ଼ିଶା ସରକାରଙ୍କ ପ୍ରମୁଖ ସଚିବଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି ବୋଲି କହିଛନ୍ତି ସମ୍ପାଦକ ରାମ ପ୍ରସାଦ ପାତ୍ର। ଏହି ସମସ୍ତ ବିଷୟରେ ଆଲୋଚନା ଏବଂ ଦାବିପତ୍ର ପ୍ରଦାନ କରିବା ସମୟରେ ନାଗରିକ କମିଟିର ସଭାପତି ତଥା ଜିଲ୍ଲାର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର, ସମ୍ପାଦକ ରାମ ପ୍ରସାଦ ପାତ୍ର, ସହକାରୀ ଆବାହକ ପ୍ରଦୀପ କୁମାର ସାହୁ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ଆଇନଜୀବୀ କିଶୋରୀ ପଟ୍ଟନାୟକ, ଶ୍ରୀନିବାସ ପାତ୍ର ପ୍ରମୁଖ ଜିଲ୍ଲାପାଳଙ୍କ ସହିତ ଏ ସମ୍ବନ୍ଧରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି।

# ଜିଲ୍ଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା



କୋରାପୁଟ,୨୩।୯ (ସମିସ): ଜିଲ୍ଲାସ୍ତରୀୟ ସେବାପକ୍ଷ ପାଳନ ଅବସରରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପେଶାଦାର ଚିତ୍ରଶିଳ୍ପୀ, ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ବିକଶିତ ଭାରତ ୨୦୪୭ ଗଠନର ଦୃଷ୍ଟିକୋଣକୁ ଆଧାର କରି ପ୍ରତ୍ୟେକ ପ୍ରତିଯୋଗୀ ସେମାନଙ୍କର କଳା ସୁନ୍ଦର ଭାବେ ଉପସ୍ଥାପନା କରିଥିଲେ। ପ୍ରତିଯୋଗିତାରେ ୨୦୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲାସ୍ତରର ଶ୍ରେଷ୍ଠ ପ୍ରଥମ , ଦ୍ୱିତୀୟ ଏବଂ ତୃତୀୟ ପ୍ରତିଯୋଗୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ସେପ୍ଟେମ୍ବର ମାସ ୨୫ ତାରିଖ ଦିନ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା କହିଛନ୍ତି।

## ଦୁଇଟି ଗାଁର ଯାତାୟାତରେ ରେଳପଥ ପ୍ରତିବନ୍ଧକ

# ସବ୍‌ୱେ ନିର୍ମାଣ ଦାବି କଲେ ଗ୍ରାମବାସୀ



**ରାୟଗଡ଼ା,୨୩।୯ (ସମିସ):** ଦୁଇଟି ଗାଁର ଦୈନନ୍ଦିନ ଯାତାୟାତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ଭାବେ ଠିଆ ହୋଇଛି ବିଜୟନଗରମ-ଟିଟିଲାଗଡ ରେଳପଥ। ଜୀବନକୁ ବାଜି ଲଗାଇ ଗ୍ରାମବାସୀମାନେ ରେଳପଥ ପାର ହୋଇ ଯାତାୟାତ କରୁଥିବାରୁ ପୋଲିପିଣ୍ଡା ଗ୍ରାମ ନିକଟ ରେଳପଥ ତଳେ ଏକ ସବ୍‌ୱେ ନିର୍ମାଣ ପାଇଁ ଦାବି କରିଛନ୍ତି ଗ୍ରାମବାସୀ। ଏ ନେଇ ଆଜି ଦୁଇ ଗ୍ରାମବାସୀ ରାୟଗଡ଼ା ଜିଲ୍ଲାପାଳ ଏବଂ ପୂର୍ବତଟ ରେଳବାଇ ରାୟଗଡ଼ା ରେଳ ଡିଭିଜନ ଏବଂ ସମ୍ବଲପୁର ରେଳ ଡିଭିଜନ ଡିଆରଏମ୍‌ଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ସୂଚନା ପ୍ରକାରେ ଟିଟିଲାଗଡ-ବିଜୟନଗରମ ରେଳପଥ ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଖେଦାପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ

**● ଡିଆର୍‌ଏମ୍ ଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ପୋଲିପିଣ୍ଡା ଓ ରେଲିବାଡିଗାମ ନିକଟ ଦେଇଯାଇଛି। ଏହି ରେଳ ଧାରଣା ସମେତ ମୋଟ ୪ଟି ରେଳଧାରଣା ରହିଛି। ଉକ୍ତ ଦୁଇଟି ଗ୍ରାମକୁ ଯିବା ପାଇଁ ଅନ୍ୟ କୌଣସି ବିକଳ୍ପ ରାସ୍ତା ନ ଥିବା ବେଳେ ଗ୍ରାମବାସୀ ଏହି ରେଳପଥକୁ ନିଜର ଦୈନନ୍ଦିନ ଯାତାୟାତର ରାସ୍ତା ଭାବେ ଅପଣାଇଛନ୍ତି। ଫଳରେ ଅନେକ ସମୟରେ ରେଳଧାରଣା ପାର ହେବା ଦୁର୍ଘଟଣା ଘଟୁଛି। ବିଶେଷ କରି ଚାଷୀ, ଶ୍ରମିକ ଏବଂ ଛାତ୍ରଛାତ୍ରୀମାନେ ଏହି ରେଳଧାରଣା ପାର ହୋଇ ଆର ପାର୍ଶ୍ୱରେ ଥିବା ନିଜ ଚାଷଜମି, ସ୍କୁଲ, ବଜାର, ଝାଙ୍କିରି ଦେବୀ ମନ୍ଦିର ସହ ଘରକୁ ଫେରିବା ପାଇଁ ଦୀର୍ଘ ୧୫କିମି ବାଟ ପରିବର୍ତ୍ତନ କରିବାକୁ ବାଧ୍ୟ ହେଉଥିବା ପ୍ରକାଶ କରିଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ଉକ୍ତ ରେଳଧାରଣା ତଳେ ଏକ ସବୱେ ନିର୍ମାଣ କଲେ ଗ୍ରାମବାସୀ ଉପକୃତ ହୋଇପାରିବେ ବୋଲି ଗ୍ରାମର ଜିୟମା ଅଟକା, ଇନ୍ଦ୍ର ଅଟକା, ସିତେମେ ଅଟକା, ଶ୍ରୀମତି ଅଟକା, ନାରାୟଣ ଅଟକା, ପ୍ରୀତି ଅଟକା, ତୁନିମା ଅଟକା ଓ ଅନ୍ୟମାନେ ପ୍ରକାଶ କରିଛନ୍ତି।

■ ବିଜୁଳି ସଂଯୋଗ ଦାବି

# ଅନ୍ଧାରରେ ୩୦ ପରିବାର, ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ରାୟଗଡ଼ା,୨୩।୯ (ସମିସ):** ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ସଦର ପଞ୍ଚାୟତ ଅନ୍ତର୍ଗତ ପରଜାଶିଳା ଗାଁର ଧାଦମୁଣ୍ଡି ସାହିରେ ଦୀର୍ଘ ୧୫ବର୍ଷ ଧରି ଅନ୍ଧାରରେ ଜୀବନ ବିତାଉଛନ୍ତି ୩୦ଘର ଆଦିବାସୀ ପରିବାର। ସାହିକୁ ବିଜୁଳି ସଂଯୋଗ ହୋଇ ନ ଥିବାରୁ ଆଜି ବି ସାହିବାସିନ୍ଦା ଡିବିରି, ମହମବତୀ, ସୋଲାର ବେଟେରୀ ଲାଇଟ୍ ଆଲୁଅରେ ଦିନ କାଟୁଛନ୍ତି। ବିଜୁଳି ସଂଯୋଗ ପ୍ରଦାନ କରିବାକୁ ଦାବି ନେଇ ଜିଲ୍ଲାପାଳ ଏବଂ କୋରାପୁଟ ଲୋକସଭା ସାଂସଦଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି ସାହି ବାସିନ୍ଦା। ଡିଜିଟାଲ ଯୁଗରେ ଭାରତ ବିଶ୍ୱରେ ଏକ ନମ୍ବର ଦେଶ ହେବାକୁ ଡବଲ ଇଞ୍ଜିନ ସରକାର ଉଦ୍ୟମ କରୁଥିବା ବେଳେ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାର ଅନେକ ଗାଁରେ ଆଜି ମଧ୍ୟ ବିଜୁଳି ସଂଯୋଗ ସାତସପନ ପାଲଟିଛି। ଯାହାର ଉଦାହରଣ ସାଜିଛି ପରଜାଶିଳା ଗାଁ ଧାଦମୁଣ୍ଡି ସାହି।



ସାହିରେ ୩୦ ପରିବାର ବସବାସ କରୁଥିବା ବେଳେ ସାହିକୁ ବିଜୁଳି ସଂଯୋଗ ନିମନ୍ତେ ବାରମ୍ବାର ସ୍ଥାନୀୟ ବିଡିଓ, ଟାଟାପାୱାର ବିଭାଗୀୟ ଜେଇଙ୍କ ସମେତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କେହି ବି କର୍ଣ୍ଣପାତ କରୁ ନ ଥିବା ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ସୂର୍ଯ୍ୟ ଅସ୍ତ ହେଲେ ଅନ୍ଧାରରେ ଲୁଚି ଯାଉଛି ଧାଦମୁଣ୍ଡି ସାହି। ତେଣୁ ୧୫ବର୍ଷ ବିତିଲାଣି ଗାଁକୁ ବିଜୁଳି ସଂଯୋଗ କରି ମୌଳିକ ସୁବିଧା ପ୍ରଦାନ ପାଇଁ ବୋଲି ସାହିବାସିନ୍ଦା ସଦାଶିବ ନାଏକ, ଲାଲୁ ଝୋଡିଆ, ସତିଆ ଝୋଡିଆ, ମୀନା ଝୋଡିଆ, ସାବିତ୍ରୀ ଝୋଡିଆଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଛନ୍ତି।

# ଏଥର ଦୁଲିକିବ ଜୟପୁର ଦଶହରା ମଞ୍ଚ

## ଆସିବେ ମୁମ୍ବାଇ, କଟକ କଳାକାର

**ଜୟପୁର,୨୩।୯ (ସମିସ):** ଜୟପୁର ଦଶହରା ମହୋତ୍ସବ କମିଟି ପକ୍ଷରୁ ଚଳିତ ବର୍ଷ ଦଶହରା ପର୍ବ ପାଳନ ଅବସରରେ ସାରା ସହର ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ଆସନ୍ତା ୨୭ ତାରିଖ ପଞ୍ଚମୀ ତିଥି ଠାରୁ ସହରର ବିଭିନ୍ନ ସ୍ଥାନରେ ମୁମ୍ବାଇ, କଟକ ଏବଂ ସ୍ଥାନୀୟ କଳକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଶୁଭାରମ୍ଭ ହେବ। ଏଥିପାଇଁ ଚୂଡାନ୍ତ ହୋଇଥିବା କାର୍ଯ୍ୟକ୍ରମ ଅନୁଯାୟୀ ଆସନ୍ତା ଶନିବାର ପ୍ରଥମ ସଂଧ୍ୟାରେ ସ୍ଥାନୀୟ ସେବରାସାହି ଛକ ମୁଖ୍ୟ ରାସ୍ତା ଠାରେ କଟକ କଳକାରଙ୍କ ଦ୍ୱାରା ଅର୍କେଷ୍ଟ୍ରା ଏବଂ ଓଲିଉଡ ପାଶ୍ୱର୍ ଗାୟିକା ଅନ୍ତରା



ଚକ୍ରବର୍ତ୍ତୀ ଏବଂ ଅନ୍ୟାନ୍ୟ କଳାକାର ମାନେ ସଂଗୀତ କାର୍ଯ୍ୟକ୍ରମ ପରିବେଷଣ କରିବେ। ରବିବାର ଦ୍ୱିତୀୟ ସଂଧ୍ୟାରେ ଜଗତଜନନୀ ମନ୍ଦିର ଛକ ଠାରେ କଟକର ଓଲିଉଡ ପାଶ୍ୱର୍ ଗାୟିକା ଦିପ୍ତୀରେଖା ଏବଂ ତାଙ୍କ ଗ୍ରୁପ୍ ପକ୍ଷରୁ ସଂଗୀତ କାର୍ଯ୍ୟକ୍ରମ। ସୋମବାର ରାଜାନହର ଛକ ଠାରେ କଟକ ମୋଲୋଡି ସମେତ ଓଲିଉଡ ପାଶ୍ୱର୍ ଗାୟକ ସ୍ୱର୍ଣ୍ଣପାଢୀ ଓ ତାଙ୍କ ଦଳ, ମଙ୍ଗଳବାର ରାଜାନହର ଛକଠାରେ ସ୍ଥାନୀୟ ସ୍ୱରଘୁଙ୍ଗୁରର କଳାକାରଙ୍କ ସଂଗୀତ କାର୍ଯ୍ୟକ୍ରମ ଏବଂ ବୁଧବାର ନବମୀ ତିଥିରେ ପୁଣି ରାଜାନହର ଛକ ଠାରେ ମୁମ୍ବାଇର କଳାକାର ତଥା ଇଣ୍ଡିଆନ ଆଇଡଲ ୧୫ ସିଜନର ବିଜେତା ବଲିଓଡ଼ ପାଶ୍ୱର୍ ଗାୟିକା ମାନସୀ ଘୋଷ ଏବଂ ବିଶିଷ୍ଟ କଳାକାର ଅମିତାଭ ବଚ୍ଚନଙ୍କ ନକଲ କରୁଥିବା ମୁମ୍ବାଇ କଳାକାର ଶଶୀକାନ୍ତ ପାଡେୱାଲଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଶେଷରେ ଅନ୍ତିମ ଦିବସ ଦଶହରା ଦିବସରେ ସ୍ଥାନୀୟ ପାରାବେଢା ଦଶହରା ପଡିଆ ଠାରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଦେବୀ ପୀଠରୁ ଆସିଥିବା ଲାଠିଧାରୀଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯିବ। ସେଠାରେ ରାବଣପୋଡି ଉତ୍ସବ ଆୟୋଜନ ହେବ। ଏହିପରି ପରମ୍ପରା ଅନୁଯାୟୀ ରାତି ୧୧ଟା ସମୟରେ ମାଁ ଭଗବତୀ ମନ୍ଦିରରୁ ଏକ ବିରାଟ ପଟୁଆରରେ ଆଦିବାସୀ ଦୁରୁଆ, କୋୟା, ଦୁର୍ଗାଦେବୀ ବୋମ୍ମୁଲୁ ନୃତ୍ୟ, ପାଇକ ଆଖଡା ଏବଂ ବାଜାବାଜଣାରେ ଦେବୀ ଭଗବତୀ, ଦକ୍ଷିଣକାଳୀ, କନକଦୁର୍ଗା, ରାଜାନହର ଛକ ମହିଷାସୁର ମର୍ଦ୍ଦନୀଙ୍କ ମୃଣମୟୀ ମୂର୍ତ୍ତି, ବସନ୍ତାୟୀ ଦେବୀଙ୍କ ବିମାନ ସାମିଲ ହୋଇ ଏକ ବିରାଟ ପଟୁଆର ବାହାରିବା ପରେ ଦଶହରା ପଡିଆରେ ବିଳମ୍ବିତ ରାତିରେ ଅପରାଜିତା ପୂଜା ସମ୍ପନ୍ନ ହେବା ସହ ଦଶହରା ପୂଜା ସମାପ୍ତ ହେବ।

● ଦୁଇ ଶିକ୍ଷୟିତ୍ରୀଙ୍କ ମଧ୍ୟରେ କଳହ ଘଟଣା

# ଶିକ୍ଷା ବିଭାଗ ୪ଜଣିଆ ଟିମ୍‌ର ତଦନ୍ତ

**ମୁନିଗୁଡ଼ା,୨୩।୯ (ସମିସ):** ବାଘଡଙ୍ଗରି ଉଚ୍ଚ ବିଦ୍ୟାଳୟର ଦୁଇ ଶିକ୍ଷୟିତ୍ରୀଙ୍କ ମଧ୍ୟରେ କଳହ ଘଟଣାରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦଳିତ କାର୍ଡ ଖେଳୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାଘଡଙ୍ଗରି ଗ୍ରାମବାସୀ। ଉକ୍ତ ଘଟଣାରେ ଆଜି ଶିକ୍ଷା ବିଭାଗ ପକ୍ଷରୁ ଏକ ୪ ଜଣିଆ ଟିମ୍ ତଦନ୍ତ କରି ଫେରିଥିବା ଜଣାପଡିଛି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜାତିକୁ ନେଇ ଭେଦଭାବ ସୃଷ୍ଟି କରିବା, ଅଭିଭାବକ ମାନଙ୍କୁ ଉସକାଇବା ଓ ବିଦ୍ୟାଳୟରେ ପାଠପଢା ସମୟରେ କିଛି ନିର୍ଦ୍ଦିଷ୍ଟ ଗଣ ମାଧ୍ୟମକୁ ଡାକି ନିଜ ସପକ୍ଷରେ ଖବର ପରିବେଷଣ କରାଯିବା ଘଟଣାରେ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବୁଦ୍ଧିଜୀବି ମାନେ ନିନ୍ଦା କରିଛନ୍ତି। ଦୁଇ ଶିକ୍ଷୟିତ୍ରୀଙ୍କ କଳହ ପରେ ଉଭୟ ଶିକ୍ଷୟିତ୍ରୀ ମୁନିଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ନିଜେ ନିଜର ଅଭିଯୋଗ ଜଣାଇବା ପରେ ମଧ୍ୟ ଉକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷା ବିଭାଗ ଉପରେ ଭରସା ନରଖି ତଦନ୍ତ ହେବା ପୂର୍ବରୁ ଦଳିତ ମହାସଂଘ ନିକଟକୁ ଚିଠି କରିଛନ୍ତି। ଶିକ୍ଷୟତ୍ରୀ ବିଦ୍ୟାଳୟରେ ପିଲା ମାନଙ୍କ ପାଠ ପଢା ସମୟରେ ଏକ ନିର୍ଦ୍ଦିଷ୍ଟ ଗଣ ମାଧ୍ୟମ ପ୍ରତିନିଧିଙ୍କୁ ଡାକି ଘଟଣାକୁ ଅନ୍ୟ ରୂପ ଦେବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଅଛନ୍ତି ୧୪୫ଜଣ ଛାତ୍ରଛାତ୍ରୀ। ସୋମବାର ଦିନ ବିଦ୍ୟାଳୟରେ ଦୁଇ ଶିକ୍ଷୟିତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ଯୋଗୁଁ କିଛି ସମୟ ପାଇଁ ପାଠପଢ଼ା ଠପ୍ ହୋଇଯାଇଥିବା ବେଳେ ଅଭିଭାବକ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଆଜି କାଲିର ଘଟଣା ନୁହେଁ, ଦୀର୍ଘ ଦିନ ଧରି ଉଭୟଙ୍କ ମଧ୍ୟରେ କଳହ ଲାଗି ରହୁଥିବା ଅଭିଭାବକ ମାନେ ଅଭିଯୋଗ କରି ଆସୁଥିବା ବେଳେ କୌଣସି ଏକ ଘଟଣାକୁ ନେଇ ସେଦିନ ମଧ୍ୟ ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ପତି ଓ ପ୍ରଧାନ ଶିକ୍ଷୟିତ୍ରୀ ବୃନ୍ଦାବତି ସେଠୀଙ୍କ ମଧ୍ୟରେ କଳହ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ଜଣକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜାତିଆଣ ଆକ୍ଷେପ କରି କରିଥିବା ନେଇ ପ୍ରଧାନଶିକ୍ଷୟିତ୍ରୀ ଜଣକ ଗତକାଲି ଘଟଣା ସମ୍ପର୍କରେ ମୁନିଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିବା ବେଳେ ଜାଣି ଶୁଣି ପ୍ରଧାନ ଶିକ୍ଷୟିତ୍ରୀ ବୃନ୍ଦାବତି ସେଠୀ ଜାତିଆଣ ଆକ୍ଷେପ ବିଷୟରେ କିଛି ନିର୍ଦ୍ଦିଷ୍ଟ ଅଭିଭାବକ ଓ ନିର୍ଦ୍ଦିଷ୍ଟ ଛାତ୍ରଛାତ୍ରୀଙ୍କୁ ଉସୁକାଉଥିବା ଏବଂ ଜାତିଆଣ ଭେଦ ଭାବ ସୃଷ୍ଟି କରୁଥିବା ସହକାରୀ ଶିକ୍ଷୟିତ୍ରୀ ଜଣଙ୍କ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ଦୁଇ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହିବା ଯୋଗୁଁ ପାଠପଢ଼ାରେ ବ୍ୟାଘାତ ହୋଇଥିବା ବେଳେ ଖବରପାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍କୁଲରେ ପହଞ୍ଚି ଛାତ୍ରଛାତ୍ରୀ, ଅଭିଭାବକ ଓ ଦୁଇ ଶିକ୍ଷୟତ୍ରୀଙ୍କ ସହ ଆଲୋଚନା କରିବା ସହ ବୁଝାସୁଝା କରିଥିଲେ। ଉଭୟେ ଶିକ୍ଷୟିତ୍ରୀ ଛୁଟିରେ ରୁହନ୍ତୁ ବୋଲି ଗ୍ରାମବାସୀ ଓ ଅଭିଭାବକ ଦାବି କରିଥିବା ବେଳେ ଜଣେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦଳିତ କାର୍ଡ ଖେଳୁଥିବା ଅଭିଯୋଗ ହେଉଛି। ବିଦ୍ୟାଳୟରେ ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ନିଆଁରେ ଘିଅ ଢାଳିବା କାମ କରୁଥିବା କିଛି ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ତେବେ ଆଜି ଶିକ୍ଷା ବିଭାଗ ପକ୍ଷରୁ ଏକ ୪ ଜଣିଆ ଟିମ ଉକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତ କରି ଫେରିଥିବା ବେଳେ ବିଭାଗ ପକ୍ଷରୁ କଣ ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଛି।

# ବୋଲେରୋ ସହ ଗଞ୍ଜେଇ ଜବତ

**ଗୁଡାରୀ,୨୩।୯ (ସମିସ):** କୈଣସି ଏକ ସୂତ୍ରର ଖବର ପାଇ ରାୟଗଡ଼ା ଜିଲ୍ଲା ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ସ୍କ୍ୱାର୍ଡ ପାର୍ଟି ଗତ ରବିବାର ରାତିରେ ଗୁଡାରୀ ବ୍ଲକ୍ ଜଳନିଧି ଠାରେ ଏକ ବୋଲେରୋ (ଓଆର ୧୮ସି ୦୮୪୬)ଗାଡିରେ ଗଞ୍ଜେଇ ଥିବା ପିଛା କରିବା ସମୟରେ ବୋଲେରଟି ଦ୍ରୁତ ଗତିରେ ଯିବା ଯୋଗୁଁ ଏହାର ଟେର୍ ପାଇ ପାରିନଥିଲା। ସୋମବାର ଦିନ ଜଳନିଧି ଗ୍ରାମ ଆଖପାଖ ଅଞ୍ଚଳରେ ଗୁଡାରୀ ଥାନା ଏସ.ଆଇ ଶ୍ୟାମସୁନ୍ଦରର ଓ ଏକ ଟିମ ସର୍ଚ୍ଚ ଅପରେସନ କରିଥିଲେ। ବହୁ ସମୟ ଧରି ଖୋଜାଖୋଜି କରିବା ପରେ ଘଞ୍ଚ ଜଙ୍ଗଲ ଭିତରେ ବୋଲେରୋ ଭିତରୁ ୧୭୮ କେଜି ୨୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏହି ଗଞ୍ଜେଇକୁ ନେଇ ପିଏସ୍ ନଂ ୯୭/୨୫ କେସ୍ ରୁଜୁ କରାଯାଇଥିବା ଜଣାପଡିଛି। ଏଥିରେ ଗୁମୁଡ଼ା ଏସ୍ଆଇ ବିରେନ୍ଦ୍ର କୁମାର ରାୟ ଏବଂ ଗୁଡାରୀ ତହସିଲଦାର ଶ୍ରୀମତି ଏସ ସ୍ନେହଲତା ଉପସ୍ଥିତି ଥିଲେ।

# ଅଲ୍ ଓଡ଼ିଶା ଜୀବିକା ମିଶନ କର୍ମଚାରୀଙ୍କ ଧର୍ମଘଟ

**ରାମନାଗୁଡ଼ା,୨୩।୯ (ସମିସ):** ରାୟଗଡା ଜିଲ୍ଲାର ରାମନାଗୁଡ଼ା ବ୍ଲକରେ ଗତକାଲିଠାରୁ ଓଡିଶା ଜୀବିକା ମିଶନ କର୍ମଚାରୀଙ୍କ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧର୍ମଘଟ ଆରମ୍ଭ କରିଛନ୍ତି। ଏହି ଧର୍ମଘଟରେ ଓଡିଶା ଜୀବିକା ମିଶନର ତିନି ଗୋଟି କ୍ୟାଡର ଏମବିକେ, ବ୍ୟାଙ୍କ ମିତ୍ର, ସିଆରପିର କର୍ମଚାରୀ ମାନେ ସାମିଲ ହୋଇଛନ୍ତି। ସରକାରଙ୍କୁ ପୂର୍ବପରି କାର୍ଯ୍ୟ ଅନୁଯାୟୀ ବୋନସ ପରିବର୍ତ୍ତେ ସ୍ଥାୟୀ ଦରମା ପ୍ରଦାନ କରିବା, ସ୍ଥାୟୀ ଭାବେ ନିଯୁକ୍ତି ପ୍ରଦାନ, କର୍ମୀଙ୍କ ନିଜ ଜମା ଖାତାରେ ସିଧାସଳଖ ଜମା କରିବା, ବୋନସ ବନ୍ଦ କରିବା, ୬ ମାସର ଦରମା ପ୍ରଦାନ, କାର୍ଯ୍ୟ ଅନୁଯାୟୀ ବର୍ଦ୍ଧିତ ପାରିଶ୍ରମିକ ପ୍ରଦାନ ସହ ରେଭିନ୍ୟୁ ପ୍ରହସନ ବନ୍ଦ କରିବା ଆଦି ସାତ ଦଫା ଦାବି ପୂରଣ ନିମନ୍ତେ ରାୟଗଡା ଜିଲ୍ଲା ରାମନାଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏହି ଧର୍ମଘଟ କୁ ପରିଚାଳନା କରୁଥିବା ସଭାପତି ଚଞ୍ଚଳା ଶବର ସମ୍ପାଦିକା ମିନିକା ରାଜେଶ୍ୱରୀ ସରକାରଙ୍କ ନିକଟରେ ଦାବି ଜଣାଇଥିବା ସତ୍ତ୍ୱେ ଦାବି ପୂରଣ ନହେବାରୁ ସୋମବାର ଠାରୁ ଧର୍ମଘଟ ଆରମ୍ଭ କରିଥିବା ସଂଘ ପକ୍ଷରୁ ସୂଚନା ମିଳିଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରାଯାଇଛି।

# ଦୁଇଟି ସ୍ଥାନରେ ଚାଲିଛି ପରିବା ବେପାର

**ରାୟଗଡ଼ା,୨୩।୯ (ସମିସ):** ରାୟଗଡ଼ା ପୌର ପରିଷଦ ପକ୍ଷରୁ ପୌରାଞ୍ଚଳର ଦୈନନ୍ଦିନ ପରିବା ବ୍ୟବସାୟ ପରିଷଦ ଦ୍ୱାରା ଚିହ୍ନିତ ଦୁଇଟି ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଗୋଟିଏ ଏକ୍ସାଇଜ ଅଫିସ ନିକଟ ରାମକୃଷ୍ଣ ନଗର ଏବଂ ଅନ୍ୟଟି ଦୈନିକ ବଜାର, କସ୍ତୁରୀ ନଗର ୬ ନମ୍ବର ଗଳିରେ। ଏଥି ସହିତ ଫ୍ଲାଏ ଓଭର ବ୍ରିଜ ତଳେ ଦୋକାନ ବଜାର ଓ ବ୍ୟବସାୟ ପାଇଁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ରାୟଗଡ଼ା ସହରର ଉନ୍ନତି ତଥା ନିରାପଦ ଗମନାଗମନ ବ୍ୟବସ୍ଥା ପାଇଁ ସମସ୍ତ ଜନସାଧାରଣ ତଥା



ବ୍ୟବସାୟୀ ସହଯୋଗର ହାତ ବଢାଇଥିବାରୁ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଲଦୀପ କୁମାର ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ସହରର ଅନେକ ଛକ ଗଳି ରାସ୍ତା କଡରେ ପେଟ ପାଟଣା ପାଇଁ କିଛି ପରିବା ବିକାଳୀ ପରିବା ରଖି ବିକ୍ରି କରୁଥିବା ବେଳେ ଲୋକେ ରାସ୍ତା ଉପରେ ଗାଡି ରଖି ପରିବା କିଣିବାକୁ ଯାଉଥିବା ହେତୁ ଟ୍ରାଫିକ ସମସ୍ୟା ସହ ସଡ଼କ ଦୁର୍ଘଟଣାର ଭୟ ଅଧିକ ରହୁଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଏଥିପ୍ରତି ପୌର ପ୍ରଶାସନ ଦୃଷ୍ଟି ଦେଇ ରାସ୍ତା କଡରେ ବସୁଥିବା ବିକାଳୀଙ୍କୁ ମଧ୍ୟ ଚୟନ ହୋଇଥିବା ପରିବା ବଜାର ସ୍ଥାନରେ ଜାଗା ଦେଲେ ଅଞ୍ଚଳବାସୀ ଗୋଟିଏ ପରିବା ବଜାରରୁ ପରିବା କିଣିବାରେ ସୁବିଧା ପାଇବେ ବୋଲି କୁହାଯାଉଛି।

# କାର ଦୁର୍ଘଟଣା, ବୃଦ୍ଧା ମୃତ

**ମାଥିଲି,୨୩।୯ (ସମିସ):** ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ନାୟକଗୁଡାଠାରେ ଏକ କାର ଦୁର୍ଘଟଣାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ମାଥିଲି ବ୍ଲକ ନାୟକଗୁଡା ପଞ୍ଚାୟତ ଅନ୍ତର୍ଗତ ସିରା ଗୌଡ଼ଗୁଡା ଗ୍ରାମର ମୁକୁନ୍ଦ ମଲଲୀ (୫୩) ନାୟକଗୁଡା ପଞ୍ଚାୟତ ସଦର ମହକୁମାକୁ ଯାଉଥିବା ସମୟରେ ମାଲକାନଗିରିର ଜଣେ ଠିକାଦାର ଜୟପୁର ଅଭିମୁଖେ କାର ନମ୍ବର ଓଡ଼ି-୩୦ଏଚ-୦୦୩୦ ମହିନ୍ଦ୍ରା ଏକ୍ସୟୁଭି-୭୦୦ରେ ଯାଉଥିବା ବେଳେ ୩୨୬ ନମ୍ବର ଜାତୀୟ ରାଜପଥ ନାୟକଗୁଡା ଠାରେ ତାଙ୍କୁ ସାମ୍ନାରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ବୃଦ୍ଧା ଜଣଙ୍କ ପିଚୁ ରାସ୍ତା ଉପରେ ପଡି ଯାଇଥିଲେ। ସ୍ଥାନୀୟ ଲୋକମାନେ କାରକୁ ଅଟକ ରଖିବା ସହିତ ମୁକୁନ୍ଦକୁ ସଙ୍ଗେ ସଙ୍ଗେ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ତାଙ୍କୁ ଅଧିକ ଚିକିତ୍ସା ପାଇଁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ମୁକୁନ୍ଦର ସମ୍ପର୍କୀୟ ମାନେ ଡାକ୍ତରଙ୍କ ପରାମର୍ଶ କ୍ରମେ ସଙ୍ଗେ ସଙ୍ଗେ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପହଞ୍ଚିବା ପରେ ଡାକ୍ତର ମାନେ ଚିକିତ୍ସା କରିବା ସମୟରେ ତାଙ୍କର ମୃତ୍ୟୁ ଘଟିଛି। ମାଥିଲି ପୋଲିସ କାରଟିକୁ ଜବତ କରିଛି। ଯେଉଁଠି କାର ଦୁର୍ଘଟଣା ଘଟିଛି, ସେହି ସ୍ଥାନଟି ମାଲକାନଗିରି ଟାଉନ ଥାନାର। ସେଥିପାଇଁ ଟାଉନ ଥାନାରେ କେଶ ହେବ ଓ ଟାଉନ ଥାନା ପୋଲିସ ତଦନ୍ତ କରିବେ ବୋଲି ମାଥିଲି ଥାନା ଅଧିକାରଣୀ ଦୀପଞ୍ଜଳି ପ୍ରଧାନ ସୂଚନା ଦେଇଛନ୍ତି।

# ବିପୁଳ ମାଓ ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଜବତ

**ମାଲକାନଗିରି, ୨୩।୯ (ସମିସ):** ମାଲକାନଗିରି ଜିଲ୍ଲାରେ ମାଓବାଦୀ ଲୁଚାଇ ରଖିଥିବା ବିପୁଳ ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ କରିଛନ୍ତି ଯବାନ। ମାଲକାନଗିରି ଜିଲ୍ଲା ବଡିଗେଟା ସ୍ଥିତ ସିଓବି, ୧୪୨ ବଟାଲିଆନ୍ ବିଏସଏଫ ଏବଂ ମାଲକାନଗିରି ଡିବିଏଫ ଯବାନଙ୍କ ପକ୍ଷରୁ ଏକ ମିଳିତ ଅପରେସେନରେ ଜିଲ୍ଲାର କାଲିମେଲା ଥାନା ଅନ୍ତର୍ଗତ ଏଲକାନୁର ଏବଂ ଦୟାଲତୁଙ୍ଗି ଜଙ୍ଗଲ ଅଞ୍ଚଳରୁ ଏହି ସାମଗ୍ରୀ ଜବତ କରାଯାଇଛି। ମାଓବାଦୀମାନେ ଏହି ଅଞ୍ଚଳରେ ନିଜର ବହୁ ଅସ୍ତ୍ରଶସ୍ତ୍ର ମାଟିତଳେ ଲୁଚାଇ ରଖିଥିବା ବେଳେ ଯବାନ




ମାନେ ଏହାକୁ ଉଦ୍ଧାର କରିଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ୭ଟି ଟିଫିନ୍ ବୋମା, ଗୋଟିଏ ଇମ୍ପ୍ରୋଭାଇଜ୍ଡ ଗ୍ରେନେଡ୍, ୨୪ଟି ଜିଲେଟିନ୍ ଷ୍ଟିକ୍, ୪୦ ମିଟର କର୍ଡେକ୍ସ ତାର, ଗୋଟିଏ ଗ୍ରେନେଡ୍, ୨୨ଟି ଇଲେକ୍ଟ୍ରିକ୍ ଡେଟୋନେଟର୍, ଗୋଟିଏ ଭର୍ମର ବନ୍ଧୁକ, ୨ଟି ରିମୋଟ୍, ୫୦ଟି ୧୨ ବୋର୍ କାର୍ଟ୍ରିଜ୍ କ୍ୟାପ୍ ସହ ଅନେକ ସାମଗ୍ରୀ ରହିଛି। ମାଲକାନଗିରି ଜିଲ୍ଲାର ନକ୍ସଲ ପ୍ରଭାବିତ ଅଞ୍ଚଳରେ ମାଓ ଦମନ ନିମନ୍ତେ ଯବାନଙ୍କ ପକ୍ଷରୁ ନିରନ୍ତର ଭାବରେ ଅପରେସନ୍ ହେଉଥିବାରୁ ମାଓଗଡ ଧ୍ୱଂସ ହୋଇଥିବାରୁ ଏପରି ବଡ଼ ସଫଳତା ମିଳି ପାରିଛି।

# ସଫଳ ହେଲା ବକ୍ରପାଦ ଅସ୍ତ୍ରୋପଚାର

**ମାଲକାନଗିରି,୨୩।୯ (ସମିସ):** ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ କଟକ ଏସ୍‌ସିବି ମେଡିକାଲ ଠାରେ ବକ୍ରପାଦ ଯନ୍ତ୍ରଣାରେ ଜର୍ଜରିତ ଜଣେ ଶିଶୁଙ୍କର ଅସ୍ତ୍ରୋପଚାର ସଫଳ ହୋଇପାରିଛି। କୋରକୁଣ୍ଡା ବ୍ଲକ କ୍ଷେତ୍ରଗସ୍ତ ସମୟରେ ତମସା ଗ୍ରାମପଞ୍ଚାୟତ ତଣ୍ଡାପାଲି ଗ୍ରାମର ଶିଶୁ ଅନୁରାଗ ମାଡକାମୀଙ୍କ ବାମପାଦ ବକ୍ର ଥିବା ଦେଖିବାକୁ ପାଇଥିଲେ ଜିଲ୍ଲାପାଳ। କୋୟା ଜନଜାତିର ସାତ ବର୍ଷୀୟ ଶିଶୁ ଅନୁରାଗ ତଣ୍ଡାପାଲି ପ୍ରାଥମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର। ଅନୁରାଗଙ୍କ ବକ୍ରପାଦ ବିଷୟରେ ଅବଗତ ହେବା ପରେ ତୁରନ୍ତ ଜିଲ୍ଲାପାଳ ରାଷ୍ଟ୍ରୀୟ ବାଲ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ସମ୍ପୂର୍ଣ୍ଣ ଚିକିତ୍ସା କରାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଫାର୍ମାସିଷ୍ଟ ରଞ୍ଜନ କୁମାର ଭୂୟାଁଙ୍କ ତତ୍ତ୍ୱାବଧାନରେ ଅନୁରାଗ ଏବଂ ତାଙ୍କ ପରିବାର ସେପ୍ଟେମ୍ବର ୨୨ରେ କଟକ ଅଭିମୁଖେ ଯାତ୍ରା କରିଥିଲେ। ଆଜି କଟକ ଏସ୍‌ସିବି ମେଡିକାଲ ଠାରେ ଅନୁରାଗଙ୍କ ବକ୍ରପାଦ ଅସ୍ତ୍ରୋପଚାର ସଫଳ ହୋଇଛି ଏବଂ ଯଥାଶୀଘ୍ର ସେ ଉପଶମ ଲାଭ କରିବେ ବୋଲି ସୂଚନା ମିଳିଛି। ନିଜ ଶିଶୁ ଏକ ନୂତନ ଜୀବନ ପାଇଥିବାରୁ ଅନୁରାଗଙ୍କ ବାପା ମୁକା ମାଡ଼କାମୀ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନା ଥାଉ କି, ଅନୁରାଗଙ୍କ ବକ୍ରପାଦ ଅସ୍ତ୍ରୋପଚାର ଆରବିଏସକେୱାଇ ଯୋଜନାରେ ସଂପୂର୍ଣ୍ଣ ରୂପେ ବିନା ମୂଲ୍ୟରେ କରାଯାଇଛି। ଫଟୋ-୧୦୬



# ଲଗାଣ ବର୍ଷାରେ ୫ ଗାଁ ବିଚ୍ଛିନ୍ନ

**ମାଥିଲି,୨୩।୯ (ସମିସ):** ମାଲକାନଗିରି ଜିଲ୍ଲାରେ କିଛି ଦିନ ହେବ ବର୍ଷା ଲାଗି ରହିଛି। ଫଳରେ ଜିଲ୍ଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଆଜି ମାଥିଲି ବ୍ଲକ କର୍ତ୍ତନପାଲ୍ଲୀ ପଞ୍ଚାୟତରେ ପିଡିଏସ୍ ଚାଉଳ ବଣ୍ଟନ ହେଉଥିଲା। ପଞ୍ଚାୟତର ଲୁଲେର, କଟୁଆପଦର, ସିଙ୍ଗିଗୁଡା, ଡୁରକାଗୁଡା, ପଲକା, ସରଗିଗୁଡା, ଗୁଗାପଦର, ଦଲଦଲି ଓ ମାଟିଗୁଡା ଗ୍ରାମର ବହୁ ମହିଳା ଓ ପୁରୁଷ କର୍ତ୍ତନପାଲ୍ଲୀ ପଞ୍ଚାୟତକୁ ପିଡ଼ିଏସ ଚାଉଳ ନେବା ପାଇଁ ଆସିଥିଲେ। ଆସିବା ପରେ ଅଚାନକ ବର୍ଷା ଯୋଗୁଁ ଡାରଲୀ ନଦୀରେ ପାହାଡିଆ ପାଣି ଆସିବାରୁ ସାନଗୁମ୍ମା ଓ



ଲୁଲେର ରାସ୍ତାରେ ଥିବା ବ୍ରିଜ ଉପରେ ପାଞ୍ଚ ଫୁଟ ଉଚ୍ଚର ପାଣି ଚାଲିଥିଲା। ଫଳରେ ଲୁଲେର, କଟୁଆପଦର, ସିଙ୍ଗିଗୁଡା, ଡୁରକାଗୁଡା, ପଲକା ସରଗିଗୁଡା, ଗୁଗା ପଦର, ଦଲଦଲି ଓ ମାଟିଗୁଡା ୮ଖଣ୍ଡ ଗାଁ ସମ୍ପୂର୍ଣ୍ଣ ଭାବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଯାହା ଫଳରେ ୮ ଖଣ୍ଡ ଗାଁର ମହିଳା ଓ ପୁରୁଷ, ପଞ୍ଚାୟତ ଆସିଥିବା ଲୋକ ମାନେ ଆଉ ଗାଁକୁ ଯାଇ ପାରି ନଥିଲେ। ସମସ୍ତେ ଭୋକ ଉପାସରେ ଦିନ ତମାମ ରହି ସନ୍ଧ୍ୟାରେ ପାଣି କମିବା ପରେ ଘରକୁ ଫେରିଥିଲେ। ପ୍ରତି ବର୍ଷେ ବର୍ଷା ଦିନରେ ପାହାଡିଆ ପାଣି ଆସି ଡାରଲୀ ନଦୀ ଉପରେ ଥିବା ବ୍ରିଜ୍ ଉପରେ ବର୍ଷା ପାଣି ଚାଲିବା ଦ୍ୱାରା ୮ ଖଣ୍ଡ ଗାଁ ସମ୍ପୂର୍ଣ୍ଣ ଭାବରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଏ ବିଷୟରେ ୮ ଖଣ୍ଡ ଗାଁ ଲୋକମାନେ ବିଧାୟକ, ସାଂସଦ ଓ ପ୍ରଶାସନିକ ଅଧିକାରୀ ମାନଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କେହି ଶୁଣୁ ନଥିବା ଅଭିଯୋଗ କରିଛନ୍ତି ଏହି ଗାଁର ଲୋକ ମାନେ। ଜିଲ୍ଲା ପ୍ରଶାସନ ଗୁରୁତର ସହ ନେଇ ଏହି ବ୍ରିଜର ଉଚ୍ଚତା ବଢାଇବା ପାଇଁ ଦାବି ହେଉଛି।

# ଗଞ୍ଜେଇ ଜବତ, ଜଣେ ଗିରଫ

**କୋଷାଗୁମୁଡା,୨୩।୯ (ସମିସ):** ନବରଙ୍ଗପୁର ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ତତ୍ତ୍ୱାବଧାନରେ ବିଭାଗୀୟ କର୍ମଚାରୀମାନଙ୍କ ସହ କୋଡ଼ିଙ୍ଗା ଅବକାରୀ ଅଧିକାରୀ, ପାପଡ଼ାହାଣ୍ଡି ଅବକାରୀ ଥାନା କର୍ମଚାରୀ ସଦଳବଳେ କୋଷାଗୁମୁଡା ଥାନା ଅନ୍ତର୍ଗତ ମୋତିଗାଁରେ ଚଢ଼ଉ କରି ଧନୀରାମ କଲାର ନିକଟରୁ ୩.୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛନ୍ତି। ଆସାମୀକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ କୋଡିଙ୍ଗା ଅବକାରୀ ଥାନା ଅଧିକାରୀ ଦେଶରାଜ ସୁନା, ସହ ଉପନିରିକ୍ଷକ ହଳଧର ଜାନି, ରିସମା ସୁନା, ସୁଧାଂଶୁ ଶେଖର ବାଘ, ପ୍ରମୋଦ ବାଘ, ଅକ୍ରମ ଖାନ ଓ ରମେଶ ଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ।

# ଆଠ ଫୁଟ ଲମ୍ବର ଅଜଗର ଉଦ୍ଧାର



**ମାଲକାନଗିରି,୨୩।୯ (ସମିସ):** ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଦଳପତିଗୁଡା ପଞ୍ଚାୟତ ଅନ୍ତର୍ଗତ ଡାଇଗୁଡା ଗ୍ରାମରୁ ଉଦ୍ଧାର ହେଲା ୮ ଫୁଟ ଲମ୍ବର ଅଜଗର। ସୂଚନା ଅନୁଯାୟୀ, ଡାଇଗୁଡା ଗ୍ରାମର ଜଣେ ଚାଷୀ ନିଜର ଧାନ ବିଲରେ ସାର ଦେଉଥିବା ବେଳେ ଅଜଗର ସାପ ଉପରେ ହଠାତ ପାଦ ପଡି ଯାଇଥିଲା। ବିଲ ମଧ୍ୟରେ ସାପଟି ଲୁଚି ରହିଥିବା ବେଳେ ଚାଷୀ ସାପକୁ ଦେଖି ଭୟରେ ଚିତ୍କାର କରିଥିଲେ। ସାପଟିକୁ ଧରିବା ପାଇଁ ବନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଯୋଗାଯୋଗ କରିଥିଲେ ଗ୍ରାମବାସୀ । ଗ୍ରାମବାସୀ ସାପକୁ ସୁରକ୍ଷିତ ରୂପେ ସ୍ନେକ ହେଲ୍ପ ଲାଇନ୍‌କୁ ହସ୍ତାନ୍ତର କରିଥିବା ଜଣା ପଡିଛି।





ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା ପ୍ରତିବାଦରେ ବିଜେଡି ପକ୍ଷରୁ ବିଧାନସଭା ଘେରାଉରେ ଦଳୀୟ ନେତା

# ପୁଣି ସିନ୍ଦୂରମୁଖୀ ହେଲେ ମା’ ସମଲେଇ

ସମ୍ବଲପୁର, ୨୩।୯(ସମିସ): ପୁଣି ସିନ୍ଦୂରମୁଖୀ ହେଲେ ମା’ ସମଲେଇ। ଗତ ୨୧ ତାରିଖ, ମହାଳୟା ଅବସରରେ ମା’ ସମଲେଶ୍ୱରୀ ଧବଳମୁଖୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଏହି ବେଶରେ ମା’ଙ୍କୁ ଗତ ଅଢ଼େଇ ଦିନ ଧରି ଆଜି ମଧ୍ୟାହ୍ନ ପର୍ଯ୍ୟନ୍ତ ହଜାରହଜାର ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି। ମା’ଙ୍କ ଶୁଭ୍ର ବେଶ ଦର୍ଶନ କଲେ ଗଙ୍ଗା ଦର୍ଶନର କୋଟି ପୁଣ୍ୟ ମିଳିଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଆଜି ପୂର୍ବାହ୍ନ ୧୧ଟା ୪୫ରେ ଅନ୍ନଭୋଗ ଲାଗି କରାଯାଇଥିଲା। ଏଥିପାଇଁ ଦର୍ଶନ ବନ୍ଦ ରହିଥିଲା। ଏହାପରେ ମା’ଙ୍କୁ ପୁଣି ତାଙ୍କ ସିନ୍ଦୂରମୁଖୀ ବେଶ କରାଯାଇ ଶୃଙ୍ଗାର କରାଯାଇଛି ବୋଲି ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ କହିଛନ୍ତି। ଅପରାହ୍ଣ ୧ଟା ୪୫ରେ ଭକ୍ତଙ୍କ ଦର୍ଶନ ସକାଶେ ପୁଣି ମନ୍ଦିର ଖୋଲାଯାଇଥିଲା।



ଗତ ୧୪ ତାରିଖ ମୂଳାଷ୍ଟମୀଠାରୁ ସମଲେଶ୍ୱରୀ ମନ୍ଦିରରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ଏହା ମହାଷ୍ଟମୀ ପର୍ଯ୍ୟନ୍ତ ଚାଲିବ। ଷୋଡ଼ଶ ଉପଚାର ପୂଜା ସମୟରେ ମା’ ଷୋହଳ ଜ୍ୟୋତି ରୂପରେ ପୂଜା ପାଇବା ସହ ସ୍ୱତନ୍ତ୍ର ନୈବେଦ୍ୟ ଅର୍ପଣ କରାଯାଇଥାଏ। ପଶ୍ଚିମ ଓଡ଼ିଶାବାସୀ ମୂଳାଷ୍ଟମୀରେ ପୁଓଜିଉଁତିଆ ପାଳନ କରିଥିବା ବେଳେ ମହାଷ୍ଟମୀରେ ଭାଇଜିଉଁତିଆ ପାଳନ କରିବେ। ଶାରଦୀୟ ନବରାତ୍ରରେ ଗତ ୨୨ ତାରିଖରୁ ନବଦିନାତ୍ମକ ମାନସିକ ଦୀପ ପ୍ରଜ୍ୱଳନ ଆରମ୍ଭ ହୋଇଛି। ଏହାସହ ଶେଷ ତିନିଦିନ ଏବଂ ଦିନିକିଆ ମାନସିକ ଦୀପ ମଧ୍ୟ ପ୍ରଜ୍ୱଳନ କରାଯିବ। ଶାରଦୀୟ ଓ ବାସନ୍ତିକ ନବରାତ୍ର ସମୟରେ ଶ୍ରଦ୍ଧାଳୁ ପାରିବାରିକ ଶାନ୍ତି, ଶତ୍ରୁଭୟ ନିବାରଣ, ରୋଗଦୁଃଖରୁ ମୁକ୍ତି, ବିବାହ, ସନ୍ତାନପ୍ରାପ୍ତି ଆଦି ପାଇଁ ମାନସିକ ଦୀପ ପ୍ରଜ୍ୱଳନ କରିଥା’ନ୍ତି।

**ଖୋଲିଲା ଆଉ ୨ ଗେଟ୍**

# ହୀରାକୁଦ ଜଳସ୍ତର ୬୨୯.୮୩ ଫୁଟ୍

ସମ୍ବଲପୁର, ୨୩।୯ (ସମିସ): ଗତ ୨୧ ତାରିଖରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌ରେ ପହଞ୍ଚିଥିବା ବେଳେ ତାହାକୁ ବଜାୟ ରଖାଯାଉଛି। ଆଜି ନଦୀବନ୍ଧର ଆଉ ୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଏହାକୁ ମିଶାଇ ଏବେ ମୋଟ ୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଆଜି ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୯.୮୩ ଫୁଟ୍ ରହିଥିଲା।

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୦,୦୩୦ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୩୪,୫୬୭ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୯୮,୫୫୬ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୨୬୯ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ଦେଇ ୪,୫୦୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟାରେ ନଦୀବନ୍ଧର ଉପରମୁଣ୍ଡରେ ୪.୧୯ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୯.୦୧ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ମହାକାଳପଡ଼ା ତହସିଲଦାର

ଭୁବନେଶ୍ୱର/ମହାକାଳପଡ଼ା, ୨୩।୯(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲଦାର ଶିବପ୍ରସାଦ ମଲ୍ଲିକ ଲାଞ୍ଚ ନେଇ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଏକ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ସେ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଛନ୍ତି। ଏହାସହ ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କ ପୈତୃକ ଗାଁ ବାଘିଲୋ ଓ ତାଙ୍କ କାର୍ଯ୍ୟାଳୟରେ ମଧ୍ୟ ଚଢ଼ଉ କରିଛି।



**ଜବରଦଖଲ ଉଚ୍ଛେଦ ଅର୍ଡର ପାଇଁ ଲାଞ୍ଚ ନେଉଥିଲେ**

ସୂଚନାନୁଯାୟୀ, ଗୋଜାବନ୍ଧ ଗାଁର ପୀତାମ୍ବର ସ୍ୱାଇଁଙ୍କ ଘର ଆଗରେ ଥିବା ସରକାରୀ ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରି ରଖିଥିଲେ। ତାହାକୁ ଉଚ୍ଛେଦ କରିବା ପାଇଁ ସେ ୨୦୨୪ରେ ଆବେଦନ କରିଥିଲେ। ଆର୍‌ଆଇ ଯାଞ୍ଚ କରିବା ପରେ ତହସିଲଦାରଙ୍କୁ ଏ ସଂପର୍କିତ ଏକ ରିପୋର୍ଟ ପ୍ରଦାନ କରିଥିଲେ। କିଛି ଦୁର୍ବୃତ୍ତ ସାଧାରଣ ରାସ୍ତା ଅବରୋଧ କରି ସରକାରୀ ଜାଗା ଜବରଦଖଲ କରିଥିବା ରିପୋର୍ଟରେ ଦର୍ଶାଯାଇଥିଲା। ଏହାପରେ ମଧ୍ୟ ଜବରଦଖଲ ଉଚ୍ଛେଦ କରାନଯିବାରୁ ପୀତାମ୍ବର ତହସିଲଦାରଙ୍କୁ ଦୁଇଥର ଭେଟି ଅଭିଯୋଗ କରିଥିଲେ। ୨୦ହଜାର ଟଙ୍କା ଲାଞ୍ଚ ନଦେଲେ ଜବରଦଖଲ ଉଚ୍ଛେଦ କରାଯାଇପାରିବ ନାହିଁ ବୋଲି ତହସିଲଦାର କହିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଆଜି ପୀତାମ୍ବରଙ୍କ ଜ୍ୱାଇଁ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କଠାରୁ ତହସିଲଦାର ତାଙ୍କ ସରକାରୀ କ୍ୱାର୍ଟର୍‌ରେ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ।

# ରାଜ୍ୟରେ ଆଇଏଏସ୍, ଆଇପିଏସ୍ ମରୁଡ଼ି

ଭୁବନେଶ୍ୱର,୨୩।୯(ସମିସ): ରାଜ୍ୟରେ ଆଇଏଏସ୍ ଓ ଆଇପିଏସଙ୍କ ମରୁଡ଼ି ପଡ଼ିଛି। ମୋଟ ୧୮୨ ପୋଷ୍ଟ ଖାଲି ପଡ଼ିଛି। ରାଜ୍ୟର ବିଧାନସଭାର ପ୍ରଶ୍ନୋତ୍ତରରୁ ଏମିତି କିଛି ତଥ୍ୟ ଏବେ ସାମ୍ନାକୁ ଆସିଛି। ସୂଚନା ମୁତାବକ, ରାଜ୍ୟରେ ଏବେ ବି ୧୮୨ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫଏସ୍ ପଦବୀ ଫାଙ୍କା ପଡ଼ିଛି। ଏନେଇ ଲିଖିତ ସୂଚନା ଦେଇଛନ୍ତି ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଜେଡି ବିଧାୟକ ଅରୁଣ ସାହୁ ଏନେଇ ବିଧାନସଭାରେ ପ୍ରଶ୍ନ କରିଥିଲେ। ସେ ପଚାରିଥିଲେ ଯେ, ରାଜ୍ୟର ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫଏସ୍ ସେବାରେ ମୋଟ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା କେତେ? ଆଉ ଆଜିର ଦିନରେ କେତେ ଅଧିକାରୀଙ୍କ ପଦବୀ ଖାଲି ପଡ଼ିଛି? ଏହାର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ଆଇଏଏସଙ୍କ ସଂଖ୍ୟା ହେଉଛି ୨୪୮। କିନ୍ତୁ ତା ଭିତରୁ ଏବେ ବି ୪୫ଟି ପଦବୀ ଏବେ ବି ଫାଙ୍କା ପଡ଼ିଛି। ସେହିପରି ୧୯୫ଟି ମଞ୍ଜୁରୀପ୍ରାପ୍ତ ଆଇପିଏସ୍ ସଂଖ୍ୟା ଥିଲେ ବି, ତା ଭିତରୁ ୬୬ଟି ପଦବୀ ଫାଙ୍କା ପଡ଼ିଛି। ସେହିଭଳି ଏବେ ବି ୩୪୨ ଓଏଏସ୍ ପଦବୀ ଏବଂ ୧୪୧ ଓପିଏସ୍ ପଦବୀ ଖାଲି ପଡ଼ିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

**ଏସ୍‌ସିବି ଇତିହାସରେ ପ୍ରଥମ**

# କ୍ୟାଭରନସ୍ ଲିମ୍ଫନଜିଓମାର ସଫଳ ଅସ୍ତ୍ରୋପଚାର

କଟକ,୨୩।୯ (ସମିସ): କ୍ୟାଭରନସ୍ ଲିମ୍ଫନଜିଓମାରେ ଆକ୍ରାନ୍ତ ଜଣେ ୭ବର୍ଷର ଶିଶୁ ନୂଆ ଜୀବନ ପାଇଛି। ପ୍ରାୟ ଦୁଇ ଘଣ୍ଟାର ଅସ୍ତ୍ରୋପଚାର ଦ୍ୱାରା ଶିଶୁର ଡାହାଣପାର୍ଶ୍ୱ ଛାତିରେ ବଢ଼ି ଚାଲିଥିବା ମାଂସ ପିଣ୍ଡୁଳାକୁ କଢ଼ାଯାଇଛି। ଏହା ଏକ ବିରଳ ରୋଗ। ଏସ୍‌ସିବି ମେଡିକାଲରେ ଏଭଳି ଅସ୍ତ୍ରୋପଚାର ପ୍ରଥମ ବୋଲି ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ବିଶ୍ୱଜିତ ମିଶ୍ର କହିଛନ୍ତି। ଅସ୍ତ୍ରୋପଚାର ଦ୍ୱାରା ଆରୋଗ୍ୟଲାଭ କରିଥିବା ଶିଶୁଜଣଙ୍କ ହେଲା, ମୟୂରଭଞ୍ଜ ଜିଲ୍ଲା ରଇତଳା ଅଞ୍ଚଳର ଚିମାରି ବାରି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଏହି ଶିଶୁ କନ୍ୟାକୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆରବିଏସ୍‌କେ) ଅଧୀନରେ ସମସ୍ତ ଚିକିତ୍ସା ଯୋଗାଇ ଦିଆଯାଇଛି।



ରଇତଳା ଅଞ୍ଚଳର ରାମଚନ୍ଦ୍ର ବାରିଙ୍କ ଝିଅ ଚିମାରି। ଖୁବ୍ କମ୍ ବୟସରୁ ଶିଶୁର ଡାହାଣପଟ ଛାତିରେ ମାଂସ ପିଣ୍ଡୁଳା ବଢ଼ି ଚାଲିଥିବା ପରିବାରଲୋକେ ଦେଖିବାକୁ ପାଇଥିଲେ। ଚାଷବାସ କରି ପରିବାର ପ୍ରତିପୋଷଣ କରୁଥିବା ରାମଚନ୍ଦ୍ରଙ୍କ ପକ୍ଷେ ଚିମାରିକୁ ଉନ୍ନତ ଚିକିତ୍ସା ଯୋଗାଇବା ସମ୍ଭବପର ନଥିଲା। ଝିଅ ଛାତିରେ ମାଂସ ପିଣ୍ଡୁଳା ବଢ଼ି ଚାଲିବା ସହ କ୍ରମଶଃ କାଖର ରକ୍ତନଳୀକୁ ଏହା ମାଡ଼ି ଯାଇଥିଲା। ଆରବିଏସ୍‌କେ ସଦସ୍ୟଙ୍କ ସହଯୋଗରେ ଚିମାରିକୁ କଟକ ବଡ଼ ମେଡିକାଲକୁ ଅଣାଯାଇଥିଲା। ବିଭିନ୍ନ ପରୀକ୍ଷାନିରୀକ୍ଷା କରାଯିବା ପରେ ସେ କ୍ୟାଭରନସ୍ ଲିମ୍ଫନଜିଓମାରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ତେବେ ଚିମାରି ଥାଲାସେମିଆ ପୀଡ଼ିତ ଥିବାରୁ ତା’ର ଅସ୍ତ୍ରୋପଚାର କରିବା ଡାକ୍ତରଙ୍କ ନିମନ୍ତେ ବଡ଼ ଆହ୍ୱାନ ଥିଲା। ପ୍ଲାଷ୍ଟିକ୍ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ମିଶ୍ରଙ୍କ ନେତୃତ୍ୱରେ ୯ଜଣିଆ ଏକ ଡାକ୍ତରୀ ଦଳ ଗଠନ ହୋଇଥିଲା। ନିଶ୍ଚେତକ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଲକ୍ଷ୍ମୀକାନ୍ତ ଦାଶ ମଧ୍ୟ ରହିଥିଲେ। ଅସ୍ତ୍ରୋପଚାର ଦ୍ୱାରା ୨୨ ସେଣ୍ଟିମିଟର ଲମ୍ବ ଏବଂ ୨୦ ସେଣ୍ଟିମିଟର୍ ଚଉଡ଼ାର ଚେଷ୍ଟ୍ ୱାଲ୍ ଟ୍ୟୁମର କଢ଼ା ଯାଇଥିଲା। ଚିମାରି ଏବେ ବିପଦମୁକ୍ତ ଥିବା ବେଳେ ତାଙ୍କୁ ନିରୀକ୍ଷଣରେ ରଖାଯାଇଛି। ସେ ଖୁବ୍‌ଶୀଘ୍ର ଡିସଚାର୍ଜ ହେବେ ବୋଲି କୁହାଯାଇଛି।

**ରାଜ୍ୟ ବାର୍ କାଉନସିଲ କର୍ପସ ଫଣ୍ଡ ନିୟମାବଳୀକୁ ବେଆଇନ ଘୋଷଣା ପାଇଁ ମାମଲା**

# ଆପୋସ ଆଲୋଚନାରେ ସମାଧାନ ପାଇଁ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

କଟକ,୨୩।୯(ସମିସ): ରାଜ୍ୟ ବାର କାଉନସିଲ କର୍ପସ ଫଣ୍ଡ ରୁଲ-୨୦୨୦କୁ ବେଆଇନ ଘୋଷଣା ପାଇଁ ପ୍ରାର୍ଥନା କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଏହି ମାମଲାର ପ୍ରାରମ୍ଭିକ ଶୁଣାଣି କରି ଆପୋସ ଆଲୋଚନା ଜରିଆରେ ଉଭୟପକ୍ଷ ଏହାର ସମାଧାନ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରି ଅନ୍ତରୀଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଇନଜୀବୀ କବିରାଜ ପ୍ରଧାନ ଓ ବିପ୍ଲବ ଶିଳାଦିତ୍ୟଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୭କୁ ଧାର୍ଯ୍ୟ ହୋଇଛି।

ଆବେଦନକାରୀ ଦର୍ଶାଇଛନ୍ତି ଯେ ଉପରୋକ୍ତ ନିୟମାବଳୀ ପ୍ରଣୟନ କରିବା କ୍ଷମତା ରାଜ୍ୟ ବାର୍ କାଉନସିଲର ନାହିଁ। ବେଆଇନ ଭାବେ ଏହି ନିୟମାବଳୀ କରାଯାଇଛି। ଏଥିସହ ନିୟମାବଳୀ ଆଧାରରେ ଓକିଲାତିନାମାରେ ୧୦୦ଟଙ୍କାର ଷ୍ଟାମ୍ପକୁ ବାଧ୍ୟତାମୂଳକ କରିବା ଆଇନସମ୍ମତ ନୁହେଁ। ଏହା ଯୁବ ଆଇନଜୀବୀମାନଙ୍କ ଉପରେ ଆର୍ଥିକ ବୋଝ ସଦୃଶ ଏବଂ ଜନସାଧାରଣଙ୍କ ପାଇଁ ଆଇନସେବା ମଧ୍ୟ ପ୍ରଭାବିତ ହେବା ଆଶଙ୍କା ରହିଥିବା ଆବେଦନରେ ଅଭିଯୋଗ କରାଯାଇଛି। ସେହିଭଳି ଏହି ନିୟମ ଅନୁପାଳନ ନ କରିବା କ୍ଷେତ୍ରରେ ଆଇନଜୀବୀ ଓ ବାର୍ ଆସୋସିଏସନଗୁଡ଼ିକ ପାଇଁ କରାଯାଇଥିବା ଦଣ୍ଡ ବ୍ୟବସ୍ଥା ବେଆଇନ ବୋଲି ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜଗବନ୍ଧୁ ସାହୁ, ଦୁର୍ଗାପ୍ରସାଦ ନନ୍ଦ, ସମୀର କୁମାର ମିଶ୍ର ଓ ଦିପକ କୁମାର ମହାପାତ୍ର ପ୍ରମୁଖ ଯୁକ୍ତି ଉପସ୍ଥାପନ କରିଥିଲେ। ମାମଲା ପରିଚାଳନାରେ ଆଇନଜୀବୀ ରୋମିତ ପାଣିଗ୍ରାହୀ, ସ୍ୱରାଜ ଓ ଦୀପ୍ତାଂଶୁ ନନ୍ଦ ସହାୟତା କରୁଛନ୍ତି। ଏହି ମାମଲାରେ ରାଜ୍ୟ ବାର୍ କାଉନସିଲ ସମେତ ବିଭିନ୍ନ ବାର ଆସୋସିଏସନକୁ ପକ୍ଷଭୁକ୍ତ କରାଯାଇଛି।

**■ ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ**

# ପୁରୀ ‘ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ’ ପରିଚାଳନା ଭାର ସରକାର ନିଅନ୍ତୁ

ଭୁବନେଶ୍ୱର, ୨୩।୯ (ସମିସ): ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ‘ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ’ର ପରିଚାଳନା ଦାୟିତ୍ୱ ଓଡ଼ିଶା ସରକାର ନେବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖିଛନ୍ତି। ମଙ୍ଗଳବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି ଯେ ଶ୍ରୀମନ୍ଦିର ପରିସରରେ ଥିବା ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ ଏକ ପ୍ରାଚୀନ ଅନୁଷ୍ଠାନ। ସାଂସ୍କୃତିକ ଏବଂ ଐତିହାସିକ ଦୃଷ୍ଟିରୁ ଏହାର ଗୁରୁତ୍ୱ ରହିଛି। ତତ୍କାଳୀନ ଗଜପତି ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନରେ ସେବାୟତଙ୍କ ପିଲାଙ୍କୁ ସଂସ୍କୃତ ଶିକ୍ଷା, ବୈଦିକ ଶିକ୍ଷା ଏବଂ କର୍ମକାଣ୍ଡ ପ୍ରଶିକ୍ଷଣ ପ୍ରଦାନ କରୁଛି। ପୂଜା ପଣ୍ଡା ନିଯୋଗ ଦ୍ୱାରା ପରିଚାଳିତ ଏହି ସହାୟତାପ୍ରାପ୍ତ ବିଦ୍ୟାଳୟ ନାମରେ ଏକ ସ୍ଥାୟୀ ରେକର୍ଡ ଅଫ୍ ରାଇଟ୍ସ ମଧ୍ୟ ରହିଛି। ପାରମ୍ପରିକ ଜ୍ଞାନର ସଂରକ୍ଷଣ ସହ ପ୍ରଚାରପ୍ରସାର କରିବା, ଆଧ୍ୟାତ୍ମିକ କାର୍ଯ୍ୟ ପାଇଁ ଏକ ମାଧ୍ୟମ ଭାବରେ ସଂସ୍କୃତକୁ ପ୍ରୋତ୍ସାହିତ କରିବା ଏବଂ ଶ୍ରୀଜଗନ୍ନାଥ ମନ୍ଦିରର ସାଂସ୍କୃତିକ ଏବଂ ଧାର୍ମିକ ଐତିହ୍ୟକୁ ସୁରକ୍ଷା ଦେବା ବିଦ୍ୟାଳୟର ମୂଳ ଲକ୍ଷ୍ୟ। ଏଣୁ, ବିଦ୍ୟାଳୟର ସମ୍ପୂର୍ଣ୍ଣ ପରିଚାଳନା ଏବଂ ପ୍ରଶାସନିକ ଭାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଅଧୀନକୁ ଆଣିବା ପାଇଁ ଶ୍ରୀଜଗନ୍ନାଥମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। ଏହାଦ୍ୱାରା ବିଦ୍ୟାଳୟର ବିକାଶ ସୁନିଶ୍ଚିତ ହେବା ସହ ଶ୍ରୀଜଗନ୍ନାଥ ସଂସ୍କୃତିର ଗୌରବମୟ ଐତିହ୍ୟକୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷଣ ହୋଇପାରିବ ବୋଲି ସେ ଉଲ୍ଲେଖ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୃହରେ ବିରୋଧ...

କଂଗ୍ରେସ ସଭ୍ୟ ଅନାସ୍ଥା ସଂକ୍ରାନ୍ତରେ ବାଚସ୍ପତି ପକ୍ଷପାତ କରୁଥିବା ଅଭିଯୋଗ କରି ଗୃହରେ ନାରାବାଜି କରିଥିଲେ। ବାଚସ୍ପତି ଗୃହକୁ ମୁଲତବୀ ରଖି ସର୍ବଦଳୀୟ ବୈଠକ ଡକାଇଥିଲେ ହେଁ ଏଥିରୁ କୌଣସି ସୁଫଳ ବାହାରି ପାରିନଥିଲା। ଉଭୟ ବିଜେଡି ଓ କଂଗ୍ରେସ କକ୍ଷତ୍ୟାଗ କରିଥିଲେ। ବିଜେଡି ସଦସ୍ୟମାନେ ବିଧାନସଭା ପରିସର ।।ରେ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲେ। ବିନା ବିରୋଧୀଙ୍କ ଉପସ୍ଥିତିରେ ସଂକଳ୍ପ ଆଲୋଚନା ହୋଇ ଗୃହୀତ ହୋଇଥିବା ବେଳେ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଧେୟକ ମଧ୍ୟ ପାରିତ ହୋଇଛି।

ଗୃହ ବାହାରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ମହାତ୍ମା ଗାନ୍ଧୀ କହିଥିଲେ ଭାରତବର୍ଷର ଆତ୍ମା ଗାଁରେ ଅଛି। ଭାରତବର୍ଷର ଉନ୍ନତି କରିବାକୁ ହେଲେ ଗାଁ ଲୋକଙ୍କ ହାତକୁ କ୍ଷମତା ଦିଆଯିବା ଦରକାର। ଯାହାକୁ ଦେଶ ସ୍ୱାଧୀନ ପରେ ସମ୍ବିଧାନରେ ସେହି ବ୍ୟବସ୍ଥା କରାଯାଇଥିଲା। ୭୩ତମ ସମ୍ବିଧାନ ସଂଶୋଧନରେ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କରାଯାଇଥିଲା। ୱାର୍ଡ ମେମ୍ବରଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଯାଏଁ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇଥିଲା। ବିଜେପି ସରକାର କ୍ଷମତାକୁ ଆସିବା ପରେ ଜନ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରିବାରେ ଲାଗିଛନ୍ତି। ଅର୍ଥାତ୍ ଜନତାଙ୍କ କ୍ଷମତାକୁ ସଙ୍କୁଚିତ କରୁଛନ୍ତି। ଏହି ବ୍ୟବସ୍ଥା ଗଣତନ୍ତ୍ରର ତଣ୍ଟିଚିପିବା ପାଇଁ ଚକ୍ରାନ୍ତ। ପ୍ରଚଳିତ ବ୍ୟବସ୍ଥାକୁ ମୋଡ଼ିମକଚି ବାବୁରାଜ ଚଳାଇବା ପାଇଁ ମସୁଧା ଚାଲିଛି। ନିଜ ଦଳର କୁଜି ନେତାଙ୍କୁ ସଂରକ୍ଷଣ ଦେବା ପାଇଁ ସରକାର ଏହି ନୂଆ ବ୍ୟବସ୍ଥା ତିଆରି କରୁଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି।

### ସରକାରଙ୍କ ବିରୋଧରେ...

ଦଳର ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ନାରାବାଜି କରିବାକୁ ବାଚସ୍ପତି ବାରମ୍ବାର ଗୃହକୁ ମୁଲତବୀ କରିଥିଲେ। ଶେଷରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ହେଁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଦଳର ଅନାସ୍ଥା ନୋଟିସ ଗ୍ରହଣ ନିମନ୍ତେ ଅଡ଼ି ବସିଥିଲେ। ୫ ଟା ୨୦ରେ ବାଚସ୍ପତି ଗୃହ କାର୍ଯ୍ୟ ଆରମ୍ଭ କରିବା ପରେ ମଧ୍ୟ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରିବା ସହ କୃଷି ମାରଣ ନୀତି ଓ ମହିଳା ହିଂସା ଆଦି ପ୍ରସଙ୍ଗରେ ହୋହଲ୍ଲା କରି ଗୃହତ୍ୟାଗ କରିଥିଲେ।

### ବିଜେଡିର ରଣହୁଙ୍କାର...

ରଖିଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସ କରିବା ପ୍ରତିବାଦରେ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାର କ୍ଷମତା ସଙ୍କୁଚିତ କରି ରାଜ୍ୟରେ ବାବୁରାଜ ସୃଷ୍ଟି କରିଛନ୍ତି। ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟ କ୍ଷମତା ଚୋରି ସହିତ ସମାନ। ପୂର୍ବରୁ ବ୍ଲକରେ ହେଉଥିବା ଉନ୍ନୟନ କାର୍ଯ୍ୟର ବିଲ୍ ପରିମାଣ ଦୁଇ ଲକ୍ଷ ପର୍ଯ୍ୟନ୍ତ ବିଡିଓଙ୍କ ପାସ୍ କରିବାର କ୍ଷମତା ଥିଲା। ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ବିଲ୍ ପାସ କରିବା ନିମନ୍ତେ ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କ ଦସ୍ତଖତ ଆବଶ୍ୟକ ହେଉଥିଲା । କିନ୍ତୁ ରାଜ୍ୟ ସରକାର ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିବା ଲକ୍ଷ୍ୟରେ ବିଡିଓଙ୍କ ବିଲ୍ ପାସ କରିବାର କ୍ଷମତା ଦୁଇ ଲକ୍ଷରୁ ଦଶ ଲକ୍ଷକୁ ବୃଦ୍ଧି କରିଛନ୍ତି। ଏହା ନିର୍ବାଚିତ ପ୍ରତିନିଧି ମାନଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ଏକ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛି ବିଜେଡି। ସେହିପରି ପୂର୍ବ ସରକାରଙ୍କ ଲୋକପ୍ରିୟ ଯୋଜନା ଆମ ଓଡ଼ିଶା ନବୀନ ଓଡ଼ିଶାର ନାମ ପରିବର୍ତ୍ତନ କରି ‘ବିକଶିତ ଗାଁ ବିକଶିତ ଓଡ଼ିଶା’ କରାଯାଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବାର ନିୟମରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ପୂର୍ବରୁ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିବା ବେଳେ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଏହି ପରିମାଣକୁ ମାତ୍ର ୭/୮ ଲକ୍ଷକୁ କମାଇ ଦିଆଯାଇଛି। ନୂତନ ନିୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଗ୍ରାମସଭା ଓ ପଞ୍ଚାୟତ ସମିତିର କ୍ଷମତାକୁ ଗୌଣ କରିବାକୁ ଉଦ୍ୟମ କରାଯାଇଛି। ରାଜ୍ୟ ବିଜେପି ସରକାରଙ୍କ ଏସବୁ ପଦକ୍ଷେପ କେବଳ ତୃଣମୂଳ ସ୍ତରରେ ଥିବା ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତା ସଙ୍କୁଚିତ କରି ନିଜ ଦଳୀୟ କର୍ମୀ ଓ ନେତାଙ୍କ ପକେଟ୍‌କୁ ଗରମ କରିବା ପାଇଁ ଏକ ସୁଚିନ୍ତିତ ଘୃଣ୍ୟ ଉଦ୍ୟମ ବୋଲି ନେତାମାନେ କହିଛନ୍ତି। ପ୍ରତିବାଦ ସଭା ପରେ ହଜାର ହଜାର ଆନ୍ଦୋଳନକାରୀ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ବ୍ୟାରିକେଡକୁ ଭାଙ୍ଗି ବିଧାନସଭା ଆଡକୁ ଅଗ୍ରସର ହେବାକୁ ଉଦ୍ୟମ କରୁଥିବା ବେଳେ ପ୍ରଶାସନ ପକ୍ଷରୁ ପାଣି ମାଡ କରାଯାଇଥିଲା। ଏଥିରେ ଦଳର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା ଓ ଅନେକ କର୍ମୀ ଆହତ ହୋଇଛନ୍ତି। ସେହିପରି ଶହଶହ କର୍ମୀଙ୍କୁ ପୁଲିସ ଗିରଫ କରିଛି ।

ଘେରାଉ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତନୁ ସବ୍ୟସାଚୀ ନାୟକ, ପ୍ରମିଳା ମଲ୍ଲିକ, ଅରୁଣ ସାହୁ, ସୁଦାମ ମାରାଣ୍ଡି, ଟୁକୁନି ସାହୁ, ପ୍ରଦୀପ ଅମାତ, ବଦ୍ରି ନାରାୟଣ ପାତ୍ର, ପ୍ରଫୁଲ୍ଲ ସାମଲ, ଅଶୋକ ପଣ୍ଡା, ଚିରଞ୍ଜିବୀ ବିଶ୍ୱାଳ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ସୁଲୋଚନା ଦାସ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ଗୌତମବୁଦ୍ଧ ଦାସ, ସ୍ନେହାଙ୍ଗିନୀ ଛୁରିଆ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ବିଜୟ ନାୟକ, ଭୃଗୁ ବକ୍ସିପାତ୍ର, ପ୍ରୀତିରଞ୍ଜନ ଘଡାଇ, ପ୍ରଫୁଲ୍ଲ ସିଂ, ବିକ୍ରମ ପଣ୍ଡା, ଉମାକାନ୍ତ ସାମନ୍ତରାୟ, ଧ୍ରୁବ ଚରଣ ସାହୁ, ସୁବାସ ସିଂ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସାରଦା ଜେନା, ପ୍ରଶାନ୍ତ ମୁଦୁଲି, ସୁଲତା ଦେଓ, ସୁବାଶିଷ ଖୁଣ୍ଟିଆ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ, ମନ୍ମଥ ରାଉତରାୟ, ବର୍ଷା ସିଂ ବରିହା, ଲୋପାମୁଦ୍ରା ବକ୍ସିପାତ୍ର, ପ୍ରଦୀପ ସାହୁ, ଗଣେଶ୍ୱର ବେହେରା, ରବୀନ୍ଦ୍ର ଜେନା, ସୁବାସିନୀ ଜେନା, ଅମରେଶ ପତ୍ରି, ନଳିନୀ ପ୍ରଧାନ, ବ୍ରଜ ପ୍ରଧାନ, ତୁଷାରକାନ୍ତି ବେହେରା, ବିଶ୍ୱରଂଜନ ମଲ୍ଲିକ, ଅଭିମନ୍ୟୁ ସେଠୀ, ନବକିଶୋର ମଲ୍ଲିକ, ସାରଦା ନାୟକ, ମନୋରମା ମହାନ୍ତି, ପ୍ରମୋଦ ମଲ୍ଲିକ, ସଞ୍ଜୀବ ମଲ୍ଲିକ, ରମେଶ ବେହେରା, ରୋମାଞ୍ଚ ରଂଜନ ବିଶ୍ୱାଳ, ସୌଭିକ ବିଶ୍ୱାଳ, ସୁନିଲ ମହାନ୍ତି, ଝିନ୍ନ ହିକକା, ମାଧବ ଧଡା, ସୁଦର୍ଶନ ହରିପାଲ, ସୁଜାତା ସାହୁ, ରମାକାନ୍ତ ଭୋଇ, ଅଳକା ମହାନ୍ତି, ରୀତା ସାହୁ, ଅରବିନ୍ଦ ମହାପାତ୍ର, ରୂପେଶ ପାଣିଗ୍ରାହୀ, ପ୍ରଶାନ୍ତ ବେହେରା, ଦୀପାଳି ଦାସ, ମୁକ୍ତିକାନ୍ତ ମଣ୍ଡଳ, ମଂଜୁଲତା ମଣ୍ଡଳ, ନୃସିଂହ ସାହୁ, ଅବିନାଶ ସାମଲ, ସରୋଜ ମେହେର, ଜଗନ୍ନାଥ ସାରକା, ମହେଶ ସାହୁ, ଲତିକା ପ୍ରଧାନ, ରଞ୍ଜିତା ସାହୁ, ସୁଧୀର ସାମଲ, ରୁଦ୍ର ମହାରଥୀ, ମାନସ ମାଡକାମୀ, କୌଶଲ୍ୟ ହିକ୍କାକା, ରବିନାରାୟଣ ନନ୍ଦ, ଶ୍ରୀକାନ୍ତ ସାହୁ, ସୁମିତ୍ରା ଜେନା, ମୀନତୀ ବେହେରା, କସ୍ତୁରୀ ମହାପାତ୍ର, ଗୀତାଞ୍ଜଳି ବସ୍ତିଆ, ସୁବାସ ବେହେରା, ମଞ୍ଜୁଳା ସ୍ୱାଇଁ, ସୂର୍ଯ୍ୟମଣି ବୈଦ୍ୟ, ପ୍ରଫୁଲ୍ଲ ପାଙ୍ଗୀ, ପ୍ରଭୁ ଜାନି, ପଦ୍ମିନୀ ଦିଆନ, ଲକ୍ଷ୍ମୀପ୍ରିୟା ନାୟକ, ସୁକାନ୍ତ ନାୟକ, ସ୍ୱରୂପ କୁମାର ଦାସ, ରାଜେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସନ୍ଦୀପ ଷଡଙ୍ଗୀ, କୈଳାଶ ପାତ୍ର, ସୁବ୍ରତ ଛାଟୋଇ, ସଦାଶିବ ପ୍ରଧାନ, ସାଲୁଗା ପ୍ରଧାନୀ, ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ରିଜୁଆନା ବେଗମ, ସାନନ୍ଦ ମାରାଣ୍ଡି, ଦେବାଶିଷ ମାରାଣ୍ଡି, ରାଜକିଶୋର ଦାସଙ୍କ ସହ ୩୦ ଜିଲ୍ଲାର ଜିଲ୍ଲା ପରିଷଦ ସଭାପତି ଓ ଉପସଭାପତି, ୧୫୦ ଉଦ୍ଧ୍ୱର୍ ବ୍ଲକର ଅଧ୍ୟକ୍ଷ/ଉପାଧ୍ୟକ୍ଷ, ବିଭିନ୍ନ ପ୍ରତିନିଧିମଣ୍ଡଳୀ ଯଥା, ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ସଂଗଠନର ପ୍ରତିନିଧି, ହଜାର ହଜାର ବିଜେଡିର ଯୁବ ଓ ଛାତ୍ର ନେତାମାନଙ୍କ ସହ ୩୦ ହଜାରରୁ ଉଦ୍ଧ୍ୱର୍ କର୍ମୀ ସାମିଲ ଥିଲେ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୬୧- ସ୍ୱାଧୀନତା ସଂଗ୍ରାମୀ ମାଡାମ୍ ଭିକାଜୀ କାମାଙ୍କ ଜନ୍ମ।
- ୧୯୪୮ - ହୋଣ୍ଡା ମୋଟର କମ୍ପାନିର ସ୍ଥାପନା।
- ୧୯୬୮ - ସ୍ୱାଜିଲ୍ୟାଣ୍ଡ ମିଳିତ ଜାତିସଂଘରେ ସାମିଲ ହେଲା।
- ୧୯୭୮ - ପୂର୍ବ ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।
- ୨୦୧୩- ପାକିସ୍ତାନର ବେଲୁଚିସ୍ତାନରେ ୭.୭ ତୀବ୍ରତାର ଭୂମିକମ୍ପ ଆସିବାରୁ ୫୧୫ ଲୋକଙ୍କ ପ୍ରାଣହାନି।



# ପ୍ରଭାସଙ୍କ 'ଫୌଜି'ରେ ଅଭିଷେକଙ୍କ ଏଣ୍ଟ୍ରି

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଆଗାମୀ ଫିଲ୍ମ 'ଫୌଜି'କୁ ନେଇ ଏବେ ଏକ ଖବର ଆସିଛି। ହନୁ ରାଘବପୁଡ଼ିଙ୍କ ନିର୍ଦ୍ଦେଶିତ ଆକ୍ସନ୍- ଡାମ୍ରା ଭିତ୍ତିକ ଏହି ଫିଲ୍ମଟି ଆହୁରି ଅଧିକ ଆକର୍ଷଣୀୟ ହେବାକୁ ଯାଉଛି। କାରଣ ଏଥିରେ ଏବେ ପ୍ରଭାସଙ୍କ ସହ ଅଭିଷେକ ବଚ୍ଚନ ନଜର ଆସିବେ। ଯଦି ସବୁକିଛି ଫାଇନାଲ ହୋଇଯାଏ ତେବେ ତେଲୁଗୁ ଇଣ୍ଡଷ୍ଟ୍ରୀରେ ଅଭିଷେକଙ୍କ ଏହା ଡେବ୍ୟୁ ଫିଲ୍ମ ହେବ। ଅଗଷ୍ଟରେ ଏହାର ସୁଟିଂ ସେଟ୍‌ରୁ ଏକ ଫଟୋ ଲିକ୍ ହେବା ପରେ ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ିଯାଇଥିଲା। ପ୍ରଭାସ ଏବେ ଫିଲ୍ମର ସୁଟିଂରେ ବ୍ୟସ୍ତ ଥିବାବେଳେ ଖୁବ୍‌ଶୀଘ୍ର ତାଙ୍କ ସହ ଅଭିଷେକ ଯୋଗ ଦେବେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଏକ ରୋମାଣ୍ଟିକ୍ କାହାଣୀ ଉପରେ ଫିଲ୍ମଟି ନିର୍ମାଣ କରାଯାଇଛି। ଏଥିରେ ପ୍ରଭାସ ଜଣେ ସୈନିକ ଭାବେ ଦେଖାଯିବେ। ଫିଲ୍ମର ବଜେଟ୍ ୪୦୦ କୋଟି ରହିଛି। ପ୍ରଭାସଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ 'କଲ୍‌କୀ ୨୮୯୮ ଏଡି' ଫିଲ୍ମରେ ଦେଖାଯାଇଥିଲେ। ପ୍ରଭାସ ଆଗାମୀ ଦିନରେ 'ଦ ସ୍ପିରିଟ୍', 'ଦ ରାଜା ସାବ୍', 'କଲ୍‌କୀ ୨୮୯୮ ଏଡି ପାର୍ଟ ୨', 'ସାଲାର୍ ପାର୍ଟ ୨' ଭଳି ଫିଲ୍ମରେ ନଜର ଆସିବେ।

# କ୍ୟୁଆର୍ କୋଡ୍ ଦେଖାଇ ମାଗୁଛନ୍ତି ଭିକ



ସାଧାରଣତଃ ରାସ୍ତାଘାଟ, ମନ୍ଦିର, ରେଳ ଷ୍ଟେସନରେ ଭିକାରିଙ୍କୁ ଭିକ ମାଗୁଥିବାର ଦେଖିବାକୁ ମିଳିଥାଏ। ହେଲେ ଏବେ ଲୋକେ ଅନଲାଇନ୍‌ରେ ଭିକ ମାଗୁଛନ୍ତି। ସାମାଜିକ ଗଣମାଧ୍ୟମରେ ଏବେ ଜଣେ ବ୍ୟକ୍ତି ସଭିଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ସେ ରାସ୍ତାରେ ନୁହେଁ, ବରଂ ୟୁଟ୍ୟୁବ୍‌ରେ ଲାଇଭ୍ ଆସି ଭିକ ମାଗନ୍ତି। ଏହି ବ୍ୟକ୍ତି ଜଣକ ହେଲେ ଗୌତମ ସୂର୍ଯ୍ୟା। ତାଙ୍କ ଚ୍ୟାନେଲର ନାଁ ହେଉଛି ଗୋବିନ୍ଦସୂର୍ଯ୍ୟା୩୬୦। ଆଶ୍ଚର୍ଯ୍ୟର କଥା ହେଉଛି, ତାଙ୍କର ୫ ଲକ୍ଷ ସବ୍‌ସ୍କ୍ରାଇବର ଅଛନ୍ତି। ସେ ଏହି ଚ୍ୟାନେଲରେ ୩.୮ ହଜାର ଭିଡିଓ ସେୟାର୍ କରିଛନ୍ତି। ଗୋବିନ୍ଦ ସୂର୍ଯ୍ୟା ନିୟମିତ ୩ରୁ ୪ ଘଣ୍ଟା ଲାଇଭ୍ ଆସି ୨ରୁ ୩ଟି କ୍ୟୁଆର୍ କୋଡ୍ ଦ୍ୱାରା ଟଙ୍କା ମାଗନ୍ତି। ସେହିପରି ଯେତେବେଳେ ସେ ଲାଇଭ୍ ଆସନ୍ତି, ୧୦ ହଜାରରୁ ଅଧିକ ଲୋକ ତାଙ୍କ ସହ ଯୋଡ଼ି ହୋଇଯାଆନ୍ତି। ଲାଇଭ୍ ଦେଖିବା ସମୟରେ ଲୋକେ ତାଙ୍କୁ କ୍ୟୁଆର୍ କୋଡ୍ ମାଧ୍ୟମରେ ଏକ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିଥାନ୍ତି। ଅଧିକାଂଶ ଲୋକ ତାଙ୍କୁ ଟଙ୍କାଟିଏ ପଠାନ୍ତି। ସେହିପରି କୌଣସି ବ୍ୟକ୍ତି ପେମେଣ୍ଟ କଲେ ତାଙ୍କ ନାଁ ନେଇ ସେ ତାଙ୍କୁ ଧନ୍ୟବାଦ ଦିଅନ୍ତି। ତାଙ୍କର ଗୋଟିଏ ଭିଡିଓକୁ ୨.୭ କୋଟି ଲୋକେ ଦେଖିଛନ୍ତି। କେବଳ ସେତିକି ନୁହେଁ, ଗୋଟିଏ ଦିନରେ କିଭଳି ସୁପରଚାଟ୍‌ରୁ ୧୦ ହଜାର ଟଙ୍କା ରୋଜଗାର ହୋଇଯାଏ, ସେକଥା ବି ସେ ଭିଡିଓରେ ଦେଖାଇଛନ୍ତି। ଏହାବାଦ୍ ସେ ତାଙ୍କ ସଂଘର୍ଷ କାହାଣୀ ମଧ୍ୟ ସେୟାର୍ କରନ୍ତି। ଦୁଇ, ତିନି ବର୍ଷ ପର୍ଯ୍ୟନ୍ତ ଯେତେବେଳେ ତାଙ୍କ ପାଖରେ କାମ ନ ଥିଲା, ତାଙ୍କୁ ବହୁତ କଷ୍ଟରେ ରହିବାକୁ ପଡୁଥିବା ବୋଲି ସେ କହିଛନ୍ତି। ସେ ଯୁବାବସ୍ଥାରେ ଥିବାବେଳେ ଘରେ ରୋଜଗାରଶୂନ୍ୟ ହୋଇ ବସିଥିଲେ। ତାଙ୍କ ବାପା ବିଳମ୍ବିତ ରାତ୍ରୀରେ କାମ କରି ଘରକୁ ଫେରୁଥିବାର ଦେଖି ସେ ଏଭଳି ନିଷ୍ପତ୍ତି ନେଇଥିବା ଗୌତମ ସୂର୍ଯ୍ୟା କହିଛନ୍ତି। ଅନେକ ଭିଡିଓରେ ସେ ଲୋକଙ୍କୁ ସାହାଯ୍ୟ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଏହିପ୍ରକାରେ ଏହି ଅନ୍‌ଲାଇନ୍ ଭିକାରି ଜଣକ ନିଜ ଅନ୍‌ଲାଇନ୍ ଉପସ୍ଥିତିରେ କେବଳ ଲକ୍ଷାଧିକ ଫଲୋଅର୍ସଙ୍କୁ ଯୋଡ଼ି ନାହାନ୍ତି, ବରଂ ମାସକୁ ଭଲ ରୋଜଗାର ମଧ୍ୟ କରୁଛନ୍ତି। ଅନ୍ୟପଟେ ଏହା ଉପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# ରିଲ୍ସ ବିୟୁଟି ଟ୍ରିକ୍‌ରେ ବିଗୁଡ଼ୁଛି ଜେନ୍ ଜେଡ୍‌ଙ୍କ ସ୍ୱାସ୍ଥ୍ୟ

ସାମାଜିକ ଗଣମାଧ୍ୟମରେ ଏବେ ଭଳିକି ଭଳି ସୌନ୍ଦର୍ଯ୍ୟ ଉପଚାରଗୁଡ଼ିକ ବେଶ୍ ଭାଇରାଲ ହେଉଛି। ବିଶେଷକରି ଯୁବପିଢ଼ି ଏହାକୁ ଅଧିକ ଅନୁସରଣ କରୁଥିବାର ଦେଖାଯାଉଛି। ହେଲେ ଏହାକୁ ଅନୁସରଣ କରି ଅନେକ ଯୁବକଯୁବତୀ ସେମାନଙ୍କ ତ୍ୱଚାକୁ ଖରାପ କରୁଛନ୍ତି। ଲୋକପ୍ରିୟ ଚର୍ମ ବିଶେଷଜ୍ଞ ସ୍ୟାଣ୍ଡି ସ୍କଟନିକି ଚେତାବନୀ ଦେଇଛନ୍ତି ଯେ, ଟିକ୍‌ଟକ୍‌ରେ ପ୍ରସାରିତ ଏହି ଟ୍ରେଣ୍ଡ ସ୍ୱାସ୍ଥ୍ୟ ଲାଗି କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ବିଶେଷକରି ଜେନ୍ ଜେଡ୍‌ଙ୍କୁ 'ଇନଫ୍ଲୁଏନସର ଇମଫ୍ଲାମେସନ' ନାମକ ତ୍ୱଚା ସମସ୍ୟାକୁ ସାମ୍ନା କରିବାକୁ ପଡ଼ିପାରେ। ଡା. ସ୍କଟନିକିଙ୍କ ଅନୁସାରେ, ଅନେକ ଯୁବକ ଯୁବତୀ କିଛି ନ ବୁଝି ଟିକ୍‌ଟକ୍‌ରେ ଦେଖାଯାଉଥିବା ଜିନିଷକୁ ଲଗାଇଥାନ୍ତି। ଏସବୁ ଜିନିଷରେ ମୁଖ୍ୟତଃ ଗ୍ଲାଇକୋଲିକ୍ ଏସିଡ୍, ଭିଟାମିନ୍ ସି, ନିଆସିନାମାଇଡ୍ ଏବଂ ରେଟିନୋଲ ଭଳି ତତ୍ତ୍ୱ ଥାଏ। ଏହାକୁ ଯେତେବେଳେ ଏକକାଳୀନ ଅଧିକ ମାତ୍ରାରେ ବ୍ୟବହାର କରାଯାଏ ତ୍ୱଚାରେ ପୋଡ଼ାଜଳା, ଲାଲ୍ ଦେଖାଯିବା ଏବଂ ତ୍ୱଚା ଫୁଲିଯିବା ଭଳି ସମସ୍ୟା ଦେଖା ଦିଏ। ତେବେ ଏକ ରିପୋର୍ଟ ଅନୁସାରେ, ସବୁଠୁ ଅଧିକ ମାମଲା ୧୮ ରୁ ୩୦ ବର୍ଷ ବୟସ ଯୁବତୀଙ୍କଠାରେ ଦେଖିବାକୁ ମିଳୁଛି। ସେହିପରି ଯୁବକମାନେ ବି ଏଭଳି ସୌନ୍ଦର୍ଯ୍ୟ ଉପଚାରକୁ ଅନୁସରଣ କରି ସେହି ସମାନ ସମସ୍ୟାକୁ ସାମ୍ନା କରୁଛନ୍ତି। ମଜାଦାର କଥା ହେଉଛି ଅଧିକାଂଶ ଲୋକ ଭାବୁଛନ୍ତି, ସେମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ ହୋଇଯାଇଛି। ହେଲେ ଏହାର ଅସଲ କାରଣ ହେଉଛି ଆବଶ୍ୟକତାଠୁ ଅଧିକ ଜିନିଷ ବ୍ୟବହାର କରିବା। ତେବେ ଡାକ୍ତରଙ୍କ କହିବା କଥା, ନୂଆ ଜିନିଷକୁ ତ୍ୱଚାରେ ବ୍ୟବହାର କରିବା ପୂର୍ବରୁ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରି। ସୋସିଆଲ ମିଡିଆରେ ତ୍ୱଚାରେ ଚମକ ଆଣିବା ପାଇଁ ଉଦ୍ଦିଷ୍ଟ ଭିଡିଓଗୁଡ଼ିକ ଏହାକୁ ଅଧିକ କ୍ଷତି ପହଞ୍ଚାଇପାରେ। ତେଣୁ କୌଣସି ଭାଇରାଲ ସୌନ୍ଦର୍ଯ୍ୟ ଉପଚାରକୁ ତୁରନ୍ତ ଅନୁସରଣ କରିବା ଅନୁଚିତ। ନିଜ ତ୍ୱଚା ଅନୁସାରେ ପ୍ରସାଧାନ ସାମଗ୍ରୀ ବ୍ୟବହାର କରିବା ଦରକାର। ସବୁଠୁ ବଡ଼ କଥା ହେଉଛି ପ୍ୟାଚ୍ ଟେଷ୍ଟ କରିବା ଦରକାର। ତ୍ୱଚା ସହ ଜଡ଼ିତ ପ୍ରତ୍ୟେକ ସମସ୍ୟା ଲାଗି ଇନଫ୍ଲୁଏନସରଙ୍କ ପରାମର୍ଶ ନ ନେଇ ଡାକ୍ତରଙ୍କ ପରାମର୍ଶ ନେବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରମର୍ଶ ଦେଇଛନ୍ତି।



# ସମ୍ଭାବନା

# ଟ୍ରେଣ୍ଡରେ ଡ୍ରିମ୍ ଜର୍ଣ୍ଣାଲିଂ

ଆଜିର ବ୍ୟସ୍ତତାପୂର୍ଣ୍ଣ ଜୀବନଶୈଳୀରେ ଅବସାଦ, ଚିନ୍ତା, ଉଦ୍‌ବେଗ, ନିଦ୍ରାହୀନତା ଆଦି ସମସ୍ୟା ସାଧାରଣ ହୋଇପଡ଼ିଛି। ଏଥିରୁ ମୁକ୍ତି ପାଇବା ଲାଗି ଲୋକେ ବିଭିନ୍ନ ଜିନିଷର ସାହାରା ନେଉଛନ୍ତି। ଏହାରି ଭିତରେ ଯୁବପିଢ଼ିଙ୍କଠାରେ ଏକ ନୂଆ ଟ୍ରେଣ୍ଡ ଲୋକପ୍ରିୟ ହେବାରେ ଲାଗିଛି। ଏହା ହେଉଛି 'ଡ୍ରିମ୍ ଜର୍ଣ୍ଣାଲିଂ'। ଅନେକ ଯୁବପିଢ଼ି ମାନସିକ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦେବାକୁ ଯାଇ 'ଡ୍ରିମ୍ ଜର୍ଣ୍ଣାଲିଂ' କରୁଛନ୍ତି। ଏଥିରୁ ସେମାନଙ୍କୁ ଅନେକ ଲାଭ ମିଳୁଥିବା କୁହାଯାଉଛି।



**ଏହା କ'ଣ:** ଡ୍ରିମ୍ ଜର୍ଣ୍ଣାଲିଂର ଅର୍ଥ ହେଉଛି ସ୍ୱପ୍ନକୁ ଲେଖିବା। ସକାଳୁ ଉଠିବା ମାତ୍ରେ ରାତିରେ ଦେଖିଥିବା ସ୍ୱପ୍ନକୁ ନୋଟ୍‌ବୁକ୍ କିମ୍ବା ଡାଏରୀରେ ଲେଖିବା ଅଭ୍ୟାସକୁ 'ଡ୍ରିମ୍ ଜର୍ଣ୍ଣାଲିଂ' କୁହାଯାଉଛି। ଅବଶ୍ୟ ଏହା ଜରୁରି ନୁହେଁ ଦେଖିଥିବା ସବୁ ସ୍ୱପ୍ନକୁ ଉଲ୍ଲେଖ କରାଯିବ। ନିଦରୁ ଉଠିବା ପରେ ଯେଉଁ ସ୍ୱପ୍ନ ମନେ ଥାଏ, ତାହାକୁ ଲେଖିପାରିବେ। ନଚେତ୍ ତା'ର ଚିତ୍ର ବି ଆଙ୍କିପାରିବେ। ଏହା ହେଉଛି ଏକ ପ୍ରକାର ଆତ୍ମ ସଚେତନତା ଅଭ୍ୟାସ।

**କାହିଁକି ଜରୁରି:** ଅନେକ ସମୟରେ ଲୋକମାନେ ନିଜ ସ୍ୱପ୍ନକୁ ଅଣଦେଖା କରନ୍ତି। ହେଲେ ଅନେକ ଗବେଷଣାରେ ଏକଥା ଦାବି କରାଯାଇଛି ଯେ, ସ୍ୱପ୍ନରେ ଭୟ, ଚିନ୍ତା, ଇଚ୍ଛା, ଏପରିକି ଅନେକ ଅଧୁରା ଇଚ୍ଛା ମଧ୍ୟ ଲୁଚି ରହିଥାଏ। ତେଣୁ ଯେତେବେଳେ ସ୍ୱପ୍ନକୁ ଲେଖିବା ଦ୍ୱାରା ଏକଥା ବୁଝାପଡ଼େ ଯେ, ଆଗକୁ ଜୀବନରେ କ'ଣ କରିବାର ଅଛି। ଏଥିରେ ଲୋକଙ୍କୁ ନିଜ ମନର ଗଭୀରତାକୁ ବୁଝିବାରେ ସାହାଯ୍ୟ ମିଳେ। ସେହିପରି ବାରମ୍ବାର ଭୟାନକ ସ୍ୱପ୍ନ ମଧ୍ୟ ଏଭଳି ସ୍ୱପ୍ନରୁ ମୁକ୍ତି ମିଳିଥାଏ।

**ବଢ଼ୁଛି ଟ୍ରେଣ୍ଡ:** ଏବେ ଅନେକ ଯୁବପିଢ଼ି ବିଶ୍ୱାସ କରୁଛନ୍ତି ଯେ, ଡ୍ରିମ୍ ଜର୍ଣ୍ଣାଲିଂ ଦ୍ୱାରା ମନ ହାଲୁକା ହୁଏ। ଅନେକ ଗବେଷଣାରେ ଏକଥା ବି କୁହାଯାଇଛି, ଡ୍ରିମ୍ ଜର୍ଣ୍ଣାଲିଂ ଦ୍ୱାରା ସୃଜନଶୀଳତା ବୃଦ୍ଧି ପାଏ। ଆଜିକାଲି ସାମାଜିକ ଗଣମାଧ୍ୟମରେ ଯୁବପିଢ଼ି ଡ୍ରିମ୍ ଜର୍ଣ୍ଣାଲିଂର ଫଟୋ ସେୟାର କରୁଛନ୍ତି। ସେହିପରି ଅନେକେ ନିଜ ଏଥିପାଇଁ ବ୍ୟବହାର କରୁଥିବା ଡାଏରୀକୁ ସୁନ୍ଦର ଭାବେ ସଜାଉଛନ୍ତି। ଯଦ୍ୱାରା ଏହା କେବଳ ଦେଖିବାକୁ ଆକର୍ଷଣୀୟ ଲାଗୁ ନାହିଁ, ବରଂ ପଢ଼ିବାକୁ ବି ଭଲ ଲାଗୁଛି।

**ମାନସିକ ଶାନ୍ତି ମିଳୁଛି:** ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ମାନସିକ ଶାନ୍ତି ଚାହୁଁଥିଲେ, ଡ୍ରିମ୍ ଜର୍ଣ୍ଣାଲିଂ ଟେକ୍ନିକ୍‌କୁ ଆପଣାଇବା ଏକ ସୁନ୍ଦର ବିକଳ୍ପ ହେବ। ସେହିପରି ଏହା ଅନେକ ଲୋକଙ୍କର ଏଭଳି ଅଭ୍ୟାସରେ ପରିଣତ ହେଲାଣି ଯେ, ଲୋକେ ସକାଳୁ ଉଠି ଦେଖିଥିବା ସ୍ୱପ୍ନକୁ ପ୍ରଥମେ ଡାଏରୀରେ ବସି ଲେଖୁଛନ୍ତି।

# କିଭଳି କରିବେ ପ୍ରୋଜେକ୍ଟ ପ୍ରସ୍ତୁତି

ପରୀକ୍ଷା, ଆସାଇନମେଣ୍ଟ, ପ୍ରୋଜେକ୍ଟ ବିଭିନ୍ନ ସମୟରେ ଲୋକଙ୍କୁ ଚିନ୍ତାରେ ପକାଏ। ଏହି ଚିନ୍ତାରେ ବିଚଳିତ ହୋଇ ଏସବୁ କାମ ଠିକ୍‌ରେ କରିବା ସମ୍ଭବ ହୋଇ ନ ଥାଏ। ତେବେ ପ୍ରୋଜେକ୍ଟ ପ୍ରସ୍ତୁତି କିଭଳି କରିବେ, ସେ ସମ୍ପର୍କରେ ଜାଣିବା।

- ଗୋଟିଏ ସ୍ଥାନରେ ସମସ୍ତ ପ୍ରୋଜେକ୍ଟ, ଆସାଇନମେଣ୍ଟ ଆଦି ବାବଦରେ ଉଲ୍ଲେଖ କରନ୍ତୁ। ଏହାଦ୍ୱାରା ଏସବୁ କାମର ପ୍ରାଥମିକତା ନିର୍ଦ୍ଧାରଣ କରିବା ସହଜ ହେବ।
- ସେହିପରି କୌଣସି ବଡ଼ ପ୍ରୋଜେକ୍ଟ ଥିଲେ ଏହାକୁ ଛୋଟ ଛୋଟ ଭାଗରେ ବିଭକ୍ତ କରନ୍ତୁ। ଏହି କାମକୁ ପ୍ରତିଦିନ ଅଳ୍ପ ଅଳ୍ପ କରନ୍ତୁ।
- ଲଗାତାର ପଢ଼ିବା ଦ୍ୱାରା ମସ୍ତିଷ୍କ ଥକି ପଡ଼େ। ତେଣୁ ପ୍ରତି ଘଣ୍ଟାଏ ତଥା ୧୦-୧୫ ମିନିଟ୍‌ରେ ବ୍ରେକ୍ ନିଅନ୍ତୁ।
- କାମ ମଝିରେ ମସ୍ତିଷ୍କକୁ ବିଶ୍ରାମ ଜରୁରି। ୭-୮ ଘଣ୍ଟା ଶୋଇବା ଦ୍ୱାରା ମସ୍ତିଷ୍କ ସକ୍ରିୟ ରହେ।
- ପାଠପଢ଼ା ସହିତ ଖାଦ୍ୟପେୟ ଏବଂ ବ୍ୟାୟାମ କରିବା ଜରୁରି। ଏହାଦ୍ୱାରା ଶରୀର ଓ ମସ୍ତିଷ୍କ ସୁସ୍ଥ ରହେ।
- କୌଣସି ବିଷୟରେ ଦ୍ୱନ୍ଦ୍ୱ ଉପୁଜିଲେ ସହକର୍ମୀ ତଥା ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନିଅନ୍ତୁ।



# ସ୍ଥାନ ପରିବର୍ତ୍ତନରୁ ପଢ଼ାରେ ଆସେ ଉତ୍ସାହ




ସାଧାରଣତଃ ପିଲାଙ୍କୁ ବୁଝାଯାଏ, ପାଠ ପଢୁଥିବା ପିଲା ଯେଉଁ ସ୍ଥାନକୁ ଗଲେ ବି ପଢ଼ିପାରନ୍ତି। ହେଲେ ସ୍ଥାନ ପରିବର୍ତ୍ତନ କଲେ କ'ଣ ପଢ଼ାରେ ମନ ଲାଗେ। ଏଭଳି ପ୍ରଶ୍ନ ବେଳେ ବେଳେ ମନକୁ ଆସେ। ତେବେ ଏକ ନୂଆ ସ୍ଥାନରେ ବସିଲେ, ମସ୍ତିଷ୍କ ସେହି ପରିବେଶକୁ ନେଇ ତାଜା ଅନୁଭବ କରେ। ସେହିପରି ଗୋଟିଏ ସ୍ଥାନରେ ସବୁଦିନ ପଢ଼ିବା ଦ୍ୱାରା ମସ୍ତିଷ୍କ ସେହି ସ୍ଥାନ ସହିତ ସହଜରେ ଜଡ଼ିତ ହୋଇଯାଏ। ଯାହାକି ନୂଆ ସ୍ଥାନକୁ ଗଲେ ଏହି ଯୋଡ଼ି ରହିବା ଅଭ୍ୟାସଟା ଭାଙ୍ଗିଥାଏ। ପୁରୁଣା ସ୍ଥାନରେ ଟିଭି, ମୋବାଇଲ ଭଳି କିଛି ଅନ୍ୟ ଜିନିଷ ଥାଏ, ଯାହା ଧ୍ୟାନକୁ ବିଚ୍ୟୁତ କରେ। ହେଲେ ନୂଆ ସ୍ଥାନରେ ଏହା ଦୂର ହେବାର ଆଶଙ୍କା ଅଛି। ଗୋଟିଏ ସ୍ଥାନରେ ବେଶି ସମୟ ବସି ରହିଲେ, ମସ୍ତିଷ୍କ ସକ୍ରିୟ ରହେ ନାହିଁ। ତେଣୁ ସ୍ଥାନ ପରିବର୍ତ୍ତନ ଦ୍ୱାରା ମସ୍ତିଷ୍କର ସକ୍ରିୟତା ବୃଦ୍ଧି ପାଏ। ଏହା ସହ ମଣିଷ ବି ସକ୍ରିୟ ହୁଏ। ଅନେକ ଗବେଷଣାରେ ଦେଖାଯାଇଛି, ଅଲଗା ଅଲଗା ସ୍ଥାନରେ ପଢ଼ିଲେ ମସ୍ତିଷ୍କ ଭିନ୍ନ ଭିନ୍ନ ସ୍ମୃତି ସହିତ ଜଡ଼ିତ ହୁଏ। ଏହାଦ୍ୱାରା କୌଣସି ତଥ୍ୟକୁ ମନେ ରଖିବା ସହଜ ହୋଇଯାଏ। ତେବେ ନୂଆ ସ୍ଥାନକୁ ଗଲେ ମସ୍ତିଷ୍କ ନୂଆ ନୂଆ କଥା ଚିନ୍ତା କରିବାକୁ ବେଶି ସକ୍ଷମ ହୁଏ। ଗୋଟିଏ ସ୍ଥାନରେ ବସିଲେ ଆଳସ୍ୟ ଦେଖା ଦେଉଥିବାବେଳେ ସ୍ଥାନ ପରିବର୍ତ୍ତନରେ ଏହା ହୁଏ ନାହିଁ। ସେହିପରି ଏହା ଛୁଟିକୁ ବି ମଜାଦାର କରାଏ। ନୂଆ ସ୍ଥାନରେ ବସି ପଢ଼ିଲେ ନୂଆ ଉତ୍ସାହ ଯୋଗୁ ପାଠ ପଢ଼ିବାରେ ମନ ଲାଗିଥାଏ।

# ୟୁଟ୍ୟୁବ୍‌ର ନୂଆ ଫିଚର୍

ୟୁଟ୍ୟୁବ୍ କ୍ରିଏଟରଙ୍କ ପାଇଁ ଏକ ନୂଆ ଫିଚର ଲଞ୍ଚ୍ କରିଛି। ଏହା ଦ୍ୱାରା କ୍ରିଏଟରମାନେ ସେମାନଙ୍କ ଭିଡିଓକୁ ଅନେକ ଭାଷାରେ ଡବିଂ କରିପାରିବେ। ଫଳରେ ଏଣିକି କଣ୍ଟେଣ୍ଟ କେବଳ ଗୋଟିଏ ଦେଶରେ ସୀମିତ ରହିବ ନାହିଁ, ବରଂ ବିଶ୍ୱ ତମାମ ଲୋକଙ୍କ ପାଖରେ ଏହା ପହଞ୍ଚିପାରିବ। ସେହିପରି ଏହି ଫିଚର ଦ୍ୱାରା ୟୁଟ୍ୟୁବର ୱାଚ୍ ଟାଇମ୍ ଏବଂ ଭିୟୁ ମଧ୍ୟ ଶୀଘ୍ର ବୃଦ୍ଧି ପାଇବ।

ୟୁଟ୍ୟୁବ୍ ମଲଟି ଲାଙ୍ଗୁଏଜ୍ ଅଡିଓ ଫିଚର୍ ସବୁ ବ୍ୟବହାରକାରୀଙ୍କ ପାଇଁ ଲଞ୍ଚ୍ କରିଛି। ଏହି ଫିଚର୍ କ୍ରିଏଟରଙ୍କୁ ଗୋଟିଏ ଭିଡିଓକୁ ଅନେକ ଭାଷାରେ ଡବିଂ କରିବାର ସୁବିଧା ପ୍ରଦାନ କରିବ। ତେବେ ୟୁଟ୍ୟୁବ୍ ଏହି ଫିଚରର ଆରମ୍ଭ ୨୦୨୩ ମସିହାରେ କରିଥିଲା। ଏଥିରେ କେବଳ କିଛି ବଛା ବଛା କ୍ରିଏଟରଙ୍କୁ ଅଲଗା ଅଲଗା ଭାଷାରେ ଅଡିଓ ଟ୍ରାକ୍ ଅପଲୋଡ୍ କରିବାର ସୁବିଧା ମିଳିଥିଲା। ହେଲେ ଏବେ ଏହାକୁ ସମସ୍ତଙ୍କ ପାଇଁ ଲଞ୍ଚ୍ କରାଯାଇଛି। ଏହି ଟୁଲ୍ ଗୁଗଲର ଜେମିନି ଟେକ୍ନୋଲୋଜି ଉପରେ ଆଧାରିତ। ସେହିପରି ଯେଉଁ କ୍ରିଏଟରମାନେ ଏହି ଫିଚର୍‌କୁ ବ୍ୟବହାର କରିଛନ୍ତି, ସେମାନଙ୍କ ଭିଡିଓକୁ ୨୫ ପ୍ରତିଶତ ଅଧିକ ୱାଚ୍ ଟାଇମ୍ ନନ୍-ପ୍ରାଇମେରି ଭାଷାରୁ ଆସିଛି। ଏହାବାଦ୍ କ୍ରିଏଟରଙ୍କ ବିକାଶକୁ ବିଶ୍ୱ ସ୍ତରରେ ପହଞ୍ଚାଇବାରେ ସାହାଯ୍ୟ କରିବ।





# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

**● ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍**

## ଆଜି ଭାରତୀୟ ଦଳ ଚୟନ, ପନ୍ତ୍ ଆଉଟ୍

ମୁମ୍ବଇ, ୨୩।୯ (ଏଜେନ୍ସି): ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ଚୟନ ହେବାର କୌଣସି ତାରିଖ ବିସିସିଆଇ ପକ୍ଷରୁ ଘୋଷଣା କରାଯାଇନାହିଁ। ନିକଟରେ ଦିଲ୍ଲୀରେ ବିସିସିଆଇ କର୍ମକର୍ତ୍ତାଙ୍କ ବୈଠକରେ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ୨୩ କିମ୍ବା ୨୪ରେ ଚୟନ କରାଯାଇପାରେ ବୋଲି ସମ୍ପାଦକ ଦେବଜିତ ସାଇକିଆ ସୂଚନା ଦେଇଥିଲେ। ଏହି ସୂଚନାକୁ ସତ୍ୟ ବୋଲି ମାନିଲେ ଭାରତୀୟ ଦଳ ଆସନ୍ତାକାଲି ଅନୁଷ୍ଠିତ ହେବା କଥା। କିନ୍ତୁ ଏ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ୱେଷ୍ଟଇଣ୍ଡିଜ୍ ସିରିଜ୍ ଲାଗି ଏଥର ୧୫ ଜଣିଆ ଭାରତୀୟ ଦଳ ଚୟନ କରାଯିବ। ଏହା ମଧ୍ୟରେ ଭାରତୀୟ ଦଳର ୱିକେଟରକ୍ଷକ ଋଷଭ ପନ୍ତ୍ ଏହି ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଏବେ ସେ ବେଙ୍ଗାଲୁରୁସ୍ଥିତ ନ୍ୟାସନାଲ କ୍ରିକେଟ ଏକାଡେମୀରେ ଫିଟ୍‌ନେସ ଲାଗି ଚିକିତ୍ସିତ ହେଉଛନ୍ତି। କିନ୍ତୁ ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯିବ କି ନାହିଁ, କରୁନ ନାୟରଙ୍କ ସ୍ଥାନ ବଜାୟ ରଖିବେ କି ନାହିଁ ତାହା ଦେଖିବାକୁ ବାକି ରହିଛି। ପନ୍ତ୍‌ଙ୍କ ସ୍ଥାନରେ ଧ୍ରୁବ ଜୁରେଲ ଓ ଏନ ଜଗଦୀଶନଙ୍କୁ ୧୫ ଜଣିଆ ଦଳରେ ସ୍ଥାନ ମିଳିବ ବୋଲି ଆଶା କରାଯାଉଛି।

## ସୂତାରଙ୍କୁ ୫ୱିକେଟ୍: ଅଷ୍ଟ୍ରେଲିଆ-ଏ ୩୫୦/ ୯



ଲକ୍ଷ୍ନୌ, ୨୩।୯ (ଏଜେନ୍ସି): ଅଫସ୍ପିନର ମାନବ ସୂତାର ୫ ୱିକେଟ ଅକ୍ତିଆର କରିବା ଫଳରେ ଏଠାରେ ମଙ୍ଗଳବାରା ଆରମ୍ଭ ହୋଇଥିବା ଭାରତ-ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ଅଷ୍ଟ୍ରେଲିଆ-ଏ' ପ୍ରଥମ ଇନିଂସରେ ୯ ୱିକେଟ ହରାଇ ୩୫୦ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ନଂ-୧୦ ଟଡ୍ ମର୍ଫି ୨୯ ଓ ନଂ-୧୦ ହେନରୀ ଥର୍ନ୍‌ଟନ ୧୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟାକ୍ ଏଡ୍‌ୱାର୍ଡସ ସର୍ବାଧିକ ୮୮, ଅଧିନାୟକ ନାଥାନ ମ୍ୟାକ୍‌ସ୍ୱିନୀ ୭୪ ରନ୍ କରିଛନ୍ତି। ଡ୍ର ରହିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଶତକ ହାସଲ କରିଥିବା ଓପନର ସାମ କୋନ୍‌ଷ୍ଟାସ୍ ୪୯, ୱିକେଟରକ୍ଷକ ଜୋଶ ଫିଲିପ୍ ୩୯ ରନ୍‌ର ଉପଯୋଗୀ ସହାୟତା କରିଥିଲେ। ଭାରତ-ଏ' ପକ୍ଷରୁ ମାନବ ସୂତାରଙ୍କ ୫ ୱିକେଟ ବ୍ୟତୀତ ଗୁରନୁର ବ୍ରାର ୨ଟି, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୧୩ ଓଭରରେ ସିରାଜ ୭୩ ରନ୍ ଦେଇ ସର୍ବାଧିକ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ମ୍ୟାଚ୍ ପୂର୍ବରୁ ଦଳର ଅଧିନାୟକ ଶ୍ରେୟସ ଆୟର ବ୍ୟକ୍ତିଗତ କାରଣରୁ ଏହି ମ୍ୟାଚ୍‌ରୁ ଓହରିଯାଇଥିଲେ। ପ୍ରଥମ ଟେଷ୍ଟରେ ସେ ୧୩ ବଲ୍‌ରୁ ୮ ରନ୍ କରିଥିଲେ। ତାଙ୍କ ସ୍ଥାନରେ ୱିକେଟରକ୍ଷକ ଧ୍ରୁବ ଜୁରେଲ ଦଳର ନେତୃତ୍ୱ ନେଇଛନ୍ତି।

**ଏସିଆ କପ୍ ସୁପର-୪**

# ଭାରତ-ବାଂଲାଦେଶ ମୁକାବିଲା ଆଜି



ଦୁବାଇ,୨୩।୯ (ଏଜେନ୍ସି)

ଏସିଆ କପ୍‌ରେ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଗୋଟିଏ ସପ୍ତାହରେ ଦୁଇଥର ପରାସ୍ତ କରିବା ପରେ ପେସାଦାର ମନୋଭାବ ନେଇ ଖେଳୁଥିବା ଭାରତ ଏବେ ଅପ୍ରତିଦ୍ୱନ୍ଦ୍ୱୀ। ପାକିସ୍ତାନକୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ବୋଲି କହିବାକୁ ନାପସନ୍ଦ କରିଛନ୍ତି ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ପ୍ରକୃତରେ ରେକର୍ଡ ଦେଖିଲେ ଟି-୨୦ ଫର୍ମାଟରେ ଏବେ ଭାରତର କିଏ ପ୍ରତିଦ୍ୱନ୍ଦ୍ୱୀ ତାହା ଖୋଜିବାକୁ ହେବ। ରେକର୍ଡ ମଧ୍ୟ ଭାରତ ଅପ୍ରତିଦ୍ୱନ୍ଦ୍ୱୀ ବୋଲି କହୁଛି। ୨୦୨୪ ପରଠାରୁ ଏହି ଫର୍ମାଟରେ ଭାରତ ୩୨ଟି ମ୍ୟାଚରେ ଜିତିଥିଲାବେଳେ ମାତ୍ର ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଏଣୁ ଭାରତ ଯେ ଏକ ଅପ୍ରତିଦ୍ୱନ୍ଦ୍ୱୀ ଦଳ ତାହା କିଏ ମାନୁ ନ ମାନୁ ରେକର୍ଡ ଏହାକୁ ସ୍ୱୀକାର କରୁଛି। ପାକିସ୍ତାନ ବିପକ୍ଷ ସୁପର-୪ ମ୍ୟାଚ୍‌ରେ ଭାରତ ତାହାର ଦକ୍ଷତା ପ୍ରଦର୍ଶନ କରି ପାରି ନ ଥିଲା। ତଥାପି ଏହି ମ୍ୟାଚ୍‌କୁ ୭ଟି ବଲ ବାକିଥାଇ ଜିତିନେଇଥିଲା। ଏଣୁ ଆସନ୍ତାକାଲି ବାଂଲାଦେଶ ବିପକ୍ଷ ମୁକାବିଲାରେ ଭାରତକୁ ଫେବରାଇଟ୍ ବିବେଚନା କରାଯାଉଛି। ନିକଟରେ ପ୍ରଥମ ସୁପର-୪ ମ୍ୟାଚ୍‌ରେ ଶକ୍ତିଶାଳୀ ଶ୍ରୀଲଙ୍କାକୁ ପରାସ୍ତ କରିବା ପରେ ବାଂଲା ଦଳର ମନୋବଳ ଢ଼େର ବଢ଼ିଛି। ଏହି ବିଜୟ ପରେ ଦଳର କୋଚ୍ ଫିଲ୍ ସିମନ୍ସ କହନ୍ତି ଭାରତକୁ ଯେ କୌଣସି ଦଳ ହରାଇପାରିବ। ଏହା ଅର୍ଥ ବାଂଲାଦେଶ ଏହି ମୁକାବିଲାରେ ଭାରତକୁ ହରାଇପାରିବ। ଅବଶ୍ୟ ଭାରତ ନିକଟରେ ଏବେ ପ୍ରଚୁର ପରିମାଣରେ ପ୍ରତିଭା ରହିଛନ୍ତି। ଜଣଙ୍କ ପରେ ଜଣେ ମ୍ୟାଚ୍ ବିଜୟୀ ବିବେଚିତ ହେଉଛନ୍ତି। ଏଣୁ ଭାରତ କାହାକୁ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିବେଚନା କରୁନାହିଁ। ଦଳ ନିକଟରେ ଯେଉଁଭଳି ଶକ୍ତି ରହିଛି, ତାହା ବିଶ୍ୱର ଯେକୌଣସି ବୋଲିଂକୁ ଧ୍ୱଂସ କିମ୍ବା ବ୍ୟାଟିଂକୁ ଧରାଶାୟୀ କରିପାରିବ।

**● ଟସ୍, ମିଡିଲ ଅର୍ଡର, ମୁସ୍ତାଫିଜୁର ଗୁରୁତ୍ୱପୂର୍ଣ୍ଣ**

ଭାରତ ନିଜକୁ ଯେତେ ଶକ୍ତିଶାଳୀ ମନେ କଲେ ମଧ୍ୟ ଟସ୍ ଏଠାରେ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏଠାରେ ରନ୍ ଚେଜ୍ ସହଜ ହେଉଛି। ଯାହା ଫଳରେ ଶ୍ରୀଲଙ୍କା ବିପକ୍ଷରେ ବାଂଲାଦେଶ ୧୬୯ ରନ୍‌ର ଟାର୍ଗେଟକୁ ଚେଜ୍ କରି ବିଜୟୀ ହୋଇଥିଲା। ଏଣୁ ଟସ୍‌ଜିତିବା ଦଳ ଏଠାରେ ନିଶ୍ଚିତ ପ୍ରଥମେ ବୋଲିଂ କରିବାକୁ ଉଚିତ ମନେ କରିବ। ସେହିପରି ମିଡଲ ଓଭରରେ ଦୁବାଇ ପିଚ୍ ମନ୍ଥର ହୋଇଯାଉଛି। ଭାରତ ବିପକ୍ଷରେ ପାକିସ୍ତାନ ଏହି ସମୟରେ ୬ ଓଭର ବୋଲିଂ କରି ମାତ୍ର ୩୦ ରନ୍ ବିନିମୟରେ ୩ଟି ୱିକେଟ ନେଇଥିଲେ। ମିଡିଲ ଓଭରରେ ବାଂଲାଦେଶର ମୁସ୍ତାଫିଜୁର ରହମନଙ୍କ ଦକ୍ଷତା ଦୁଇଗୁଣ ବୃଦ୍ଧିପାଉଛି। ମିଡିଲ ଅର୍ଡରରେ ମୁସ୍ତାଫିଜୁରଙ୍କ ସହ ମେହେଦୀ ହାସନ ପ୍ରଭାବଶାଳୀ ହେବେ। ଏହି ସବୁ ସମସ୍ୟା ଭାରତ ଆଗରେ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇପାରେ।

**● ଦ୍ୱିତୀୟ ବିଜୟ ଆଶାରେ ବାଂଲାଦେଶ**

ଭାରତ ଓ ବାଂଲାଦେଶ ମଧ୍ୟରେ ଏଯାଏ ୧୭ଟି ଟି-୨୦ ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ୧୬ଟି ମ୍ୟାଚ୍‌ରେ ଭାରତ ଓ ମାତ୍ର ଗୋଟିଏ ମ୍ୟାଚ୍‌ରେ ବାଂଲାଦେଶ ଜିତିଛି। ବାଂଲାଦେଶ ଏଠାରେ ଭାରତ ବିପକ୍ଷରେ ଦ୍ୱିତୀୟ ବିଜୟ ହାସଲର ଆଶା ରଖିଛି। କିନ୍ତୁ ଏଥିଲାଗି ବାଂଲାଦେଶକୁ ସ୍ମାର୍ଟ କ୍ରିକେଟ ଖେଳିବାକୁ ହେବ। ଭାରତ ନିକଟରେ ଯେଉଁଭଳି ଖେଳାଳି ଅଛନ୍ତି ଓ ଫର୍ମରେ ରହିଛନ୍ତି, ଏହି ମ୍ୟାଚ୍ ଜିତିବାକୁ ଆଶା କରିବା ବାଂଲାଦେଶ ଲାଗି ଦିବାସ୍ୱପ୍ନ ହୋଇପାରେ। ପାକିସ୍ତାନକୁ ହରାଇଥିବା ଭାରତୀୟ ଦଳ ଅପରିବର୍ତ୍ତିତ ରହିବାର ସମ୍ଭାବନା ରହିଛି।

| ଆଜିର ମ୍ୟାଚ୍ | ଭାରତ-ବାଂଲାଦେଶ |
|---|---|
| | ଭେନ୍ୟୁ : ଦୁବାଇ |
| | ଖେଳ ଆରମ୍ଭ : ରାତି ୮ଟା |
| | ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ |

## ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ

ଆବୁଧାବି,୨୩।୯ (ଏଜେନ୍ସି): ସାହିନ ଆଫ୍ରିଦୀ ଓ ହୁସେନ ତଲତଙ୍କ ଘାତକ ବୋଲିଂ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଏସିଆ କପ୍ ସୁପର-୪ ମୁକାବିଲାରେ ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୩୩ ରନ କରିଛି। ଦଳ ପକ୍ଷରୁ ଯୁବ ଖେଳାଳି କାମିନ୍ଦୁ ମେଣ୍ଡିସ୍ ସର୍ବାଧିକ ୫୦ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଚାରିତ ଆଶାଲଙ୍କା ୨୦, ଚାମିକା କରୁଣାରତ୍ନେ ଅପରାଜିତ ୧୭, କୁଶାଲ ପରେରା ଓ ୱାନିନ୍ଦୁ ହାସରଙ୍ଗା ୧୫ ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ପାକିସ୍ତାନ ପକ୍ଷରୁ ଫାଷ୍ଟ ବୋଲର ସାହିନ ଆଫ୍ରିଦୀ ସର୍ବାଧିକ ୩ଟି, ହୁସେନ ତଲତ ଓ ହାରିସ ରୌଫ୍ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଏମାନଙ୍କ ସଫଳତା ଯୋଗୁଁ ଶ୍ରୀଲଙ୍କା ପ୍ରଥମ ଓଭରରେ ୱିକେଟ ହରାଇବା ସହ କ୍ରମାଗତ ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏସିଆ କପ୍ ସୁପର-୪ର ପ୍ରଥମ ମୁକାବିଲାରେ ଉଭୟ ଶ୍ରୀଲଙ୍କା ଓ ପାକିସ୍ତାନ ପରାଜିତ ହୋଇଛନ୍ତି। ବାଂଲାଦେଶଠାରୁ ଶ୍ରୀଲଙ୍କା ୪ ୱିକେଟ ଓ ଭାରତଠାରୁ ପାକିସ୍ତାନ ୬ ୱିକେଟରେ ହାରିଛନ୍ତି। ଏଠାରେ ଯେଉଁ ଦଳ ହାରିବ ସେହି ଦଳ ଏକପ୍ରକାର ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଶ୍ରୀଲଙ୍କା ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ଶେଷରେ ବାଂଲାଦେଶ ସହ ଖେଳିବ। ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ୨୮ରେ ଖେଳାଯିବ।

## ଅର୍ଜୁନ ପୁରସ୍କାର ବିଜେତା ବିଜୟଙ୍କ ପରଲୋକ



ବ୍ରହ୍ମପୁର,୨୩।୯ (ସମିସ): ସୁନାମଧନ୍ୟ ଭାରୋତ୍ତୋଳକ ତଥା ଅର୍ଜୁନ ପୁରସ୍କାର ବିଜେତା ବିଜୟ କୁମାର ଶତପଥୀଙ୍କର ସୋମବାର ରାତିରେ ପରଲୋକ ଘଟିଛି। ସେ ୭୩ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରି ବହୁ ପଦକ ବିଜୟୀ ହୋଇଥିଲେ। ସ୍ୱର୍ଗତ ଶତପଥୀ ୨୦୨୪ରୁ ପକ୍ଷାଘାତ ରୋଗର ଶିକାର ହୋଇ ଶଯ୍ୟାଶାୟୀ ଥିଲେ। ଅନ୍ତିମ ଶଯ୍ୟା ନିକଟରେ ପତ୍ନୀ କରିସ୍ମା ଶତପଥୀ, ଦୁଇପୁତ୍ର ଜଗନ୍ନାଥ ଓ ସୋମନାଥଙ୍କ ମେତ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ନୀଳକଣ୍ଠେଶ୍ୱର ଶ୍ମଶାନରେ ତାଙ୍କର ଆଜି ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶତପଥୀଙ୍କ ବିୟୋଗରେ ରାଜ୍ୟପାଳ ଡ. ହରିବାବୁ କୁମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଅର୍ଜୁନ ପୁରସ୍କାର ବିଜେତା କେ. ରବି କୁମାରଙ୍କ ସମେତ ବହୁ କ୍ରୀଡ଼ାବିତ୍ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ରାଜ୍ୟ ଭାରୋତ୍ତୋଳନ ମହାସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ହରିପ୍ରସାଦ ପଟ୍ଟନାୟକ, ଅନ୍ତରୀଣ ସମ୍ପାଦକ ଗୋପାଳକୃଷ୍ଣ ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

ବିଜୟ ୧୯୮୧ରେ ଅନୁଷ୍ଠିତ ମିନି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ୧୯୮୨ରେ ଇଂଲଣ୍ଡ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ଏସିଆନ୍ ଚାମ୍ପିଅନ୍‌ସିପରେ ଦୁଇଟି କାଂସ୍ୟ, ୧୯୮୨ରେ ପେଶାଓ୍ୱରଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଜିତିଥିଲେ। ଏଥିସହ ୧୯୭୭ରୁ ୧୯୮୨ ମସିହା ପର୍ଯ୍ୟନ୍ତ କ୍ରମାଗତ ଭାବେ ଜାତୀୟସ୍ତରରେ ବରିଷ୍ଠ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତି ରେକର୍ଡ କରିଥିଲେ। କ୍ରୀଡ଼ାରେ ଅଭୂତପୂର୍ବ ସଫଳତା ଲାଗି ୧୯୮୨ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ 'ଅର୍ଜୁନ ପୁରସ୍କାର'ରେ ସମ୍ମାନିତ କରାଯାଇଥିଲା। ସେହିପରି ଗତ ଅଗଷ୍ଟ ୨୯ରେ ବିଜୟଙ୍କୁ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ମଧ୍ୟ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟସ୍ତରରୁ ଭାରୋତ୍ତୋଳନ ଆରମ୍ଭ କରିଥିବା ବିଜୟ ୧୯୭୪ରେ ଭାରତୀୟ ନୌସେନାରେ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ରେଳ ବିଭାଗରେ ନିଯୁକ୍ତି ପାଇ ୨୦୦୯ରେ ସେ ସ୍ୱେଚ୍ଛାକୃତ ଅବସର ନେଇଥିଲେ।


**ଓଡ଼ିଶା ପ୍ରୋ ଟି-୨୦ ଲିଗ୍**

## କଟକକୁ ସେମିରେ ପହଞ୍ଚାଇଲେ ବିପ୍ଳବ

କଟକ,୨୩।୯ (ସମିସ): ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ପ୍ରଥମ ଦଳ ଭାବେ କଟକ ପାନ୍ଥର୍ସ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ନିଜର ଶେଷ ଲିଗ୍‌ରେ ପାନ୍ଥର୍ସ ୫ ୱିକେଟରେ କେନ୍ଦୁଝର ମାଇନର୍ସକୁ ହରାଇଥିଲା। ୫ଟି ମ୍ୟାଚ୍‌ରୁ ୩ଟି ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଅମୀମାଂସିତ ଫଳାଫଳ ବଳରେ ପାନ୍ଥର୍ସ ୧୪ ପଏଣ୍ଟ ପାଇ ଟେବଲର ଶୀର୍ଷରେ ରହିଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କେନ୍ଦୁଝର ପ୍ରତିପକ୍ଷ ଅଭିଜ୍ଞ ଅଲ୍‌ରାଉଣ୍ଡର ବିପ୍ଳବ ସାମନ୍ତରାୟଙ୍କ ବୋଲିଂକୁ ସାମ୍ନା କରି ନ ପାରି ୨୦ ଓଭରରେ ମାତ୍ର ୧୨୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ଗୋବିନ୍ଦ ପୋଦ୍ଦାର ୧୩, ଓମ ଟି ମୁଣ୍ଡେ ୨୮, ଅନୀଲ ପରିଡ଼ା ୩୬ ରନ ସଂଗ୍ରହ କରିଥିଲେ। ବିପ୍ଳବ ୪ ଓଭରରେ ୧୮ ରନ ବ୍ୟୟରେ ୫ଟି ୱିକେଟ ନେଇ କେନ୍ଦୁଝରକୁ ବ୍ୟାକ୍‌ଫୁଟକୁ ଠେଲିଦେଇଥିଲେ। ଜବାବରେ କଟକ ପାନ୍ଥର୍ସ ୨୬ ରନରେ ପ୍ରଥମ ତିନି ୱିକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ବିପ୍ଳବ ୩୪ ବଲରୁ ୪୩ ରନ ଏବଂ ସୌରଭ ଗୌଡ଼ ୩୯ ବଲରୁ ୫୬ ରନର ପାଳି ଖେଳି ଦଳକୁ ୯ ବଲ୍ ଓ ୫ ୱିକେଟ ବଳକା ଥାଇ ବିଜୟୀ କରାଇଥିଲେ। ମାଇନର୍ସ ପକ୍ଷରୁ ବାମହାତୀ ସ୍ପିନର ପପୁ ରାୟଙ୍କୁ ୩ଟି ୱିକେଟ ମିଳିଥିଲା। ବ୍ୟାଟିଂ ଓ ବୋଲିଂରେ ପ୍ରଦର୍ଶନ କରିଥିବା ବିପ୍ଳବଙ୍କୁ 'ପ୍ଲେୟାର ଅଫ ଦି ମ୍ୟାଚ୍' ବିବେଚିତ କରାଯାଇଛି। ସେହିଭଳି ଭୁବନେଶ୍ୱର ଟାଇଗର୍ସ ଓ ପୁରୀ ଟାଇଟାନ୍ସ ମଧ୍ୟରେ ଖେଳାଯିବାକୁ ଥିବା ଅନ୍ୟ ଏକ ମ୍ୟାଚ୍ ପ୍ରବଳ ବର୍ଷା ଲାଗି ବାତିଲ କରିଦିଆଯାଇଥିଲା।




## କିଂବଦନ୍ତୀ ଅମ୍ପାୟାର ଡିକି ବାର୍ଡଙ୍କ ବିୟୋଗ



ଲଣ୍ଡନ,୨୩।୯ (ସମିସ): ବିଶ୍ୱର ସର୍ବଶ୍ରେଷ୍ଠ କ୍ରିକେଟ ଅମ୍ପାୟାର ଭାବେ ବିବେଚିତ ହେଉଥିବା ଇଂଲଣ୍ଡର ହାରୋଲ୍ଡ 'ଡିକି' ବାର୍ଡଙ୍କର ୯୨ ବର୍ଷରେ ପରଲୋକ ହୋଇଯାଇଛି। ୧୯୭୩ରୁ ୧୯୯୬ ମଧ୍ୟରେ ସେ ୬୬ଟି ଟେଷ୍ଟ ଓ ୬୯ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅମ୍ପାୟାର ଦାୟିତ୍ୱ ନିଭାଇଥିଲେ। ସେ ବିଶ୍ୱର ଏକମାତ୍ର ଅମ୍ପାୟାର ଭାବେ ୩ଟି ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅମ୍ପାୟାର ରହିଥିଲେ। ୧୯୮୩ରେ କପିଳ ଦେବଙ୍କ ନେତୃତ୍ୱରେ ଭାରତ ବିଶ୍ୱ ଚାମ୍ପିଅନ ହୋଇଥିଲାବେଳେ ବାର୍ଡ ଏହି ଫାଇନାଲରେ ଅମ୍ପାୟରିଂ କରିଥିଲେ। ଇଂଲଣ୍ଡର ୟର୍କସାୟର କ୍ଲବ୍ ପକ୍ଷରୁ ଜଣେ ଟପ୍ ଅର୍ଡର ବ୍ୟାଟର ଭାବେ କ୍ୟାରିୟର ଆରମ୍ଭ କରି ୯ ବର୍ଷ ଖେଳିଥିଲେ ଓ ପରେ ଏହି କ୍ଲବ୍‌ର ସଭାପତି ହୋଇଥିଲେ। କ୍ରିକେଟକୁ ତାଙ୍କ ଏହି ଅବଦାନ ଲାଗି ଇଂଲଣ୍ଡ ସରକାରଙ୍କ ପକ୍ଷରୁ ଏମ୍‌ବିଇ ଓ ଓବିଇ ସମ୍ମାନରେ ସମ୍ମାନିତ ହୋଇଥିଲେ। ଲିସେଷ୍ଟର ପକ୍ଷରୁ ମଧ୍ୟ ଖେଳିଥିବା ବାର୍ଡ ୧୯୩୩ ଏପ୍ରିଲ ୧୯ରେ ଜନ୍ମଗ୍ରହଣ କରିଥିଲେ ଓ ଆଘାତ ସମସ୍ୟା ଯୋଗୁ ମାତ୍ର ୩୨ ବର୍ଷରେ ପ୍ରଥମଶ୍ରେଣୀ କ୍ରିକେଟରୁ ଅବସର ନେଇଥିଲେ। ସେ ୯୩ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୨୦.୭୧ ହାରରେ ୩୩୧୪ ରନ୍ କରିଥିଲେ। ଏହା ମଧ୍ୟରେ ୨ଟି ଶତକ ଓ ୧୪ଟି ଅର୍ଦ୍ଧଶତକ ରହିଛି। ୧୯୯୬ରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ସେ ତାଙ୍କର ଅନ୍ତିମ ଟେଷ୍ଟ ମ୍ୟାଚ୍ ପରିଚାଳନା କରିଥିଲେ। ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ୍ ମଧ୍ୟ ଅନ୍ୟ ଏକ କାରଣରୁ ସ୍ମରଣୀୟ ହୋଇରହିଛି। ଭାରତର ଦୁଇ ମହାନ ଖେଳାଳି ସୌରଭ ଗାଙ୍ଗୁଲି ଓ ରାହୁଲ ଦ୍ରାବିଡ୍ ଏହି ମ୍ୟାଚ୍ ଖେଳି ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ।

## ଆଜି ହକି ଇଣ୍ଡିଆ ଲିଗ୍ ନିଲାମ

ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ହକି ଇଣ୍ଡିଆର ଆଉ ଏକ ସଂସ୍କରଣ ଲାଗି ଆସନ୍ତାକାଲି ମିନି ନିଲାମି କରାଯିବ। ଏହି ସଂସ୍କରଣରେ ଯେଉଁ ଦଳର ପର୍ସ ଥିବ ଓ ଖେଳାଳି ପୋଜିସନ ଫାଙ୍କା ଥିବ କେବଳ ସେହି ଦଳକୁ ନିଲାମିରେ ଭାଗ ନେବାକୁ ସୁଯୋଗ ମିଳିବ। ମୋଟରେ ୧୦୦ ଜଣ ଖେଳାଳି ଏଥିରେ ଭାଗନେବେ। ଏହି ନିଲାମିରେ ଖେଳାଳିଙ୍କ ମୂଲ୍ୟ ୩ଟି ପର୍ଯ୍ୟାୟରେ ଧାର୍ଯ୍ୟ କରାଯାଇଛି। ଗୋଟିଏ ଦଳର ସାଲାରି କ୍ୟାପ୍ ୪ କୋଟି ଟଙ୍କାକୁ ବଢ଼ାଇ ଦିଆଯାଇଛି। କିନ୍ତୁ ଗୋଟିଏ ଦଳରେ ୨ ଗୋଲରକ୍ଷକ, ୭ ଜଣ ବିଦେଶୀ ଓ ୩ଜଣ ଭାରତୀୟ ଜୁନିୟରଙ୍କ ସମେତ ୨୦ଜଣ ଖେଳାଳି ରହିପାରିବେ। ଖେଳାଳିଙ୍କ ବେସ୍ ପ୍ରାଇସ୍ ୨, ୫ ଓ ୧୦ ଲକ୍ଷ ରଖାଯାଇଛି। ଓଡ଼ିଶାର ୨ଟି ଟିମ୍ ଯଥା ମହିଳା ଚାମ୍ପିଅନ ଓଡ଼ିଶା ୱାରିୟର୍ସ ଓ ଟିମ୍ ଗୋନାସିକା ଏଥର ଓହରିଯାଇଛନ୍ତି।

**ବାଲନ୍ ଡି ଓର୍**

## ବୋନମତିଙ୍କ ହ୍ୟାଟ୍ରିକ୍; ଡେମ୍ବେଲଙ୍କ ବାଜିମାତ୍

ପ୍ୟାରିସ, ୨୩।୯ (ଏଜେନ୍ସି)



ବିଶ୍ୱ ଫୁଟ୍‌ବଲର ସବୁଠୁ ସମ୍ମାନଜନକ ଓ ଶ୍ରେଷ୍ଠ ପୁରସ୍କାର 'ବାଲନ୍ ଡି ଓର୍' ଟ୍ରଫି ଏଥର ଫ୍ରାନ୍ସ ଫରୱାର୍ଡ ଓଉସମାନେ ଡେମ୍ବେଲେ ବାଜିମାତ୍ କରିନେଇଛନ୍ତି। ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଗତକାଲି ରାତିରେ ଅନୁଷ୍ଠିତ ୬୯ତମ ବାଲନ ଡି ଓର୍' ପୁରସ୍କାର ପ୍ରଦାନ ଉତ୍ସବରେ ୨୮ ବର୍ଷୀୟ ଡେମ୍ବେଲ ପୁରୁଷ ବିଭାଗରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସ୍ପେନ ତଥା ବାର୍ସିଲୋନାର ୧୮ ବର୍ଷୀୟ ଯୁବ ଖେଳାଳି ଲାମିନେ ୟାମାଲଙ୍କୁ ପଛରେ ପକାଇ ସେ ଏହି ସୁନାର ବଲ୍ ହାତେଇ ନେଇଛନ୍ତି। ଫଳରେ ଫ୍ରାନ୍ସର ୬ଷ୍ଠ ପୁରୁଷ ଫୁଟ୍‌ବଲ ଖେଳାଳି ଭାବେ ଡେମ୍ବେଲ ବାଲନ୍ ଡି ଓର୍ ପୁରସ୍କାର ଜିତିଛନ୍ତି। ଗତ ସିଜନରେ ପାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) କ୍ଲବକୁ ପ୍ରଥମଥର ଲାଗି ଚାମ୍ପିଅନ୍ସ ଲିଗ୍ ଜିତାଇବାରେ ଡେମ୍ବେଲଙ୍କ ଭୂମିକା ଉଲ୍ଲେଖନୀୟ ରହିଥିଲା। ପିଏସ୍‌ଜି ପାଇଁ ସେ ୩୫ଟି ଗୋଲ୍ ଦେଇ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ୨୦୨୪ରେ ସ୍ପେନ ତଥା ମାଞ୍ଚେଷ୍ଟର ସିଟିର ମିଡ୍‌ଫିଲ୍ଡର ରୋଡ୍ରି ପୁରୁଷ ବିଭାଗରେ ବାଲନ୍ ଡି ଓର୍ ଟ୍ରଫି ବିଜୟୀ ହୋଇଥିଲେ।

**■ ବୋନମତିଙ୍କୁ ରେକର୍ଡ ୩ୟ ପୁରସ୍କାର**

ଅପରପକ୍ଷରେ ସ୍ପେନ ତଥା ବାର୍ସିଲୋନା କ୍ଲବର ମିଡ୍‌ଫିଲ୍ଡର ଆଇତାନା ବୋନମତି ମହିଳା ବିଭାଗରେ ବାଲନ୍ ଡି ଓର୍ ପୁରସ୍କାର ବିଜୟୀ ହୋଇଛନ୍ତି। ଫଳରେ ୨୭ ବର୍ଷୀୟା ବୋନମାତି କ୍ରମାଗତ ୩ୟଥର ଲାଗି ଏହି ସମ୍ମାନଜନକ ପୁରସ୍କାର ଜିତି ରେକର୍ଡ କରିଛନ୍ତି। ଏଥିସହ ଲିଓନେଲ ମେସି ଓ ମାଇକେଲ ପ୍ଲାଟିନିଙ୍କ ସହିତ ବୋନମାତି ହ୍ୟାଟ୍ରିକ ବାଲନ୍ ଡି ଓର୍ ପୁରସ୍କାର ଜିତିଥିବା ଖେଳାଳିଙ୍କ ଏଲିଟ୍ କ୍ଲବରେ ସାମିଲ ହୋଇଛନ୍ତି। ୨୦୨୫ରେ ସ୍ପେନକୁ ୟୁରୋ କପ୍ ଫାଇନାଲରେ ପହଞ୍ଚାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

**■ ପିଏସ୍‌ଜି ଶ୍ରେଷ୍ଠ କ୍ଲବ୍; ଲୁଇସ୍ ପ୍ରଶିକ୍ଷକ**

ଫ୍ରାନ୍ସର ପାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) କ୍ଲବ ଏଥର ଶ୍ରେଷ୍ଠ ପୁରୁଷ କ୍ଲବ ବିବେଚିତ ହୋଇଛି। ପିଏସ୍‌ଜି ପାଇଁ ଗତ ସିଜନ ଐତିହାସିକ ରହିଥିଲା। ଏହି କ୍ଲବ ପ୍ରଥମଥର ଲାଗି ୟୁଫା ଚାମ୍ପିଅନ୍ସ ଲିଗ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା। ସେହିଭଳି ଫ୍ରେଞ୍ଚ ଲିଗ୍ ଓ କପ୍ ଉଭୟରେ ପିଏସ୍‌ଜି ବାଜିମାତ୍ କରିନେଇଥିଲା। ସେହିଭଳି ଆର୍ସେନାଲ ମହିଳା ବିଭାଗରେ ବର୍ଷର ଶ୍ରେଷ୍ଠ କ୍ଲବ ବିବେଚିତ ହୋଇଛି।

ଅପରପକ୍ଷରେ ପିଏସ୍‌ଜିର ମୁଖ୍ୟ ପ୍ରଶିକ୍ଷକ ଲୁଇସ ଏନରିକ୍ ବର୍ଷର ଶ୍ରେଷ୍ଠ ପୁରୁଷ କୋଚ୍ ଏବଂ ଇଂଲଣ୍ଡ ମହିଳା ଫୁଟ୍‌ବଲ ଦଳର ସାରିନା ୱିଗେମାନ ଶ୍ରେଷ୍ଠ ମହିଳା ଫୁଟ୍‌ବଲ କୋଚ୍ ହୋଇଛନ୍ତି। ଉଭୟ ପୁରସ୍କାର ଆକାରରେ ଜନ୍ କପ୍ ଟ୍ରଫି ଜିତିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS